ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ

# ନିଷ୍କର୍ଷ
# NISHKARSHA

RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 05 ♦ ISSUE- 12 ♦ CUTTACK ♦ WEEKLY ♦ 18 TO 24 - MARCH- 2024 ♦ 8 PAGE ♦ RATE- 5/- ■ ବର୍ଷ - ୦୫ ♦ ସଂଖ୍ୟା -୧୨ ♦ କଟକ ♦ ସାପ୍ତାହିକ ♦ ୧୮ ରୁ ୨୪- ମାର୍ଚ୍ଚ- ୨୦୨୪ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

## ଓଡ଼ିଶା ସହ ଲୋକସଭା ନିର୍ବାଚନ ପାଇଁ ତାରିଖ ଘୋଷଣା କଲେ ମୁଖ୍ୟ ନିର୍ବାଚନ କମିଶନର



**ନୂଆଦିଲ୍ଲୀ(ଏନ.ଏନ.):** ଦେଶର ସାଧାରଣ ନିର୍ବାଚନ ପାଇଁ ଆଜି ତାରିଖ ଘୋଷଣା ହୋଇଛି। ମୁଖ୍ୟ ନିର୍ବାଚନ କମିଶନ ରାଜୀବ କୁମାର ଓ ଦୁଇ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ସୁଖବୀର ସିଂହ ସାନ୍ଧୁ ମିଳିତ ଭାବେ ସାମ୍ବାଦିକ ସମ୍ମିଳନୀ କରି ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ଦେଶର ମୋଟ ୫୪୩ ଲୋକସଭା ଆସନ ପାଇଁ ୭ଟି ପର୍ଯ୍ୟାୟରେ ଭୋଟିଂ ହେବ। ପ୍ରଥମ ପର୍ଯ୍ୟାୟ ଭୋଟି ଏପ୍ରିଲ ୧୯ରୁ ଆରମ୍ଭ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଏପ୍ରିଲ ୨୬, ତୃତୀୟ ପର୍ଯ୍ୟାୟ ଭୋଟ ମେ’ ୭, ୪ର୍ଥ ପର୍ଯ୍ୟାୟ ଭୋଟ ମେ’ ୧୩, ୫ମ ପର୍ଯ୍ୟାୟ ଭୋଟ ୨୦, ୬ଷ୍ଠ ପର୍ଯ୍ୟାୟ ଭୋଟ ମେ’ ୨୫ ଓ ଶେଷ ପର୍ଯ୍ୟାୟ ଭୋଟ ଜୁନ ୧ରେ ଅନୁଷ୍ଠିତ। ଆଜି ନିର୍ବାଚନ କମିଶନ ଲୋକସଭା ବ୍ୟତୀତ ୪ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ମଧ ତାରିଖ ଘୋଷଣା କରିଛନ୍ତି। ଓଡ଼ିଶା, ଅରୁଣାଚଳ ପ୍ରଦେଶ, ସିକ୍କିମ ଓ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ମଧ ଲୋକସଭା ନିର୍ବାଚନ ସହ ସମାନ୍ତରଳ ଭାବେ ଅନୁଷ୍ଠିତ ହେବ। ସେହିପରି ବିଭିନ୍ନ ରାଜ୍ୟରେ ଖାଲି ପଡ଼ିଥିବା ୨୬ଟି ବିଧାନସଭା ଆସନ ପାଇଁ ଉପ ନିର୍ବାଚନ ହେବ। ମୁଖ୍ୟ ନିର୍ବାଚନ କମିଶନ ଶ୍ରୀ କୁମାରଙ୍କ ଘୋଷଣା ଅନୁଯାୟୀ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଭୋଟ ହେବ। ମେ’ ୧୩, ମେ ୨୦, ମେ’ ୨୫ ଓ ଜୁନ ୧ରେ ଓଡ଼ିଶାବାସୀ ସମସ୍ତ ୧୪୭ଟି ଆସନ ପାଇଁ ଭୋଟ ଦେବେ। ଜୁନ ୪ରେ ଲୋକସଭା ସହ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ଦେଶର ପ୍ରାୟ ୯୭ କୋଟି ପଞ୍ଜୀକୃତ ଭୋଟର ଇଭିଏମ ଦ୍ୱାରା ପରବର୍ତ୍ତୀ ସରକାର ଗଠନ ପାଇଁ ନିଜର ମତାଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ୧୦.୫ ଲକ୍ଷ ଅଧିକ ବୁଥ ନିର୍ବାଚନ କମିଶନଙ୍କ ପକ୍ଷରୁ ସମଗ୍ର ଦେଶରେ ତିଆରି କରାଯିବ। ନିର୍ବାଚନକୁ ସୂଚାରରୂପେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ଚଳିତ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ନେଇ ସୂଚନା ଦେଲା ବୋର୍ଡ଼

### ‘ନିର୍ଦ୍ଧାରିତ ସମୟରେ ବାହାରିବ ମାଟ୍ରିକ ରେଜଲ୍ଟ, ୭ ଦିନରେ ମିଳିବ ଡିଜିଟାଲ ସାର୍ଟିଫିକେଟ’



କଟକ(ଏନ୍.ଏମ୍.): ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳପ୍ରକାଶନକୁ ନେଇ ମାଧମିକ ଶିକ୍ଷା ପରିଷଦ ଓଡ଼ିଶା (ବୋର୍ଡ଼) ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି। ଚଳିତ ବର୍ଷ ନିର୍ଦ୍ଧାରିତ ସମୟରେ ମାଟ୍ରିକ ରେଜଲ୍ଟ ପ୍ରକାଶ ପାଇବ। ନିର୍ବାଚନ କାମ ଏଥିରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି କରୁଥିଲେ ବି ମାଟ୍ରିକ ରେଜଲ୍ଟ ନିର୍ଦ୍ଧାରିତ ସମୟରେ ପ୍ରକାଶ ପାଇବ ବୋଲି ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ଛାତ୍ରଛାତ୍ରୀ ପାଇପାରିବେ ଡିଜିଟାଲ ସାର୍ଟିଫିକେଟ। ରେଜଲ୍ଟ ପ୍ରକାଶର ୭ ଦିନ ମଧରେ ଏହି ସାର୍ଟିଫିକେଟ ମିଳିବ ବୋଲି ଆଜି ବୋର୍ଡ ପକ୍ଷରୁ ଆୟୋଜିତ ପ୍ରେସମିଟରେ କୁହାଯାଇଛି। ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇଙ୍କ ସୂଚନା ଅନୁଯାୟୀ, ଗତ କାଲିଠୁ ଖାତାଦେଖା ଆରମ୍ଭ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କଲା ରାଜ୍ୟ ବିଜେପି ; ସଂସଦୀୟ କମିଟି ଦେବ ମୋହର



**ଭୁବନେଶ୍ୱର(ଏନ୍.ଏମ୍.):** ନିର୍ବାଚନ ବିଗୁଲ ବାଜୁ ବାଜୁ ବିଜେପି ତା’ର ନିର୍ବାଚନ କସରତ ଆରମ୍ଭ କରିଦେଇଛି। ଗତକାଲି ଭୁବନେଶ୍ୱର ରାଜ୍ୟ ଅଫିସରେ ହୋଇଥିବା ନିର୍ବାଚନ କମିଟି ବୈଠକରେ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ସ୍ଥିର କରିଛି ବିଜେପି। ନିର୍ଦ୍ଧାରିତ ୧୪୭ ଗଖଇ, ୨୧ ଗଚ ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ସ୍ଥିର ହୋଇଛି। ଏହି ସମ୍ଭାବ୍ୟ ପ୍ରାର୍ଥୀ ତାଲିକା କେନ୍ଦ୍ର ସଂସଦୀୟ ବୋର୍ଡକୁ ପଠାଯିବ। ଏହି ରିପୋର୍ଟରେ କେନ୍ଦ୍ର ସଂସଦୀୟ ବୋର୍ଡର ଚୂଡ଼ାନ୍ତ ମୋହର ବାଜିବ। ମୋହର ବାଜିବା ପରେ ରାଜ୍ୟ ବିଜେପି ତାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିବ।ଏହାସହ ବିକଶିତ ଭାରତ ଗଠନ ପାଇଁ ଜନସହଭାଗିତା ଓ ଜନସହଯୋଗ ପାଇଁ ଦେଶବାସୀଙ୍କୁ ମୋଦି ଲେଖିଥିବା ଚିଠିକୁ ରାଜ୍ୟର ୧ କୋଟି ପରିବାର ପାଖରେ ପହଞ୍ଚାଇବାକୁ ପ୍ରସ୍ତୁତ ହୋଇଛି ଯୋଜନା। ଭୁବନେଶ୍ୱର ଅଫିସରେ ସବୁ ବରିଷ୍ଠ ନେତାଙ୍କୁ ନେଇ ରାଜ୍ୟ ନିର୍ବାଚନ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ସକାଳେ ପ୍ରଥମେ ରାଜ୍ୟ କୋର୍ କମିଟି ଓ ପରେ ରାଜ୍ୟ ନିର୍ବାଚନ କମିଟି ବୈଠକ ହୋଇଥିଲା। ଏହି ବୈଠକରେ ୨୦୨୪ ନିର୍ବାଚନ ଏକମାତ୍ର ଫୋକସ୍ ଥିଲା। ଏହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସବୁ ବିଧାନସଭା ଓ ଲୋକସଭା ପାଇଁ ରାଜ୍ୟ ବିଜେପି ପ୍ରାର୍ଥୀ ଚୂଡ଼ାନ୍ତ କରିଥିବା ଜଣାପଡ଼ିଛି। ଏହାର ସବିଶେଷ ରିପୋର୍ଟ କେନ୍ଦ୍ରୀୟ ସଂସଦୀୟ ବୋର୍ଡକୁ ପଠାଯିବ। ଏହା ସହିତ ବୈଠକରେ ମୋଦି ସରକାରର ୧୦ ବର୍ଷର ସଫଳତାକୁ ଘରେ ଘରେ ପହଞ୍ଚାଇବ, ଏ ସଂପର୍କରେ ଲୋକଙ୍କର ମତାମତ ସଂଗ୍ରହ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ସାଧାରଣ ନିର୍ବାଚନ: ଅଯୋଗ୍ୟ ପ୍ରାର୍ଥୀ ତାଲିକାରେ ଓଡ଼ିଶାରୁ ୩୫ ଜଣ




**ନୂଆଦିଲ୍ଲୀ(ଏଜେନ୍ସି):** ଭାରତର ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ଦ୍ୱାରା ଆଜି ଜାରି କରାଯାଇଥିବା ଅଯୋଗ୍ୟ ପ୍ରାର୍ଥୀ ତାଲିକାରେ ଓଡ଼ିଶାର ୩୫ ଜଣଙ୍କ ନାମ ରହିଛି। ଏମାନେ ୨୦୧୯ ଲୋକସଭା ବା ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କିନ୍ତୁ ନିର୍ବାଚନ ଖର୍ଚ୍ଚ ବିବରଣୀ ଦାଖଲ କରିନଥିଲେ। ଯାହା ଫଳରେ ଜନପ୍ରତିନିଧି ଆଇନ-୧୯୫୧ର ଧାରା ୧୦(ଏ)ରେ ଏହି ସବୁ ପ୍ରାର୍ଥୀଙ୍କୁ ଅନ୍ୟୁନ ୩ ବର୍ଷ ପର୍ଯ୍ୟନ୍ତ ନିର୍ବାଚନ ଲଢ଼ିବାକୁ ଅଯୋଗ୍ୟ ଘୋଷଣା କରାଯାଇଛି। ଅଯୋଗ୍ୟ ପ୍ରାର୍ଥୀମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଆୟୋଗଙ୍କ ଦ୍ୱାରା ଜାରି ତାଲିକାରେ କେନ୍ଦୁଝର (ଏସ୍ଟି) ସଂସଦୀୟ କ୍ଷେତ୍ରରୁ ଡ. ସୁଦର୍ଶନ ଲୋହାର, କନ୍ଧମାଳ ସଂସଦୀୟ କ୍ଷେତ୍ରରୁ ଅମିର ନାଏକ ଓ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରୁ ଭକ୍ତ ଶେଖର ରାୟଙ୍କ ନାମ ରହିଛି। ଏମାନଙ୍କ ଅଯୋଗ୍ୟତା ଅବଧି ଜୁନ ୨୯ ,୨୦୨୪ରେ ଶେଷ ହେବ। ସେହିଭଳି ଅଯୋଗ୍ୟ ତାଲିକାରେ ବିଧାନସଭା ନିର୍ବାଚନ ଲଢ଼ିଥିବା ୩୨ ଜଣଙ୍କ ନାମ ଉଲ୍ଲେଖ ରହିଛି। ଏଥିରେ ବିଜେପୁରରୁ ରିପୁନାଥ ସେଠ, ସମ୍ବଲପୁରର ଲକ୍ଷଣ କୁମାର ଭୋଇ ଓ ଘସିପୁରାରୁ କିଶୋର କୁମାର ପଲେଇଙ୍କ ଅଯୋଗ୍ୟତା ଡିସେମ୍ବର ୧୨, ୨୦୨୪ ପର୍ଯ୍ୟନ୍ତ ରହିବ। ବାଲିଗୁଡ଼ାରୁ ସୁଷମା କହଁର, ଯାଜପୁରରୁ ଆଦିତ୍ୟ ପ୍ରତାପ ଧିରଦେଓ , ସୋନପୁରରୁ ଟଙ୍କଧର ଖମାରୀ, ଆଳିରୁ ସତ୍ୟଜିତ ସ୍ୱାଇଁ ଓ ବାଲିକୁଦା-ଏରସମାରୁ ମୃତ୍ୟୁଞ୍ଜୟ ସ୍ୱାଇଁଙ୍କ ଅଯୋଗ୍ୟତା ଜୁନ ୨୯, ୨୦୨୪ ପର୍ଯ୍ୟନ୍ତ ବଳବତ୍ତର ରଖାଯାଇଛି। କରଞ୍ଜିଆର ବୈଦ୍ୟନାଥ ସିଂଙ୍କ ଅଯୋଗ୍ୟତା ଜାନୁଆରୀ ୩, ୨୦୨୫ରେ, ପାଳଲହଡ଼ାରୁ ବିନୋଦ ବିହାରୀ ବୋଇତ, ଢେଙ୍କାନାଳରୁ ଭଜମନ ରାଉତ ଓ ଅକ୍ଷୟ ରାଉତ, ଯଶୀପୁରରୁ ଜଗନ୍ନାଥ ସୋରେନ ଓ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ଦେଶର ଟପ୍ ୨୩ ସଫଳ ମହିଳାଙ୍କ ଭିତରେ ଆଦିବାସୀ ଝିଅ ଜୟନ୍ତୀ



**ମାଲକାନାଗିରି(ଏନ୍.ଏମ୍.):** ଦେଶର ଟପ୍ ସଫଳ ୨୩ ମହିଳାଙ୍କ ଭିତରେ ଅଛନ୍ତି ଆଦିବାସୀ ଝିଅ ଜୟନ୍ତୀ। ଅନ୍ତର୍ଜାତିୟ ମାଗାଜିନ୍ ଋକ୍ସକ୍ସଭରସ୍ସ ତାଲିକାରେ ସେ ପାଇଛନ୍ତି ସ୍ଥାନ। ସାରା ବିଶ୍ୱ ଦେଖିଲା ଜୟନ୍ତୀଙ୍କ ସଫଳ ଗାଥା। ଫରବେସ ମାଗାଜିନରେ ଫଟୋ ବାହାରିବା ପରେ ତାଙ୍କ ପାଖକୁ ଛୁଟୁଛି ଶୁଭେଚ୍ଛାର ସୁ। ସେପଟେ ଦେଶର ଟପ୍ ସଫଳ ମହିଳାଙ୍କ ଭିତରେ ଜୟନ୍ତୀ ଥିବାରୁ ମାଲକାନଗିରିରେ ଖୁସିର ଲହରୀ ଖେଳି ଯାଇଛି। ମାଲକାନଗିରିର ଆଦିବାସୀ ଝିଅ ଜୟନ୍ତୀ ବୁରୁଦା। ଗ୍ରାଜୁଏସନ୍ ପାସ୍ କରିବା ପରେ ସାମ୍ବାଦିକତା କରୁଥିଲେ। ବଣ ଜଙ୍ଗଲ ଘେରା ବଣ୍ଡା ଘାଟି, ମୁଦୁଲିପଡ଼ା ଓ ନକ୍ସଲ ପ୍ରବଣ କାଳିମେଳା, ମାଥିଲି ଅଞ୍ଚଳରେ ରିପୋର୍ଟିଂ କରୁଥିଲେ। ଯେଉଁଥିପାଇଁ ତାଙ୍କୁ ଘଡଗଓ (ଘରସ୍ୱ-ଙ୍କ୍ସକ୍ସଳ କ୍ସଲ ତକ୍ସଙ୍ଗବଭ ସଭ ଗରୟସବ ଓଭୟସବ) ତରଫରୁ ଫେଲୋସିପ୍ ପ୍ରଦାନ କରାଯାଇଥିଲା। ରିପୋର୍ଟିଂ ସମୟରେ ସେ ନିଜ ସମ୍ପ୍ରଦାୟର ଗରିବ ଆଦିବାସୀ ମହିଳା ଓ ଯୁବତୀଙ୍କୁ ପାଖରୁ ଦେଖିଥିଲେ। ଋତୁସ୍ରାବ ନେଇ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ▶

## ନିର୍ବାଚନ ପୂର୍ବରୁ ବଡ଼ ଭେଟି, ୧୫ଟଙ୍କା କମିଲା ପେଟ୍ରୋଲ-ଡିଜେଲ୍ ଦାମ୍

**ନୂଆଦିଲ୍ଲୀ(ଏନ.ଏନ.):** ନିର୍ବାଚନ ପୂର୍ବରୁ ବଡ଼ ଭେଟି। କମିଲା ପେଟ୍ରୋଲ-ଡିଜେଲ ଦାମ୍। ପାଖାପଖି ୧୫ଟଙ୍କା କମିଲା ତୈଳ ଦର। ନିର୍ବାଚନୀ କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ ହେବା ପୂର୍ବରୁ କେନ୍ଦ୍ରଶାସିତ ଅଞ୍ଚଳ ଲାକ୍ଷାଦ୍ୱୀପରେ ପେଟ୍ରୋଲ-ଡିଜେଲ ଦାମ୍ ୧୫ ଟଙ୍କା ଯାଏଁ କମ୍ କରାଯାଇଥିବା କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରୀଦୀପ ସିଂହ ପୁରୀ ସୂଚନା ଦେଇଛନ୍ତି। ଲାକ୍ଷାଦ୍ୱୀପ ଏଣ୍ଡ୍ରୋଟ ଓ କଳାପାଣି ଦ୍ୱୀପରେ ପେଟ୍ରୋଲ ଓ ଡିଜେଲର ଲିଟର ପିଛା ୧୫.୩ ଟଙ୍କା କମ୍ କରାଯାଇଛି। ସେହିପରି ମିନିକୟରେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୫.୨ଟଙ୍କା କମିଛି। ଏନେଇ ସୋଶିଆଲ ମିଡିଆ ପ୍ଲାଟଫର୍ମରେ କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି। କହିରଖୁ ଯେ, ଗତ ଗୁରୁବାର ଦିନ କେନ୍ଦ୍ର ସରକାର ସାରା ଦେଶରେ ଲିଟର ପିଛା ପେଟ୍ରୋଲ ଓ ଡିଜେଲ ଦାମରେ ୨ଟଙ୍କା ହ୍ରାସ କରିଥିଲେ। ନିର୍ବାଚନ ଆୟୋଗଙ୍କ ନିର୍ବାଚନୀ ତାରିଖ ଘୋଷଣା କରିବାର ଠିକ୍ ପୂର୍ବରୁ ଏହି ଘୋଷଣା କରାଯାଇଥିଲା। ଗଲା ଦୁଇ ବର୍ଷ ହେଲା ପେଟ୍ରୋଲ ଓ ଡିଜେଲ ଦାମ୍ ସ୍ଥିର ଥିଲା। ଏଥିରେ କୌଣସି ପରିବର୍ତ୍ତନ ହୋଇନଥିଲା। ଏବେ ଦାମ୍ କମିବା ପରେ ଓଡ଼ିଶାରେ ପେଟ୍ରୋଲ ଲିଟର ପିଛା ୧୦୧ଟଙ୍କାରେ ପହଞ୍ଚିଛି। ସେହିପରି ଡିଜେଲ ଦର ଲିଟର ପିଛା ୯୨.୬୨ରେ ପହଞ୍ଚିଛି। ସେହିପରି ନୂଆ ଦର ଲାଗୁ ହେବା ପରେ ଦିଲ୍ଲୀରେ ଏଣିକି ଲୋକମାନେ ପେଟ୍ରୋଲ ଲିଟର ପିଛା ୯୪.୭୨ ଟଙ୍କାରେ ପହଞ୍ଚିଛି। ପୂର୍ବରୁ ସେମାନଙ୍କୁ ୯୬.୭୨ ଟଙ୍କା ଦେବାକୁ ପଡୁଥିଲା। ସେହିପରି ମୁମ୍ବାଇରେ ପେଟ୍ରୋଲ ଦର ୧୦୬.୩୧ ଟଙ୍କାରୁ ଖସି ୧୦୪.୨୧ ଟଙ୍କା, କୋଲକାତାରେ ୧୦୬.୦୩ ଟଙ୍କାରୁ ୧୦୩.୯୪ ଟଙ୍କା ଓ ଚେନ୍ନାଇବାସୀ ୧୦୨.୬୩ ଟଙ୍କା ବଦଳରେ ୧୦୦.୭୨ ଟଙ୍କା ଦେଇ କାଲି ସକାଳ ୬ଟାରୁ ପେଟ୍ରୋଲ ପାଇବେ।

## ସୁଖବୀର ସିଂହ ସାନ୍ଧୁ ଓ ଜ୍ଞାନେଶ କୁମାର ହେଲେ ଇଲେକ୍ସନ କମିଶନର



**ନୂଆଦିଲ୍ଲୀ(ଏଜେନ୍ସି):** ସୁଖବୀର ସିଂହ ସାନ୍ଧୁ ଓ ଜ୍ଞାନେଶ କୁମାରଙ୍କୁ ନିର୍ବାଚନ ଆୟୁକ୍ତ ଭାବେ ନିଯୁକ୍ତି ମିଳିଛି। ଖାଲି ପଡ଼ିଥିବା ୨ ଜଣ ନିର୍ବାଚନ କମିଶନର ପଦବୀରେ ଏମାନଙ୍କୁ ନିଯୁକ୍ତି ମିଳିବ। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏନେଇ ସରକାରୀସ୍ତରରେ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନଥିଲେ ମଧ ଲୋକସଭାର ବିରୋଧୀ ଦଳ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି, ଦୁଇ ଜଣ ପ୍ରଶାସନିକ ଅଧିକାରୀ ସୁଖବୀର ସିଂହ ସାନ୍ଧୁ ଏବଂ ଜ୍ଞାନେଶ କୁମାରଙ୍କୁ ଇଲେକ୍ସନ କମିଶନର କରିବାକୁ ନିଷ୍ପତ୍ତି ନିଆଯାଇଛି। ନିର୍ବାଚନ କମିଶନର ନିଯୁକ୍ତି ନେଇ ଆଜି ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ବୈଠକ ବସିଥିଲା। ଏହି ବୈଠକରେ ଅଧୀର ରଞ୍ଜନ ଚୌଧୁରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଉପସ୍ଥିତ ଥିଲେ। ୨୧୨ ଜଣଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା। ଏମାନଙ୍କ ମଧ୍ୟରୁ ଏହି ଦୁଇ ଜଣଙ୍କୁ ବଛାଯାଇଛି। ସୂଚନାଯୋଗ୍ୟ, ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେଙ୍କ କାର୍ଯ୍ୟକାଳ ଗତ ମାସରେ ଶେଷ ହୋଇଥିଲା। ସେ ଅବସର ନେବା ପରେ ଗୋଟିଏ ପଦବୀ ଖାଲି ପଡିଥିଲା। ଏହାର କିଛି ଦିନ ପରେ ହଠାତ୍ ଇସ୍ତଫା ଦେଇଥିଲେ ଅରୁଣ ଗୋଏଲ। ଦୁଇଟି ପଦବୀ ଖାଲି ପଡିଥିବାରୁ ଆଜି ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଜଣେ ମନ୍ତ୍ରୀ ଏବଂ ଜଣେ ବିରୋଧୀ ଦଳର ନେତାଙ୍କୁ ନେଇ ବୈଠକ ବସିଥିଲା, ଯେଉଁଥିରେ ସୁଖବୀର ସିଂହ ସାନ୍ଧୁ ଓ ଜ୍ଞାନେଶ କୁମାରଙ୍କୁ ନିର୍ବାଚନ କମିଶନର ନିଯୁକ୍ତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପୁନଶ୍ଚ ବିରୋଧୀ ଦଳ ନେତା ଶ୍ରୀ ଚୌଧୁରୀ ଏହି ନିଯୁକ୍ତିକୁ ନେଇ ସନ୍ତୁଷ୍ଟ ନଥିବା କହିଛନ୍ତି। ସେ କହିଛନ୍ତି ଯେ, ସଂଖ୍ୟାଗରିଷ୍ଠତା ବଳରେ ମୋଦୀ ସରକାର ନିଜେ ଚାହୁଁଥିବା ଅଧିକାରୀଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ତେବେ ଏହି ଚୟନ ପ୍ୟାନେଲରେ ଭାରତର ପ୍ରଧାନ ବିଚାରପତି ରହିବାର ନିୟମ ଥିଲେ ମଧ ତାଙ୍କୁ ରଖାନଯିବା ଅନୁଚିତ ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ନିଯୁକ୍ତି ଦିଆଯିବ।

## ପ୍ରେମ ଆଦିମ ଓ ଶାଶ୍ୱତ

## ଦିବ୍ୟାଙ୍ଗଙ୍କୁ ଜୀବନସାଥୀ କଲେ ବିଦୁସ୍ମିତା, ସମାଜ ପାଇଁ ସୃଷ୍ଟି କଲେ ଉଦାହରଣ




**ବାଲେଶ୍ୱର(ଏନ୍.ଏମ୍.):** ଆଜି ଏହି ସ୍ୱାର୍ଥ ପର ଦୁନିଆରେ ଦେଖିବାକୁ ମିଳିଛି ବିରଳ ମାନବିକତା। ଯିଏ କି ନିଜର ସବୁ ସ୍ୱପ୍ନକୁ ପଛରେ ପକାଇ ସମାଜ ପାଇଁ ସୃଷ୍ଟି କରିଛନ୍ତି ଏକ ଉଦାହରଣ। ଝିଅଟିଏ ସ୍ୱପ୍ନ ଦେଖିଥାଏ କିପରି ଏକ ଭଲ ସ୍ୱାମୀଟିଏ ପାଇବ ଏବଂ ସୁଖରେ ଘର ସଂସାର କରିବ। ହେଲେ ଜଣେ ଦିବ୍ୟାଙ୍ଗଙ୍କୁ ଜୀବନସାଥୀ ଭାବେ ବାଛି ସମାଜରେ ଉଦାହରଣ ସୃଷ୍ଟି କରିଛନ୍ତି ଜଣେ ଯୁବତୀ। ବାଲେଶ୍ୱର ଜିଲ୍ଲା ସୋରଠାରେ ଥିବା ତାରିଣୀ ମନ୍ଦିରରେ ହୋଇଛି ଏହି ନିଆରା ବିବାହ। ଯାହାକି ସମାଜ ପାଇଁ ଉଦାହରଣ ସାଜିଛି। ପ୍ରେମ ଚିରନ୍ତନ, ପ୍ରେମ ଶାଶ୍ୱତ। ବାଲେଶ୍ୱର ଜିଲ୍ଲା ଶିମୁଳିଆ ବ୍ଲକ ଶେରପୁର ଗାଁର ବସନ୍ତ ପାଣିଗ୍ରାହୀ ଓ ଭଦ୍ରକ ଜିଲ୍ଲା ତିହିଡି ଅଞ୍ଚଳର ବିଦୁସ୍ମିତା ଲେଙ୍କା। ଏହି ଦୁଇ ପ୍ରେମ ପକ୍ଷୀ ଦୀର୍ଘ ୮ ବର୍ଷ ଧରି ଉଭୟ ଉଭୟଙ୍କୁ ବହୁତ ଭଲ ପାଉଥିଲେ। ଆଉ ସେତେବେଳେ ସେମାନଙ୍କ ଭିତରେ ଗଢ଼ି ଉଠିଥିଲା ପ୍ରେମ ସମ୍ପର୍କ। ଦୁଇ ଜଣ ପରସ୍ପରକୁ ପୂର୍ବରୁ କଥା ଦେଇଥିଲେ କେହି କାହାକୁ ଛାଡ଼ିବେ ନାହିଁ। ହେଲେ ଦିନେ ଅଚାନକ ଘଟିଗଲା ଏକ ଅଘଟଣ। ପ୍ରେମିକ ବସନ୍ତ ପାଣିଗ୍ରାହୀ ବାଇକରେ ଯିବା ବାଟରେ ଦୁର୍ଘଟଣାରେ ଶିକାର ହୋଇଥିଲେ ଯାହାଦ୍ୱାରା ତାଙ୍କର ସ୍ପାଇନାଲ କର୍ଡରେ ଗୁରୁତର ଆଘାତ ହୋଇଥିଲା ଏବଂ ସେ ସ୍ନାୟୁ ଜନିତ ରୋଗରେ ପଡ଼ିଯାଇଥିଲେ। ଦୀର୍ଘ ୪ ମାସ ଧରି ଡାକ୍ତରଖାନାରେ ଚିକିତ୍ସା ହେବା ପରେ ତାଙ୍କର ଗୋଡ଼ ଭଲ ହୋଇନଥିଲା ଏବେ ପର୍ଯ୍ୟନ୍ତ ତାଙ୍କ ଗୋଡ଼ ଅଚଳ ହୋଇଯାଇଛି। ତେଣୁ ସବୁଦିନ ପାଇଁ ସେ ହୁଇଲ ଚେୟାରରେ ବସିବାକୁ ବାଧ ହୋଇଯାଇଛନ୍ତି। ବସନ୍ତ ନିଜର ଅକ୍ଷମତା ପାଇଁ ପ୍ରେମିକା ବିଦୁସ୍ମିତାଙ୍କୁ ଅନ୍ୟତ୍ର ବିବାହ ପାଇଁ କହିଥିଲେ। କିନ୍ତୁ ବିଦୁସ୍ମିତା ତାଙ୍କର କୌଣସି କଥାକୁ ଖାତିର ନକରି ତାଙ୍କ ହାତ ଧରିବାକୁ କହିଥିଲେ। ଉଭୟ ରାଜି ହୋଇଥିଲେ ବିବାହ ପାଇଁ। ଏହି ଘଟଣାକୁ ନେଇ ଝିଅ ଘର ଲୋକ ରାଜି ନହେବାରୁ ସେ ଘରୁ ପଳାଇ ଆସିଥିଲେ। ପରେ ଝିଅ ଘର ଲୋକ ବାଧ୍ୟ ହୋଇ ବିବାହ ପାଇଁ ରାଜି ହୋଇଥିଲେ। ସବୁ କିଛି ଜାଣି ମଧ ବିଦୁସ୍ମିତା ନିଜ ପ୍ରେମକୁ ପାଇବା ପାଇଁ ସବୁକିଛି ତୁଚ୍ଛ କରିଦେଇଛନ୍ତି। ଆଉ ବସନ୍ତଙ୍କ ସହିତ ଜୀବନ ବିତାଇବାକୁ ପଣ କରିଛନ୍ତି। ଉଭୟଙ୍କ ଭଲ ପାଇବା ପାଖରେ ହାର ମାନିଛି ଅକ୍ଷମତା। ବିଦୁସ୍ମିତା ଏକ ମହାନ କାମ କରି ସମାଜର ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଏହି ନିଆରା ପ୍ରେମକୁ ସ୍ୱୀକୃତି ମିଳିବା ପରେ ବସନ୍ତ ଆଉ ବିଦୁସ୍ମିତା ସାରା ଜୀବନ ପାଇଁ ହୋଇଛନ୍ତି ଜୀବନସାଥୀ। ସୋମବାର ଦିନ ସମସ୍ତ ବୈଦିକ ରୀତିନୀତି ଅନୁଯାୟୀ ବିବାହ ସମ୍ପନ୍ନ ହୋଇଥିବାବେଳେ ଉଭୟ ବେଶ ଖୁସି ଥିବା ଦେଖିବାକୁ ମିଳିଛି। ଏନେଇ ବିଦୁସ୍ମିତା କହିଛନ୍ତି, ଯଦି ବିବାହ ପରେ ଏପରି ଅଘଟଣ ଘଟିଥାନ୍ତା ତେବେ ସେ କଣ ତାଙ୍କ ହାତ ଛାଡିଦେଇଥାନ୍ତି। ମୁଁ ତାଙ୍କ ମନକୁ ଭଲପାଇଥିଲି, ଶରୀରକୁ ନୁହେଁ।

## ଙ୍ଗ. ମହମ୍ମଦ ମୋକିମଙ୍କୁ ସୁପ୍ରିମକୋର୍ଟରୁ ମିଳିଲା ଆଶ୍ୱସ୍ତି



**କଟକ(ଏନ୍.ଏମ୍.):** ସୁପ୍ରିମକୋର୍ଟରୁ କଂଗ୍ରେସ ନେତା ମହମ୍ମଦ ମୋକିମଙ୍କୁ ମିଳିଲା ଆଶ୍ୱସ୍ତି। ହାଇକୋର୍ଟଙ୍କ ରାୟ ଉପରେ ରହିତାଦେଶ ଦେଲେ ସୁପ୍ରିମକୋର୍ଟ। ଦୁଇ ସପ୍ତାହ ତଳେ ମୋକିମଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ ହାଇକୋର୍ଟ। ତାଙ୍କ ବିରୋଧରେ ଆସିଥିବା ନିର୍ବାଚନୀ ଅନିୟମିତତା ମାମଲାର ଶୁଣାଣି କରି ଏପରି ରାୟ ପ୍ରକାଶ କରିଥିଲେ ହାଇକୋର୍ଟ। ଗତ ବିଧାନସଭା ନିର୍ବାଚନରେ ନାମାଙ୍କନ ଦାଖଲବେଳେ ଅପରାଧିକ ମାମଲାର ସବିଶେଷ ତଥ୍ୟ ଦେଇ ନଥିଲେ ମୋକିମ। ଏପରିକି ସେ ଜାଣିଶୁଣି କିଛି କ୍ୟାଟେଗରୀ ଛାଡ଼ି ଯାଇଥିଲେ। ନାମାଙ୍କନ ପତ୍ରରେ ଏ ସମ୍ପର୍କିତ ତଥ୍ୟ ଲୁଚାଇଥିବାରୁ ତାହା ଆରଟିଆଇ ଆକ୍ଟକୁ ଉଲ୍ଲଘଂନ କରୁଛି ବୋଲି ବିଜେଡି ନେତା ତଥା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଦେବାଶିଷ ସାମନ୍ତରାୟ ଅଭିଯୋଗ କରିଥିଲେ। ଦେବାଶିଷ ଏନେଇ ୨୦୧୯ ମସିହାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏକ ମାମଲା ରୁଜୁ କରିଥିଲେ। ସେହି ଆଧାରରେ କୋର୍ଟ ପକ୍ଷରୁ ଉଭୟ ପକ୍ଷଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଆବଶ୍ୟକ କାଗଜପତ୍ର ବି ଉପସ୍ଥାପନ କରାଯାଇଥିଲା। ଦୀର୍ଘ ଦିନ ଧରି ଏହି ମାମଲା ଚାଲିଥିବା ବେଳେ ଗତ ୪ ତାରିଖରେ ହାଇକୋର୍ଟ ରାୟ ପ୍ରକାଶ କରି ମହମ୍ମଦ ମୋକିମଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ।

# ସୋମିଙ୍କୁ ବାହା ହେଲେ ରାକ୍ଷୀ ସାୱନ୍ତଙ୍କ ପୂର୍ବତନ ସ୍ୱାମୀ ଆଦିଲ



**ମୁମ୍ବାଇ(ଏଜେନ୍ସି):** ରାକ୍ଷୀ ସାୱନ୍ତଙ୍କ ପୂର୍ବତନ ସ୍ୱାମୀ ଆଦିଲ ଖାନ ଦୁରାନୀ ପୁଣି ବିବାହ କରିଛନ୍ତି। ସେ ବିଗବସ ୧୨ର ପ୍ରତିଯୋଗୀ ସୋମି ଖାନଙ୍କୁ ମାର୍ଚ୍ଚ ୩ ତାରିଖରେ ବିବାହ କରିଥିବା ଖବର ସାମ୍ନାକୁ ଆସିଛି। ଗୁରୁବାର ଆଦିଲ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଇସଲାମ ରୀତିନୀତିରେ ହୋଇଥିବା ବାହାଘର ବେଳର କିଛି ଫଟୋ ପୋଷ୍ଟ କରିଛନ୍ତି। ପ୍ରଥମ ଫଟୋରେ ଆଦିଲ ଓ ସୋମି ସେମାନଙ୍କର ନିକା ନାମା ବା ବିବାହ ପ୍ରମାଣପତ୍ର ଧରିଛନ୍ତି। ବାହାଘର ବେଳେ ସୋମି ନାଲି ରଙ୍ଗର ଲେହେଙ୍ଗା ପିନ୍ଧିଥିବା ବେଳେ ଆଦିଲ ଫିକା ଧଳା ରଙ୍ଗର ଶେରୱାନୀ ପିନ୍ଧିଥିଲେ। ନିକା ବେଳର କିଛି ଫଟୋକୁ ମଧ୍ୟ ଆଦିଲ ଶେୟାର କରିଛନ୍ତି। ସେ ଫଟୋ ସହ ସୋଶାଲ ମିଡିଆ ଆକାଉଣ୍ଟରେ ଲେଖିଛନ୍ତି ଯେ ଅତ୍ୟନ୍ତ ସରଳ ଓ ସୁନ୍ଦର ଭାବେ ସମଙ୍କ ଆଶୀର୍ବାଦ ନେଇ ଆମର ନିକା ଶେଷ ହୋଇଛି। ସମସ୍ତଙ୍କ ଭଲ ପାଇବା ଓ ସମର୍ଥନ ପାଇଁ ଧନ୍ୟବାଦ। ଆମେ ଏକାଠି ସ୍ୱାମୀ-ସ୍ତ୍ରୀ ଭାବେ ନୂଆ ଯାତ୍ରା ଆରମ୍ଭ କରିବାକୁ ବେଶ ଉତ୍ସାହିତ। ଆମକୁ ସମସ୍ତେ ନିଜ ନିଜର ପ୍ରାର୍ଥନାରେ ମନେ ରଖନ୍ତୁ ବୋଲି ଆଦିଲ ଅନୁରୋଧ କରିଛନ୍ତି। ଗତବର୍ଷ ଜାନୁଆରୀରେ ରାକ୍ଷୀ ସାୱନ୍ତ ସୋଶାଲ ମିଡିଆରେ ଆଦିଲଙ୍କ ସହ ତାଙ୍କର ବାହାଘର ହୋଇଥିବା କଥା ଘୋଷଣା କରିଥିଲେ। ସେ ବାହାଘର ବେଳର ଏକାଧିକ ଫଟୋ ମଧ୍ୟ ପୋଷ୍ଟ କରି ସମସ୍ତଙ୍କୁ ଖୁସି ଖବର ଦେଇଥିଲେ। ରାକ୍ଷୀ ଦେଖାଇଥିବା ବିବାହ ପ୍ରମାଣପତ୍ର ଅନୁଯାୟୀ ସେ ଓ ଆଦିଲ ୨୦୨୨ ମସିହା ମେ' ୨୯ ତାରିଖରେ ବାହା ହୋଇଥିଲେ। ବାହାଘରର କିଛି ଦିନ ପରେ ସବୁ କିଛି ବଦଳି ଯାଇଥିଲା। ହଠାତ୍ ଆଦିଲଙ୍କ ନାଁରେ ଘରୋଇ ହିଂସା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଅଭିଯୋଗ ଆଣିଥିଲେ ରାକ୍ଷୀ। ୨୦୨୩ ଫେବୃଆରୀ ୭ରେ ମୁମ୍ବାଇ ପୁଲିସ ଆଦିଲଙ୍କୁ ଗିରଫ କରିଥିଲା। ୫ ମାସ ଜେଲରେ ରହିବା ପରେ ସେ ମୁକୁଳି ଥିଲେ। ଏସବୁ ଭିତରେ ମାର୍ଚ୍ଚ ମାସରେ ଉଭୟଙ୍କ ଛାଡ଼ପତ୍ର ହୋଇଯାଇଥିବା ରାକ୍ଷୀ କହିଥିଲେ।

# ବିନା ଅନୁମତିରେ ଭିଡିଓ କରୁଥିଲେ ଫ୍ୟାନ୍, ରାଗିଗଲେ ସଲମାନ

**ମୁମ୍ବାଇ(ଏଜେନ୍ସି):** ବଲିଉଡର ଭାଇଜାନ ସଲମାନ ଖାନ୍। ସେ ଯେତିକି ହ୍ୟାଣ୍ଡସମ୍ ସେତିକି ରାଗି। ଏଥିପାଇଁ ତାଙ୍କୁ ଏଙ୍ଗ୍ରି ମ୍ୟାନ୍ ବୋଲି କୁହାଯାଏ। ବହୁ ସମୟରେ ସେ ରିପୋର୍ଟର ହୁଅନ୍ତୁ ଅବା ଫ୍ୟାନ୍, ତାଙ୍କ ଉପରେ ରାଗି ଯାଇ ତାଙ୍କୁ ଦୁର୍ବ୍ୟବହାର କରିଥିବା ନଜିର ରହିଛି। ଏବେ ପୁଣି ଥରେ ଦେଖିବାକୁ ମିଳିଛି ତାଙ୍କ ଏଙ୍ଗ୍ରି ଲୁକ୍। ଜଣେ ଫ୍ୟାନ୍‌ଙ୍କ ଉପରେ ସେ ରାଗି ଯାଇଛନ୍ତି। ଯାହାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।



ରବିବାର ମୁମ୍ବାଇ ବିମାନ ବନ୍ଦରରେ ସଲମାନ ନଜର ଆସିଥିଲେ। ତେବେ ଏତିକି ବେଳେ ତାଙ୍କ ସହ ଜଣେ ଫ୍ୟାନ୍ ଲୁଚି ଛପି ତାଙ୍କର ଏକ ଭିଡିଓ ତିଆରି କରିବାକୁ ଚେଷ୍ଟା କରିଥିଲେ। ବାସ୍ ଏତିକିରେ ରାଗି ଯାଇଥିଲେ ଭାଇଜାନ। ପ୍ରକୃତରେ ଅମୋଲ ବିଲାରୀ ନାମକ ଜଣେ ୟୁଜର୍ ଇନ୍‌ଷ୍ଟାଗ୍ରାମରେ ସମଲାନଙ୍କ ଏହି ଏଙ୍ଗ୍ରି ଲୁକ୍ର ଭିଡିଓ ଶେୟାର କରିଛନ୍ତି। ଭିଡିଓରେ କଳା ରଙ୍ଗର ଶାର୍ଟ ପିନ୍ଧି ସଲମାନ ଖାନ୍‌ଙ୍କ ଜଣେ ଫ୍ୟାନ୍ ବିନା ଅନୁମତିରେ ତାଙ୍କର ଭିଡିଓ ତିଆରି କରୁଥିବା ନଜର ଆସିଛନ୍ତି। ସଲମାନ ନିଜ ସିକ୍ୟୁରିଟି ଗାର୍ଡଙ୍କ ସହ ବିମାନ ବନ୍ଦରରୁ ବାହାରିଲା ବେଳେ ଏହି ଭିଡିଓ ତିଆରି କରିଛନ୍ତି। ତେବେ ଏହା ଦେଖିବା ପରେ ବିନା ଅନୁମତିରେ ଭିଡିଓ ତିଆରି କରୁଥିବା ପ୍ରଶଂସକଙ୍କ ଉପରେ ସଲମାନ ଖାନ ରାଗି ଯାଉଛନ୍ତି। ତାଙ୍କୁ ତୁରନ୍ତ ଉକ୍ତ ଭିଡିଓକୁ ବନ୍ଦ କରିବାକୁ କହିଛନ୍ତି। ଏଥିସହ ସେହି ଭିଡିଓକୁ ଡିଲିଟ୍ କରିବାକୁ ସଲମାନ ପ୍ରଶଂସକଙ୍କୁ କହିଛନ୍ତି। ସଲମାନଙ୍କ ଏହି ଏଙ୍ଗ୍ରିଲୁକ୍ର ଭିଡିଓ ବର୍ତ୍ତମାନ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅନେକ ୟୁଜର୍ସ ସଲମାନଙ୍କ ଏଭଳି ଆଚରଣକୁ ନେଇ ଭିନ୍ନ ଭିନ୍ନ ମନ୍ତବ୍ୟ ଦେଇଛନ୍ତି। କେତେ ଜଣ ସେଲିବ୍ରିଟିଙ୍କ ବ୍ୟକ୍ତିଗତ କ୍ଷେତ୍ରରେ ହସ୍ତକ୍ଷେପ କରିଥିବାରୁ ପ୍ରଶଂସକଙ୍କୁ ସମାଲୋଚନା କରିଥିବାବେଳେ ଅନ୍ୟମାନେ ସଲମାନଙ୍କ ଏଗ୍ରେସିଭ୍ ଆଚରଣକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ବଲିଉଡରେ ଏଣ୍ଟ୍ରି ମାରିଲେ ଉର୍ଫି, ଏପ୍ରିଲରେ ରିଲିଜ୍ ହେବ ଫିଲ୍ମ




**ମୁମ୍ବାଇ(ଏଜେନ୍ସି):** ସୋସିଆଲ ମିଡିଆ ଷ୍ଟାର ଉର୍ଫି ଜାଭେଦ୍ ଅନେକ ସମୟରେ ତାଙ୍କର ଭିନ୍ନ ପୋଷାକ ପରିଧାନ ହେତୁ ହେଡଲାଇନରେ ରହିଥା'ନ୍ତି। ତାଙ୍କ ଚେହେରା ପାଇଁ ତାଙ୍କୁ ଅନେକ ସମୟରେ ଟ୍ରୋଲ ମଧ୍ୟ କରାଯାଇଥାଏ। ଅଜବ ପୋଷାକ ଯୋଗୁଁ ଅନେକ ଥର ଟ୍ରୋଲ ହୋଇଥିବା ଉର୍ଫି ଜାଭେଦ ଏବେ ବଲିଉଡରେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ଖବର ମିଳିଛି ଯେ ଉର୍ଫି ଖୁବ୍ ଶୀଘ୍ର ବଲିଉଡରେ ଡେବ୍ୟୁ କରିବେ। ହିନ୍ଦୁସ୍ତାନ ଟାଇମ୍ସର ରିପୋର୍ଟ ଅନୁଯାୟୀ ସୋସିଆଲ ମିଡିଆ ସେନସେସନ ଉର୍ଫି ଜାଭେଦ ଦିବାକର ବାନାର୍ଜୀଙ୍କ ଆଗାମୀ ଚଳଚ୍ଚିତ୍ର 'ଏଲଏସଡି-୨' ସହିତ ଅଭିନୟ ଜଗତରେ ପ୍ରବେଶ କରିବାକୁ ଯାଉଛନ୍ତି। ଏହି ଚଳଚ୍ଚିତ୍ରକୁ ଦର୍ଶକ ବହୁ ସମୟ ଧରି ଅପେକ୍ଷା କରିଥିଲେ। ବର୍ତ୍ତମାନ ଫିଲ୍ମଟି ଏପ୍ରିଲ ୧୯ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, 'ଏଲଏସଡି-୨'ରେ ତୁଷାର କପୁର ଏବଂ ମୌନି ରୟ କାମିଓ କରିବେ ବୋଲି ଖବର ମିଳିଥିଲା। ବାଲାଜୀ ମୋସନ ପିକ୍ଚର୍ସ ଏବଂ କଲ୍ଟ ମୁଭିଜ୍ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରରେ ପ୍ରଥମେ ଟେଲି ଅଭିନେତ୍ରୀ ନିମ୍ରିତ କେ ?ର ଅହଲୁୱାଲିଆ ମୁଖ୍ୟ ଅଭିନେତ୍ରୀ ଭୂମିକାରେ ନଜର ଆସିବେ ବୋଲି ଜଣାପଡ଼ିଥିଲା। ଅଭିନେତ୍ରୀ ଫିଲ୍ମର ସୁଟିଂ ମଧ୍ୟ ଆରମ୍ଭ କରିଥିଲେ। କିନ୍ତୁ ପରେ ଖବର ଆସିଲା ଯେ ଅତ୍ୟଧିକ ଅନ୍ତରଙ୍ଗ ଦୃଶ୍ୟ ଯୋଗୁଁ ଅଭିନେତ୍ରୀ ଫିଲ୍ମ ଛାଡିଛନ୍ତି।

# ସାନିଆ ମିର୍ଜା ଗୋଆରେ ଖୋଜୁଛନ୍ତି କାହାକୁ ? ଇନଷ୍ଟାଗ୍ରାମରେ ହୃଦୟସ୍ପର୍ଶୀ ଭାବନା କଲେ ପ୍ରକାଶ




**ପଣଜୀ(ଏଜେନ୍ସି):** ପୂର୍ବତନ ଭାରତୀୟ ଟେନିସ୍ ତାରକା ସାନିଆ ମିର୍ଜା ସମ୍ପ୍ରତି ହେଡଲାଇନରେ ରହିଛନ୍ତି। ପାକିସ୍ତାନ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଶୋଏବ ମଲିକଙ୍କଠାରୁ ତାଙ୍କର ଛାଡପତ୍ର ହେବା ପରଠାରୁ ସାନିଆ ମିର୍ଜାଙ୍କ ବିଷୟରେ ଅନେକ ଚର୍ଚ୍ଚା ଚାଲିଛି। ଛାଡପତ୍ର ପରେ ସାନିଆ ମିର୍ଜା ସୋସିଆଲ ମିଡିଆରେ ବେଶ୍ ସକ୍ରିୟ ରହିଛନ୍ତି। ନିକଟରେ ସାନିଆ ମିର୍ଜା ସୋସିଆଲ ମିଡିଆରେ ଏକ ପୋଷ୍ଟ କରିଛନ୍ତି। ମାର୍ଚ୍ଚ ୧୧ ସୋମବାର ସାନିଆ ମିର୍ଜା ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ସୁନ୍ଦର ଫଟୋ ସେୟାର କରିଛନ୍ତି। ଏହି ଛବି ସହିତ ସାନିଆ ମିର୍ଜା ଏପରି ଏକ କ୍ୟାପସନ୍ ଯୋଡିଛନ୍ତି ଯେଉଁଥିପାଇଁ ପ୍ରଶଂସକଙ୍କ ମଧ୍ୟରେ ତାଙ୍କ ବିଷୟରେ ଆଲୋଚନା ପୁଣି ଜୋରଦାର ହେବାରେ ଲାଗିଛି। ବାସ୍ତବରେ ସାନିଆ ମିର୍ଜା ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ଫଟୋ ସେୟାର କରିଛନ୍ତି। ଯେଉଁଥିରେ ସେ ଏକ ଧଳା ରଙ୍ଗର ପୋଷାକରେ ନଜର ଆସିଛନ୍ତି। ଫଟୋରେ ସାନିଆ ମିର୍ଜା ବହୁତ ସୁନ୍ଦର ଦେଖାଯାଉଛନ୍ତି। ସୋନିଆ ସୋସିଆଲ ମିଡିଆରେ ଏହି ଛବି ସହିତ ଏକ ସୁନ୍ଦର କ୍ୟାପସନ୍ ସେୟାର କରିଛନ୍ତି। ଯେଉଁଥିରେ ସେ ଲେଖିଛନ୍ତି 'ଫାଇଣ୍ଡିଂ ପିସ୍ ଇନ ସିମ୍ପ୍ଲିସିଟି ଅଫ୍ ହ୍ୱାଇଟ'। ସାନିଆ ମିର୍ଜା ଗୋଆରେ ଅଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସାନିଆ ମିର୍ଜା ଏକ ବିଜ୍ଞାପନ ସୁଟିଂ ପାଇଁ ଗୋଆ ଯାଇଛନ୍ତି। ଶୋଏବ ମଲିକଙ୍କଠାରୁ ଛାଡପତ୍ର ପରେ ସାନିଆ ମିର୍ଜା ପୁଅ ଇଜାନ ସହିତ ଭାରତ ଫେରି ଆସିଥିଲେ। ସାନିଆ ମିର୍ଜା ୨୦୧୦ରେ ଶୋଏବ ମଲିକଙ୍କୁ ବିବାହ କରିଥିଲେ। ବର୍ତ୍ତମାନ ପ୍ରାୟ ୧୪ ବର୍ଷ ପରେ, ସେମାନଙ୍କର ବୈ ?ବାହିକ ସମ୍ପର୍କ ଭାଙ୍ଗି ଯାଇଛି। ଶୋଏବ ମଲିକ ପାକିସ୍ତାନୀ ଅଭିନେତ୍ରୀ ସାନା ଜାଭେଦଙ୍କୁ ତାଙ୍କ ଜୀବନ ସାଥୀ ଭାବରେ ବାଛିଛନ୍ତି। ସାନିଆ ମିର୍ଜା ପୂର୍ବରୁ ତାଙ୍କ ସ୍ୱାମୀ ଶୋଏବ ମଲିକ ଏବଂ ପୁଅ ଇଜାନଙ୍କ ସହ ଦୁବାଇରେ ରହୁଥିଲେ। କିନ୍ତୁ ଛାଡପତ୍ର ପରେ ସେ ନିଜ ଦେଶକୁ ଫେରିଥିଲେ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ଘନ ଓ ଲମ୍ବା କେଶ ପାଇଁ ଅଁଳା

ଘନ ଓ ଲମ୍ବା କେଶ କାହର ବା ପସନ୍ଦ ନୁହେଁ। ହେଲେ ବର୍ତ୍ତମାନ ସମୟରେ କେଶ ଝଡ଼ିବା ସାଧାରଣ ହୋଇଗଲାଣି। ଏପରି ପରିସ୍ଥିତିରେ, କେଶକୁ ଲମ୍ବା ଏବଂ ଘନ କରିବା ପାଇଁ ଅଁଳା ପାଣି ବ୍ୟବହାର କରିପାରିବେ। ଏଥିରେ ଭିଟାମିନ୍ ସି ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଭରପୂର ଥାଏ, ଯାହା କେଶକୁ ଲମ୍ବା ଓ ଘନ କରିବାରେ ସାହାଯ୍ୟ କରେ। ଏଥି ସହ କେଶ ଅଧାରୁ ଛିଣ୍ଡିବା ଓ ଶୁଷ୍କତାକୁ ଦୂର କରି ମୂଳରୁ ଦୃଢ କରିଥାଏ। ତେବେ ଅଁଳା ପାଣି କିପରି ପ୍ରସ୍ତୁତ କରିବେ ଏବଂ ଏହାକୁ କେଶରେ ଲଗାଇବେ, ଜାଣନ୍ତୁ...

ଏଥିପାଇଁ ଏକ ଚାମଚ ରିଠା ପାଉଡରକୁ ଏକ ଚାମଚ ଅଁଳା ପାଉଡରରେ ମିଶାଇ ସେଥିରେ ପ୍ରାୟ ୧୦୦ ମିଲିଲିଟର ପାଣି ମିଶାନ୍ତୁ। ବିନା ରିଠା ପାଉଡରରେ ମଧ୍ୟ ଏହି ପାଣି ପ୍ରସ୍ତୁତ କରିପାରିବେ। ଏହି ପାଣିକୁ କେଶ ମୂଳରୁ ଶେଷ ପର୍ଯ୍ୟନ୍ତ ଲଗାନ୍ତୁ ଏବଂ ୪ରୁ ୫ ମିନିଟ୍ ପର୍ଯ୍ୟନ୍ତ ହାତରେ ଘଷନ୍ତୁ। ଏହା ପରେ କେଶକୁ ଭଲ ଭାବରେ ସଫା କରିଦିଅନ୍ତୁ।
ଅଁଳା ପାଣି ପ୍ରସ୍ତୁତ କରିବାର ଆଉ ଏକ ଉପାୟ ଅଛି। ଏଥିପାଇଁ ଅଁଳାକୁ ଛୋଟ ଛୋଟ ଖଣ୍ଡ କରି କାଟି ଏଥିରେ ପାଣି ମିଶାନ୍ତୁ। ଏହି ପାଣିକୁ କିଛି ସମୟ ଫୁଟାନ୍ତୁ। ପାଣି ଫୁଟିବା ପରେ ଏହାକୁ ଥଣ୍ଡା କରନ୍ତୁ। ଏହି ପାଣିକୁ କେଶ ଧୋଇବା ପାଇଁ ବ୍ୟବହାର କରିପାରିବେ। ଏହା କେଶକୁ ଆର୍ଦ୍ରତା ଯୋଗାଇଥାଏ ଏବଂ ଲମ୍ବା ହେବାରେ ସାହାଯ୍ୟ କରେ।



## ମା'ରାଣ ଦେହକୁ ନେବେନି...



ମୋଦିଙ୍କ ଗ୍ୟାରେଣ୍ଟି ନବୀନା ୱାରେଣ୍ଟି
ଜପିଜପି ଗଲା ଦିନ...
ମେଣ୍ଟମେଣ୍ଟ ବୋଲି ଛାଟିପିଟି ହୋଇ
ବଞ୍ଚିଚି ଯେସନେ ମୀନ...
କରିବା ଆଗରୁ ଭିନ୍ନ...
ଇଣ୍ଡିପେଣ୍ଡେଣ୍ଟରେ ଷ୍ଟାଆଣ୍ଡ କରିବି
ମିଳୁପଛେ କ୍ଷେଣ୍ଟ ଚିହ୍ନ...

- ସମ୍ପିତ ସେନାପତି

## ବୋଉର ରୋଷେଇ ଘର

# ପାରିଜାତକ ପିଠା



**ଆବଶ୍ୟକ ସାମଗ୍ରୀ:** ନଡ଼ିଆ, କଦଳି, ଗୋଲମରିଚ, ଲବଙ୍ଗ, ଗୁଜରାତି, ଗୁଡ, ଲୁଣ, ଅଟା, ଗୁଆ ଘିଅ, କ୍ଷୀର, ରିଫାଇନ

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ନଡ଼ିଆ କୋରା, କଦଳି, ଗୋଲମରିଚ ଗୁଣ୍ଡ, ଗୁଡ, ଲୁଣ, ଲବଙ୍ଗ, ଗୁଜରାତି ଗୁଣ୍ଡ ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ଏହାପରେ ସେଥିରେ ଅଟା, ଗୁଆ ଘିଅ, କ୍ଷୀର ପକାଇ ଭଲ ଭାବେ ଚକଟି ଅଟା ଚକଟା ପରି ପ୍ରସ୍ତୁତ କରି ଦିଅନ୍ତୁ।

ପରେ ଏହାକୁ ଛୋଟ ଛୋଟ ଗୁଳା କରି କାକରା ପରି ପିଠା ଗଢ଼ି ଦିଅନ୍ତୁ। ଏହାପରେ ଗ୍ୟାସରେ ଏକ ପ୍ୟାନରେ ଗୁଆଘିଅ କିମ୍ବା ରିଫାଇନ ଗରମ କରନ୍ତୁ। ଏହାପରେ ସେଥିରେ ପାରିଜାତକ ପିଠାକୁ ପକାନ୍ତୁ। ଉଭୟ ପଟ ଭଲ ଭାବେ ଗୋଲଡେନ ଫ୍ରାଏ ହେବା ପର୍ଯ୍ୟନ୍ତ ଏହାକୁ ଫ୍ରାଏ କରନ୍ତୁ। ଏହାପରେ ଗ୍ୟାସରେ ଏକ ପ୍ୟାନ୍ ଗରମ କରନ୍ତୁ। ସେଥିରେ ଗୁଡ଼ ଓ ଅଳ୍ପ ପାଣି ଦେଇ ଏକ ପାଗ ପ୍ରସ୍ତୁତ କରନ୍ତୁ। ସେଥିରେ ପାରିଜାତକ ପିଠାକୁ ପକାଇ ଭଲ ଭାବେ ଓଲଟପାଲଟ କରି ଦିଅନ୍ତୁ। ଏହାପରେ କାଜୁ, କିସମିସ ଦେଇ ଏହାକୁ ପ୍ଲେଟରେ ସଜାଇ ଦିଅନ୍ତୁ।

ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା' ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।




# ରୁଷିଆ ରାଷ୍ଟ୍ରପତି ନିର୍ବାଚନ ପାଇଁ କେରଳରେ ହେଉଛି ମତଦାନ

**ନୂଆଦିଲ୍ଲୀ(ଏଜେନ୍ସି):** କେରଳରେ ରହୁଥିବା ପର୍ଯ୍ୟଟକଙ୍କ ସମେତ ରୁଷୀୟ ନାଗରିକମାନେ ତିରୁବନନ୍ତପୁରମସ୍ଥିତ ଦେଶର ସମ୍ମାନଜନକ ଦୂତାବାସ ରୁଷୀୟ ହାଉସରେ ସ୍ଥାପିତ ଏକ ବୁଥରେ ରୁଷିଆର ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ୍ ଦେଇଛନ୍ତି। ତୃତୀୟ ଥର ପାଇଁ ରୁଷିଆ ହାଉସ୍ରେ ମତଦାନ ଆୟୋଜନ କରାଯାଇଛି। ରୁଷ ରାଷ୍ଟ୍ରପତି ନିର୍ବାଚନରେ ଅଧିକାଂଶ ଭୋଟ୍ ଶୁକ୍ରବାର ଠାରୁ ମାର୍ଚ୍ଚ ୧୭ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଦେଶର ୧୧ଟି ଟାଇମ୍ ଜୋନ୍ରେ ହେବ। ମାର୍ଚ୍ଚ ପହିଲାରୁ ପ୍ରାରମ୍ଭିକ ମତଦାନ ଆରମ୍ଭ ହୋଇଥିଲା, ଯେଉଁଥିରେ ରୁଷିଆ ଅଧିକୃତ ୟୁକ୍ରେନର ଅଞ୍ଚଳ ମଧ୍ୟ ସାମିଲ ଥିଲା। ଏହି ନିର୍ବାଚନ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଶାସନକୁ ଆଉ ୬ ବର୍ଷ ବୃଦ୍ଧି କରିବ ବୋଲି ଆଶା କରାଯାଉଛି, କାରଣ ସେ ତାଙ୍କ ପଞ୍ଚମ କାର୍ଯ୍ୟକାଳ ପାଇଁ ପ୍ରାୟତଃ ବିନା ଚ୍ୟାଲେଞ୍ଜରେ ଲଢୁଛନ୍ତି। ରୁଷିଆର କନସୁଲ ତଥା ରୁଷୀୟ ହାଉସର ନିର୍ଦ୍ଦେଶକ ରଥିଶ ନାୟାର କହିଛନ୍ତି, ଏହା ପ୍ରକୃତରେ ଏଠାରେ (କେରଳ) ରହୁଥିବା ରୁଷୀୟ ଜାତୀୟତାବାଦୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ। ରୁଷୀୟ ସଂଘର କେନ୍ଦ୍ରୀୟ ନିର୍ବାଚନ ଆୟୋଗଙ୍କ ସହ ଯୋଡ଼ି ହୋଇ ଆମେ ଆନନ୍ଦିତ। ନୂଆ ରାଷ୍ଟ୍ରପତି ଚୟନ ପ୍ରକ୍ରିୟାରେ ଭୋଟ୍ ଦେବା ପାଇଁ ସହଯୋଗ ଓ ଉତ୍ସାହ ପାଇଁ କେରଳରେ ଥିବା ରୁଷୀୟ ନାଗରିକଙ୍କୁ ମୁଁ ଅତ୍ୟନ୍ତ ଧନ୍ୟବାଦ ଜଣାଉଛି। ଜଣେ ରୁଷୀୟ ନାଗରିକ ଗଣମାଧ୍ୟମକୁ କହିଛନ୍ତି ଯେ ସେ ତାଙ୍କ ଦେଶରେ ନିର୍ବାଚନ ପାଇଁ ଭୋଟ୍ ଦେବାର ସୁଯୋଗ ପ୍ରଦାନ କରିଥିବାରୁ ରୁଷୀୟ ଗୃହକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ମତଦାନ କରିବାକୁ ଆସିଥିବା ସମସ୍ତେ ଭାରତରେ ସ୍ଥାୟୀ ଭାବରେ ରହୁଥିବା ରୁଷୀୟ ନାଗରିକ କିମ୍ବା ଦେଶକୁ ଆସୁଥିବା ଜଣେ ଜଣେ ପର୍ଯ୍ୟଟକ। ଏଠାକୁ ଆସିଥିଲେ ମଧ୍ୟ ନିଜ ଦେଶର ନିର୍ବାଚନରେ ଭାଗ ନେବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ ବୋଲି ସେ ଉଲ୍ଲେଖ କରିଛନ୍ତି। ୟୁକ୍ରେନ୍ ସହ ଚାଲିଥିବା ଯୁଦ୍ଧ ଏବଂ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ଙ୍କ ରାଜନୈତିକ ବିରୋଧୀମାନେ ଜେଲ୍ କିମ୍ବା ନିର୍ବାସିତ ଥିବା ବେଳେ ରୁଷିଆରେ ଏହି ନିର୍ବାଚନ ହେଉଛି। ପୁଟିନଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ତିନି ପ୍ରାର୍ଥୀ ହେଲେ ଲିବରାଲ ଡେମୋକ୍ରାଟିକ୍ ପାର୍ଟିର ଲିଓନିଡ୍ ସ୍ଲୁଟ୍ସ୍କି, ନ୍ୟୁ ପିପୁଲ୍ସ ପାର୍ଟିର ଭ୍ଲାଦିସ୍ଲାଭ ଦାଭାନକୋଭ ଏବଂ କମ୍ୟୁନିଷ୍ଟ ପାର୍ଟିର ନିକୋଲେ ଖାରିଟୋନୋଭ। ଏମାନେ ସମସ୍ତେ କ୍ରେମଲିନ ସମର୍ଥକ ବୋଲି କୁହାଯାଉ ଥିବାରୁ ପୁଟିନଙ୍କୁ ଖୁବ୍ କମ୍ ବିରୋଧ ମିଳୁଛି।

# ଏକତରଫା ପ୍ରେମର କରୁଣ ପରିଣତି ; ନର୍ସିଂ ଛାତ୍ରୀଙ୍କ ଜୀବନ ନେଇଗଲେ ବିବାହିତ ପ୍ରେମିକ

**ଲକ୍ଷ୍ନୌ(ଏଜେନ୍ସି):** ନର୍ସିଂ ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ବିଫଳ ହେଲେ ବିବାହିତ ବ୍ୟକ୍ତି। ସବୁବେଳେ ତାଙ୍କ ପିଛା କରିବା ସହ ତାଙ୍କୁ ଅତିଷ୍ଠ କରି ପକାଇଲେ। ଏହାପରେ ବି ନର୍ସିଂ ଛାତ୍ରୀଜଣକ ନିଜ ଜିଦରେ ଅଟଳ ରହିବାରୁ ଶେଷରେ ତାଙ୍କ ଜୀବନ ନେଇଗଲେ ବିବାହିତ ବ୍ୟକ୍ତି ଜଣକ। ଏପରି ଏକ ଅଭାବନୀୟ ଘଟଣା ଉତ୍ତରପ୍ରଦେଶର ଇଟାବାରେ ଘଟିଛି। ନର୍ସିଂ ଛାତ୍ରୀଜଣକ ସୈଫଇ ମେଡ଼ିକାଲ କଲେଜରେ ପ୍ରଥମ ବର୍ଷର ନର୍ସିଂ ଛାତ୍ରୀ ଥିଲେ। ତାଙ୍କ ଘର କୁଦରକୋଟ ଅଞ୍ଚଳରେ ହୋଇଥିବା ବେଳେ ଅଭିଯୁକ୍ତ ମହେନ୍ଦ୍ରଙ୍କ ଘର ବି ସେଠାରେ ବୋଲି ଜଣାଯାଇଛି। ମହେନ୍ଦ୍ର ପୂର୍ବରୁ ବିବାହିତ



ଥିବାବେଳେ ସେ ଉକ୍ତ ଛାତ୍ରୀଙ୍କୁ ଏକତରଫା ପ୍ରେମ କରିରୁଥିଲା ମାତ୍ର ଛାତ୍ରୀଙ୍କ ସମେତ ତାଙ୍କ ପରିବାର ଲୋକେ ବି ଏହାକୁ ବିରୋଧ କରୁଥିଲେ। ଏନେଇ ଉକ୍ତ ବ୍ୟକ୍ତିଙ୍କ ଘରେ ଅଭିଯୋଗ ହୋଇଥିଲେ ବି ସେମାନେ ଏହି ଘଟଣାର କୌଣସି ସମାଧାନ କରି ନଥିଲେ। ଇତି ମଧ୍ୟରେ ଛାତ୍ରୀଜଣକ ହଷ୍ଟେଲକୁ ରହିବାକୁ ଚାଲି ଯାଇଥିଲେ। ତାଙ୍କୁ ଖୋଜିଖୋଜି ମହେନ୍ଦ୍ର ବି ସେଠାରେ ପହଞ୍ଚି ଯାଇଥିଲେ। ସେଠାରେ ସେ ତାଙ୍କୁ ହଇରାଣ କରିବା ସହ ପ୍ରସ୍ତାବରେ ରାଜି ହେବାକୁ ଧମକ ଦେଉଥିଲେ। ଏହା ସତ୍ତ୍ୱେ ବି ଛାତ୍ରୀଜଣକ ମହେନ୍ଦ୍ରଙ୍କ ପ୍ରସ୍ତାବରେ ରଜି ହୋଇ ନଥିଲେ। ଏଥିରେ ଉତ୍ୟକ୍ତ ମହେନ୍ଦ୍ର ଘଟଣା ଦିନ ଛାତ୍ରୀଙ୍କୁ ନେଇ କେଉଁଆଡ଼େ ଚାଲି ଯାଇଥିଲେ। ହଷ୍ଟେଲ କର୍ତ୍ତୃପକ୍ଷଙ୍କ ନିକଟରୁ ଖବର ପାଇ ପରିବାର ଲୋକେ ପହଞ୍ଚି ବିଭିନ୍ନ ସ୍ଥାନରେ ଖୋଜାଖୋଜି ଆରମ୍ଭ କରିଥିଲେ। ଏହାପରେ ନିକଟସ୍ଥ ଜଙ୍ଗଲରେ ତାଙ୍କ ମୃତଦେହ ପଡ଼ିଥିବା ସୂଚନା ମିଳିଥିଲା। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣାକୁ କେନ୍ଦ୍ର କରି ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଗାଁରେ ପୁଲିସ୍ ମୁତୟନ କରାଯାଇଛି। ଅଭିଯୁକ୍ତ ମହେନ୍ଦ୍ରଙ୍କୁ ଗିରଫ କରିବାକୁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ବେଳେ ତାଙ୍କ ସନ୍ଧାନ ମିଳି ପାରିନି।

# ସୋମାଲିଆ ହୋଟେଲରେ ଆତଙ୍କୀ ହାମଲା ; ଭୟଙ୍କର ବ୍ଲାଷ୍ଟକୁ ହେଲା ଆଖିବୁଜା ଗୁଳି ଚାଳନା




**ମୋଗାଦିଶୁ(ଏଜେନ୍ସି):** ଆଫ୍ରିକୀୟ ଦେଶ ସୋମାଲିଆରେ ହୋଇଛି ଆତଙ୍କୀ ହାମଲା। ସୋମାଲିଆର ଏକ ହୋଟେଲରେ ଆତଙ୍କବାଦୀମାନେ ଘଟାଇଛନ୍ତି ଭୟଙ୍କର ବିସ୍ଫୋରଣ। ବିସ୍ଫୋରଣ ଏତେ ଜୋର ହୋଇଥିଲା ଯେ, ଏଥିରେ ହୋଟେଲର କାନ୍ଥ ଭାଙ୍ଗି ଯାଇଥିବା ବେଳେ ତାହା ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଏଥିସହ ଆତଙ୍କବାଦୀମାନେ ହୋଟେଲ ଭିତରେ ପଶି ଆଖିବୁଜା ଗୁଳିଚାଳନା ବି କରିଛନ୍ତି। 'ଅଲ ସବାବ' ନାମକ ଆତଙ୍କୀ ସଙ୍ଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ତେବେ ଏଥିରେ ମୃତାହତଙ୍କ ସଂଖ୍ୟା ଜଣାପଡ଼ିନି। 'ଅଲ ସବାବ' ପକ୍ଷରୁ ଜାରି ବିବୃତିରେ କୁହାଯାଇଛି, ରାଷ୍ଟ୍ରପତି ଆବାସ ନିକଟବର୍ତ୍ତୀ ଅଞ୍ଚଳରେ କଡ଼ା ସୁରକ୍ଷା ବଳୟରେ ଥିବା ସିଓ୍ୱାଇଏଲ ହୋଟେଲ ଉପରେ ଆମେ ଆକ୍ରମଣ କରିଛୁ। ବହୁ ହାଇ ପ୍ରୋଫାଇଲ ସରକାରୀ ଅଧିକାରୀଙ୍କର ଏହା ପ୍ରିୟ ହୋଟେଲ। ବନ୍ଧୁକଧାରୀ ଆତଙ୍କବାଦୀମାନେ ପ୍ରଥମେ ହୋଟେଲ ଭିତରେ ପ୍ରବେଶ କରିଥିବା ବେଳେ ସେଠାରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀଙ୍କୁ ଟାର୍ଗେଟ କରି ଗୁଳି ଚଳାଇଥିବା ଜଣାଯାଇଛି। ଉକ୍ତ ହୋଟେଲ ନିକଟରେ ରହୁଥିବା ଜଣେ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଆମେ ପ୍ରଥମେ ଏକ ପ୍ରଚଣ୍ଡ ବିସ୍ଫୋରଣର ଶବ୍ଦ ଶୁଣିବାକୁ ପାଇଲୁ। ଏହାପରେ ଆଖିବୁଜା ଗୁଳିଚାଳନା ଓ ପାଲଟା ଗୁଳି ଚାଳନାର ଶବ୍ଦ ବି ଶୁଣିବାକୁ ପାଇଲୁ। ତେଣୁ ଆତଙ୍କବାଦୀମାନଙ୍କୁ ହୋଟେଲର ସୁରକ୍ଷା କର୍ମୀଙ୍କ ସହ ମୁହାଁମୁହିଁ ହୋଇଥିବା ଅନୁମାନ କରୁଛୁ। ଖବର ପାଇ ଘଟଣାସ୍ଥଳରେ ପୁଲିସ୍ କର୍ମୀ ଓ ଅଧିକାରୀ ପହଞ୍ଚିବା ପରେ ସେମାନେ ଆତଙ୍କବାଦୀଙ୍କୁ ଟାର୍ଗେଟ କରି ଗୁଳି ଚାଳନା କରୁଥିବା ଜଣାଯାଇଛି। ସୋମାଲିଆର ସଂଘୀୟ ସରକାରକୁ ବିରୋଧ କରି ଅଲ-ଶବାବ ସଂଗଠନ ସବୁବେଳେ ଦେଶର ହୋଟେଲ ତଥା ବିଭିନ୍ନ ସ୍ଥାନରେ ଆତଙ୍କୀ ହାମଲା କରିଥାଏ। ଆତଙ୍କୀ ହାମଲା ତଥା ସାମୁଦ୍ରିକ ଲୁଟେରାଙ୍କ ପାଇଁ ବିଶ୍ୱରେ ବଦନାମ ହୋଇଛି ସୋମାଲିଆ। ଏହି ଦେଶର ଜଳ ସୀମା ଅତିକ୍ରମ କରି ଅନ୍ୟଦେଶର ଜାହଜ ଯାଉଥିବା ବେଳେ ସୋମାଲିଆର ସାମୁଦ୍ରିକ ଲୁଟେରା ସେମାନଙ୍କୁ କିଡନାପ୍ କରିଥାନ୍ତି। ଏହାପରେ ମୁକୁଳାଇବା ନିମନ୍ତେ ସେମାନଙ୍କ ଦେଶ ନିକଟରୁ ମୋଟା ଅଙ୍କର ଅର୍ଥ ଦାବି କରିଥାନ୍ତି। ମାତ୍ର ଏହା ଧୀରେ ଧୀରେ ଏବେ କମିବାରେ ଲାଗିଲାଣି।




**ନୂଆଦିଲ୍ଲୀ/ଭୁବନେଶ୍ୱର:** ବରିଷ୍ଠ ଆଇପିଏସ ଅଧିକାରୀ ସାରା ଶର୍ମାଙ୍କୁ ସିବିଆଇ ଡିଆଇଜି ଭାବେ ନିଯୁକ୍ତି ମିଳିଛି। ୨୦୧୦ ବ୍ୟାଚ୍ର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ଶ୍ରୀମତୀ ଶର୍ମାଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋରେ ୫ ବର୍ଷ ପାଇଁ ଡେପୁଟି ଇନ୍ସପେକ୍ଟର ଜେନେରାଲ ଭାବେ ନିଯୁକ୍ତି ଦିଆଯାଇଛି। ଗୃହ ମନ୍ତ୍ରାଳୟ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ଏହି ଅନୁମୋଦନ ପ୍ରଦାନ କରି ସାରା ଶର୍ମାଙ୍କୁ କେନ୍ଦ୍ରରେ ନୂତନ ଦାୟିତ୍ୱ ଗ୍ରହଣ କରିବାକୁ ତୁରନ୍ତ ରିଲିଫ୍ ଦେବାକୁ ଅନୁରୋଧ କରିଛି। ମାର୍ଚ୍ଚ ୧୨ ତାରିଖର ଏହି ସରକାରୀ ଚିଠିରେ ତାଙ୍କ କେନ୍ଦ୍ରୀୟ ଡେପୁଟେସନକୁ ଆନୁଷ୍ଠାନିକ ରୂପ ଦିଆଯାଇଛି। ମଣିପୁରରେ ଜାତିଗତ ହିଂସାର ସିବିଆଇ ତଦନ୍ତ ସମୟରେ ସାରା ଶର୍ମାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଟିମର ଏକ ଅଂଶ ଭାବରେ ସେ ତଦନ୍ତରେ ନିଜର ଦକ୍ଷତା ଏବଂ ବୁଦ୍ଧି ଖଟାଇଥିଲେ। ଏହି ନିଯୁକ୍ତି ପୂର୍ବରୁ ସେ ସମ୍ବଲପୁରରେ ପୁଲିସ ଅଧୀକ୍ଷକ (ଭିଜିଲାନ୍ସ) ପଦବିରେ ରହିଥିଲେ। ସୂଚନା ଅନୁଯାୟୀ ସାରା ଶର୍ମାଙ୍କୁ ୫ ବର୍ଷ ପାଇଁ ଡିଆଇଜି ପଦବିରେ ନିଯୁକ୍ତି ମିଳିଛି। ଏଥି ସହିତ ଅନ୍ୟ ଦୁଇଜଣ ବରିଷ୍ଠ ଅଧିକାରୀଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି, ଯେଉଁଥିରେ ଡିଆଇଜି ପି ମୁରୁଗନଙ୍କ କାର୍ଯ୍ୟ ଅବଧି ୧୫ ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ବଢାଯାଇଛି। ଅନ୍ୟପକ୍ଷେ କେନ୍ଦ୍ରୀୟ ଏଜେନ୍ସିର ସିବିଆଇର ପୁଲିସ ଅଧକ୍ଷ ବିଧୁତ ବିକାଶଙ୍କ କାର୍ଯ୍ୟ ଅବଧି ମଧ୍ୟ ୨୦୨୫ ଫେବ୍ରୁଆରି ୧୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

# ଯୌନ ନିର୍ଯାତନା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖିଲେ ୟେଦୁରପ୍ପା

**ବେଙ୍ଗାଲୁର(ଏଜେନ୍ସି):** ଜଣେ ନାବାଳିକାଙ୍କୁ ଯୌନ ନିର୍ଯାତନା ଅଭିଯୋଗ ଆସିବା ପରେ ପ୍ରତିକ୍ରିୟା ରଖିଲେ କର୍ଣ୍ଣାଟକ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ବିଏସ ୟେଦୁରପ୍ପା। ଏନେଇ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ସେମାନେ ମୋତେ ଠକେଇ ମାମଲା ପାଇଁ ସାହାଯ୍ୟ ମାଗିଥିଲେ। ମୁଁ ଅଭିଯୋଗକାରୀଙ୍କୁ ଆର୍ଥିକ ସହାୟତା କରିଥିଲି। ବର୍ତ୍ତମାନ ନିର୍ବାଚନ ସମୟରେ ଏପରି ଅଭିଯୋଗ କରାଯିବାର କାରଣ କଣ ବୋଲି ପ୍ରଶ୍ନ କରିଛନ୍ତି ୟେଦୁରପ୍ପା। ସେପଟେ ୟେଦୁରପ୍ପାଙ୍କ କାର୍ଯ୍ୟାଳୟ ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛି। ପୂର୍ବରୁ ମାଆ ଓ ଝିଅ



ଏହିପରି ୫୦ରୁ ଅଧିକ ଅଭିଯୋଗ କରି ଆସିଛନ୍ତି। ସେମାନେ ଏହିପରି ଭିତ୍ତିହୀନ ଅଭିଯୋଗ କରୁଛନ୍ତି। ସୂଚନା ଅନୁସାରେ, ଜଣେ ୧୭ ବର୍ଷୀୟ ନାବାଳିକାର ମାଆ ୟେଦୁରପ୍ପାଙ୍କ ବିରୁଦ୍ଧରେ ଯୌନ ନିର୍ଯାତନାର ଅଭିଯୋଗ ଆଣିଥିଲେ। ସେ ଏବଂ ତାଙ୍କ ଝିଅ ଏକ ଠକେଇ ମାମଲାରେ ସହାୟତା ପାଇଁ ୟେଦୁରପ୍ପାଙ୍କୁ ଭେଟିବାକୁ ଯାଇଥିବା ବେଳେ ତାଙ୍କ ଝିଅ ସହ ୟେଦୁରପ୍ପା ଦୁର୍ବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି। ପୁଲିସ କହିବା ଅନୁସାରେ ଏହି ଘଟଣା ଫେବୃଆରୀ ୨ରେ ଘଟିଥିଲା। ତେବେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ୟେଦୁରପ୍ପା କହିଛନ୍ତି, ଫେବୃଆରୀ ମାସର ଘଟଣା ନିର୍ବାଚନର ଠିକ୍ କିଛି ଦିନ ପୂର୍ବରୁ ଆସିବାର କାରଣ କଣ ?

## ଆଇନ ଅଦାଲତ

# କେନ୍ଦ୍ରାପଡା ଡ୍ରେନେଜ୍ ଡିଭିଜନ୍ ଯନ୍ତ୍ରୀଙ୍କୁ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ

**କଟକ(ଏନ୍.ଏମ୍.):** ଗୋବରୀ ନଦୀ ଖନନ ସମୟରେ ଜଣେ ବ୍ୟକ୍ତିଙ୍କ ସ୍ଥିତିବାନ ଜମିକୁ ବେଆଇନ ଭାବେ ଖନନ କରାଯିବା ଘଟଣା ସମ୍ପର୍କିତ ଏକ ଅଦାଲତ ଅବମାନନା ମାମଲାରେ ହାଇକୋର୍ଟ କେନ୍ଦ୍ରାପଡା ଡ୍ରେନେଜ୍ ଡିଭିଜନ୍ ଯନ୍ତ୍ରୀଙ୍କୁ ବ୍ୟକ୍ତିଗତ ହାଜିରା ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ଏକ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ବିଭୁ ପ୍ରସାଦ ରାଉତରାୟଙ୍କ ଇଜିଲାସ ଉପରୋକ୍ତ ଆଦେଶ ଦେଇଛନ୍ତି। କେନ୍ଦ୍ରାପଡା ଡ୍ରେନେଜ୍ ଡିଭିଜନ୍ ପକ୍ଷରୁ ଗୋବରୀ ନଦୀ ଖନନ ସମୟରେ ନଦୀକୁ ଲାଗିଥିବା ଜଣେ ବ୍ୟକ୍ତିଙ୍କ ସ୍ଥିତିବାନ୍ ଜମିକୁ ଖୋଳି ଦେଇଥିବା ଅଭିଯୋଗ ହୋଇଥିଲା। ଏହା ପରେ ଉକ୍ତ ବ୍ୟକ୍ତି ଜଣକ ଏପରି ଖନନକୁ ବେଆଇନ ଦର୍ଶାଇ ଜମିର ପୂର୍ବସ୍ଥିତି ଫେରାଇବାକୁ କେନ୍ଦ୍ରାପଡା ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ସ୍ଥାନୀୟ ତହସିଲ୍ଦାର ଏବଂ ଡ୍ରେନେଜ୍ ଡିଭିଜନ୍ର ମୁଖ୍ୟ ଯନ୍ତ୍ରୀ ପ୍ରମୁଖଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ତେବେ ଏଥିରେ କିଛି ସୁଫଳ ନ ମିଳିବାରୁ ଆବେଦନକାରୀ ଲକ୍ଷ୍ମୀକାନ୍ତ ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ଆବେଦନକାରୀଙ୍କ ଜମିକୁ ପୋତି ନଦୀ କଡ ପଥର ପ୍ୟାକିଂ କରିବାକୁ କର୍ତ୍ତୃପକ୍ଷଙ୍କୁ ଆଦେଶ ଦେଇଥିଲେ। ତେବେ ୨୦୨୨ ମସିହାର ହାଇକୋର୍ଟଙ୍କ ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ନହେବାରୁ ଆବେଦନକାରୀ ହାଇକୋର୍ଟରେ ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ଏହି ମାମଲାକୁ ଆଇନଜୀବୀ କ୍ଷୀରୋଦ ରାଉତ ପରିଚାଳନା କରୁଥିଲେ।

# ସିଏଏକୁ ବିରୋଧ, ସୁପ୍ରିମକୋର୍ଟ ଗଲା ଇଣ୍ଡିଆନ୍ ୟୁନିଅନ ମୁସଲିମ୍ ଲିଗ୍

**ନୂଆଦିଲ୍ଲୀ(ଏନ୍.ଏମ୍.):** ଦେଶରେ ଲାଗୁ ହୋଇଛି ନାଗରିକତ୍ୱ ସଂଶୋଧ ଆଇନ। ତେବେ ଏହା ଏବେ ସୁପ୍ରିମକୋର୍ଟରେ ପହଞ୍ଚି। ସିଏଏକୁ ବିରୋଧ କରି ସୁପ୍ରିମକୋର୍ଟରେ ଦାଖଲ ହୋଇଛି ଆବେଦନ। ଇଣ୍ଡିଆନ୍ ୟୁନିଅନ ମୁସଲିମ୍ ଲିଗ୍ ତଥା ଆଇୟୁଏମଏଲ ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ଏକ ପିଟିସନ ଦାଖଲ କରିଛି। ସିଏଏକୁ ନେଇ ଜାରି ହୋଇଥିବା ବିଜ୍ଞପ୍ତି ଉପରେ ରୋକ ଲଗାଇବା ପାଇଁ ଆଇୟୁଏମ୍ଏଲ୍ ନିଜ ଆବେଦନରେ ଦାବି କରିଛି। ଆଇୟୁଏମଏଲ କହିଛି ଯେ, ସିଏଏ ହେଉଛି ଅସାମ୍ବିଧାନିକ। ମୁସଲମାନମାନଙ୍କ ପ୍ରତି ଭେଦଭାବ ପୂର୍ଣ୍ଣ। ନାଗରିକତ୍ୱ ଅଧିନିୟମ




ଅନୁଯାୟୀ କେବଳ କେତେକ ଧର୍ମର ଲୋକଙ୍କୁ ନାଗରିକତ୍ୱ ଦିଆଯିବ। ଯାହା ଧାର୍ମିକ ପରିଚୟ ଆଧାରରେ ବର୍ଗୀକରଣ ଭାରତୀୟ ସମ୍ବିଧାନର ଧାରା ୧୪ ଏବଂ ଧର୍ମନିରପେକ୍ଷ ନୀତିର ଉଲ୍ଲଙ୍ଘନ କରିଛି। ତେଣୁ ଏହି ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ହୋଇଥିବା ପ୍ରାୟ ୨୫୦ ବିଚାରାଧୀନ ଆବେଦନ ଉପରେ ସୁପ୍ରିମକୋର୍ଟ ତାଙ୍କ ରାୟ ନ ଶୁଣାଇବା ଯାଏଁ ସିଏଏ ନିୟମର କାର୍ଯ୍ୟକାରିତା ଉପରେ ରୋକ ଲଗାଇବା ଉଚିତ ବୋଲି ଆଇୟୁଏମ୍ଏଲ୍ ନିଜ ଆବେଦନରେ କହିଛି। କେନ୍ଦ୍ର ସରକାର ନାଗରିକତା ସଂଶୋଧନ ଆଇନ (ସିଏଏ) ବିଜ୍ଞପ୍ତି ଜାରି କରିବାପରେ ଏହାକୁ କଂଗ୍ରେସ ଓ ଡିଏମକେ ଭଳି ଅନେକ ବିରୋଧୀ ଦଳ ମଧ୍ୟ ବିରୋଧ କରିଛନ୍ତି। ଲୋକସଭା ନିର୍ବାଚନ ପୂର୍ବରୁ ଭୋଟ ହାତେଇବା ପାଇଁ ଏହା କରାଯାଇଛି ବୋଲି କହିଛି କଂଗ୍ରେସ। ସିଏଏ ବିଜ୍ଞପ୍ତି ପାଇଁ ୯ ଥର ସମୟ ନେବା ପରେ ଏବେ ଏହାକୁ କାର୍ଯ୍ୟକାରୀ କରାଯାଇଛି ବୋଲି କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ସବୁ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାବି କରୁଛନ୍ତି। କିନ୍ତୁ ସିଏଏ କ୍ଷେତ୍ରରେ ୯ ଥର ସମୟ ନେବା ତାଙ୍କର ମିଛକୁ ପଦାରେ ପକାଇଛି ବୋଲି କହିଛନ୍ତି ଏହି ବରିଷ୍ଠ କଂଗ୍ରେସ ନେତା।

# ନାବାଳିକା ଅସଦ୍ ଆଚରଣ ମାମଲା : ଆସାମୀକୁ ୩ ବର୍ଷ ସଶ୍ରମ କରାଦଣ୍ଡ

**କଟକ(ଏନ୍.ଏମ୍.):** ଜନୈକା ନାବାଳିକାକୁ ଅସଦ୍ ଆଚରଣ ମାମଲାରେ କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଆସାମୀ ସନିଆ ସିଂ (୩୫)କୁ ପୋକ୍ସୋ ଆଇନର ୮ ଦଫାରେ ୩ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିବା ସହ ୫ହଜାର ଟଙ୍କାର ଜୋରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ଜୋରିମାନା ନଦେଇ ପାରିଲେ ଆସାମୀକୁ ଆଉ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ କହିଛନ୍ତି। ଅନ୍ୟପକ୍ଷରେ କୋର୍ଟ ଆଇପିସିର ୩୫୪ ଦଫାରେ ଆସାମୀକୁ ୧ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିବା ସହ ସହ ୫ହଜାର ଟଙ୍କାର ଜୋରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ହେଲେ ଆସାମୀକୁ ଆଉ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ। ସେହିପରି କୋର୍ଟ ଏହି ମାମଲାରେ ପିଡିତାକୁ ୧ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ଆସାମୀ ସନିଆ ସିଂ(୩୫)ର ନିଜ ଘର ବାଲେଶ୍ୱର ଜିଲ୍ଲାର ଶିଳ୍ପାଞ୍ଚଳ ଥାନା ଅଧିନସ୍ଥ ଗଣେଶ୍ୱରପୁର ଅଞ୍ଚଳରେ ହୋଇଥିବାବେଳେ ସେ ଜଗତପୁର ତାଳବଣିଆ ମୁଣ୍ଡାସାହିରେ ରହୁଥିଲା। ୨୦୨୨ ମସିହା ଅକ୍ଟୋବର ୧୭ ତାରିଖରେ ସନିଆ ଜଣେ ୧୬ ବର୍ଷୀୟା ନାବାଳିକାକୁ ଅସଦ୍ଆଚରଣ କରିଥିବା ନେଇ ଅକ୍ଟୋବର ୨୧ତାରିଖରେ ଜଗତପୁର ଥାନାରେ ଏତଲା ରୁଜୁ କରାଯାଇଥିଲା। ପୁଲିସ୍ ଏହି ମାମଲାରେ ତଦନ୍ତ କରି ସନିଆକୁ ୨୨ ତାରିଖରେ ଗିରଫ କରିବା ସହ ୨୦୨୨ ମସିହା ନଭେମ୍ବର ୯ ତାରିଖରେ ତା ବିରୋଧରେ ଅଭିଯୋଗପର୍ଦ୍ଧ ଦାଖଲ କରିଥିଲା। ସେହିପରି କୋର୍ଟରେ ତା' ବିରୋଧରେ ୨୦୨୩ ମସିହା ମାର୍ଚ୍ଚ ୩ତାରିଖରେ ଚାର୍ଜଫ୍ରେମ୍ ହୋଇଥିଲା। କୋର୍ଟରେ ଏହି ମାମଲାରେ ୭ଜଣଙ୍କର ସାକ୍ଷ୍ୟଗ୍ରହଣ କରାଯାଇଥିଲାବେଳେ ୧୪ଟି ପ୍ରାମାଣିକ ତଥ୍ୟକୁ ଗ୍ରହଣ କରାଯାଇଥିଲା। ପୋକ୍ସୋ କୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

# କନିଷ୍ଠ ଶିକ୍ଷକ ଚୟନ ଅନିୟମିତତା ମାମଲା; ଓସେପାର ମେରିଟ୍ ଲିଷ୍ଟ ଖାରଜ

**କଟକ (ଏନ.ଏମ୍.):** କନିଷ୍ଠ ଶିକ୍ଷକ ଚୟନ ଅନିୟମିତତା ମାମଲାରେ ହାଇକୋର୍ଟ ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ଓସେପାର ମେରିଟ୍ ଲିଷ୍ଟ ସହ ଜିଲ୍ଲାଓ୍ୱାରୀ ମେରିଟ୍ ଲିଷ୍ଟକୁ ମଧ୍ୟ ହାଇକୋର୍ଟ ଖାରଜ କରିଛନ୍ତି। ଏଥିସହ ନିଯୁକ୍ତି ସର୍ତ୍ତାବଳୀ ଅନୁଯାୟୀ ସାନି ମେରିଟ୍ ଲିଷ୍ଟ ପ୍ରସ୍ତୁତ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓସେପା ପକ୍ଷରୁ ପ୍ରଥମେ ରାଜ୍ୟବ୍ୟାପି ସିଙ୍ଗଲ ମେରିଟ ଲିଷ୍ଟ କରାଯାଇଥିଲା। ଏହି ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ଏହାପରେ ତରବରିଆ ଭାବେ ରାଜ୍ୟ ସରକାର ଜିଲ୍ଲାଓ୍ୱାରୀ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରିଥିଲେ। ଆବେଦନକାରୀଙ୍କ ମୂଳ ଅଭିଯୋଗ ଅନୁଯାୟୀ ପ୍ରାୟ ୨୦ହଜାର ଊର୍ଦ୍ଧ୍ୱ କନିଷ୍ଠ ଶିକ୍ଷକଙ୍କ ପାଇଁ ଓସେପା ତରଫରୁ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। ସେଥିରେ ଥିବା ଧାରା ୮.୩ ଅନୁଯାୟୀ, ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଜିଲ୍ଲା ଭିତରେ ସୀମିତ ରହିବ। କାରଣ ଏହା ଜିଲ୍ଲାଭିତ୍ତିକ କ୍ୟାଡର। ଏଥିରେ ନିଯୁକ୍ତି ପାଉଥିବା କନିଷ୍ଠ ଶିକ୍ଷକଙ୍କ ଚାକିରି ଆରମ୍ଭ ସହ ଶେଷ ବି ସେହି ଜିଲ୍ଲାରେ ହେବ। ତେଣୁ ଚୟନ ପ୍ରକ୍ରିୟା ବି ଜିଲ୍ଲାଓ୍ୱାରୀ କରିବାର ଆବଶ୍ୟକତା ରହିଛି ବୋଲି ଆବେଦନପତ୍ରରେ ଉଲ୍ଲେଖ କରାଯାଇଥିଲା। ମାତ୍ର ଓସେପା ଏହି ନିୟମକୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରି ରାଜ୍ୟବ୍ୟାପି ସିଙ୍ଗଲ ମେରିଟ ଲିଷ୍ଟ ପ୍ରକାଶ କରିଥିଲା। ଯାହାକୁ କି ଆବେଦନକାରୀମାନେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟ ଶୁଣାଣି ବେଳେ କୋର୍ଟ ଏହି ନିୟମ ଉପରେ ଗତ ଡିସେମ୍ବରରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କଲେ। ମାତ୍ର ଉକ୍ତ ସମୟରେ କନିଷ୍ଠ ଶିକ୍ଷକ ଚୟନ ପ୍ରକ୍ରିୟା ଜାରି ରହିଥିବାରୁ କୋର୍ଟ ଏଥିରେ ବାଧା ସୃଷ୍ଟି କରି ନଥିଲେ। ଏହି ପ୍ରକ୍ରିୟା ଜାରି ରହିବ, କିନ୍ତୁ ରାଜ୍ୟ ସରକାର କୌଣସି ଚୂଡ଼ାନ୍ତ ମେରିଟ ଲିଷ୍ଟ ପ୍ରକାଶ କରି ପାରିବେନି କି ନିଯୁକ୍ତି ଦେଇ ପାରିବେନି ବୋଲି କୋର୍ଟ କହିଥିଲେ। ଆଜି ଚୂଡ଼ାନ୍ତ ରାୟ ପ୍ରକାଶବେଳେ ପ୍ରାଥମିକ ମେରିଟ ଲିଷ୍ଟକୁ କୋର୍ଟ ଖାରଜ କରିବା ସହ ପରବର୍ତ୍ତୀ ସମୟରେ ସରକାର ଦାଖଲ କରିଥିବା ଜିଲ୍ଲାଓ୍ୱାରୀ ମେରିଟ୍ ଲିଷ୍ଟକୁ ବି ଖାରଜ କରି ଦେଇଛନ୍ତି। ନିଯୁକ୍ତି ସର୍ତ୍ତାବଳୀ ଅନୁଯାୟୀ ଏଣିକି ପ୍ରାର୍ଥୀମାନଙ୍କୁ ଜିଲ୍ଲାଓ୍ୱାରୀ ଚୟନ କରାଯାଇ ଜିଲ୍ଲାଓ୍ୱାରୀ ନିଯୁକ୍ତି ଦିଆଯିବ। ଏଥିନିମନ୍ତେ ସାନି ମେରିଟ ଲିଷ୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ୨୦ ହଜାର କନିଷ୍ଠ ଶିକ୍ଷକ ନିଯୁକ୍ତି ନେଇ ଦେଖାଦେଇଥିବା ଅନିଶ୍ଚିତତାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

# ଏସ୍ସିବିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ମାମଲା : ୩ ମାସରେ କାର୍ଯ୍ୟ ଶେଷ ହେବା ସମ୍ପର୍କରେ ଅଗ୍ନିଶମ ଡିଜିଙ୍କ ସତ୍ୟପାଠ

**କଟକ(ଏନ୍.ଏମ୍.):** ଏସ୍ସିବିର ବିଭିନ୍ନ ବିଭାଗରେ ଅଗ୍ନି ନିରାପତା ବ୍ୟବସ୍ଥା ମାମଲାରେ ଆଜି ହାଇକୋର୍ଟରେ ଅଗ୍ନିଶମ ଡିଜି, ଏସ୍ସିବି ଅଧିକ୍ଷକ ଓ ଆର୍ଏଣ୍ଡ୍ବି ଡିଭିଜନ୍ର ଯନ୍ତ୍ରୀ ବ୍ୟକ୍ତିଗତ ଭାବେ ହାଜର ହୋଇ ସତ୍ୟପାଠ ଦାଖଲ କରିଛନ୍ତି। ଅଗ୍ନିଶମ ଡିଜି ସୁଧାଂଶୁ ଷଡଙ୍ଗୀ, ଏସ୍ସିବି ଅଧିକ୍ଷକ ପ୍ରଫେସର ଡ. ସୁଧାଂଶୁ ଶେଖର ମିଶ୍ର ଓ ଯନ୍ତ୍ରୀ ପି.କେ. ମାଝୀ ହାଜର ହୋଇ ଏସ୍ସିବି ଅଗ୍ନି ନିରାପତ୍ତା କାର୍ଯ୍ୟ ଆସନ୍ତା ୩ ମାସ ମଧ୍ୟରେ ଶେଷ ହେବ ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି। ଅଗ୍ନିଶମ ଡିଜିଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ କୁହାଯାଇଛି ଯେ, ଏସସିବିର ବିଭିନ୍ନ ବିଭାଗରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ୮୭ଟି ବିଲ୍ଡିଙ୍ଗ୍ ମଧ୍ୟରୁ ୬୪ଟି ବିଲ୍ଡିଙ୍ଗ୍ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପାଇଁ ଟେଣ୍ଡର୍ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ଏହି ପ୍ରସଙ୍ଗରେ ୧୪ଟି ପ୍ରକଳ୍ପ ନିମନ୍ତେ ସରକାରୀସ୍ତରରେ ଅନୁମୋଦନକୁ ଅପେକ୍ଷା କରାଯାଇଛି। ଅନ୍ୟପକ୍ଷରେ ଅଗ୍ନିଶମ ଡିଜି ଏସ୍ସିବିରେ ଅଗ୍ନି ନିରାପତ୍ତା ନିମନ୍ତେ ଅତିରିକ୍ତ ନିର୍ମାଣ କାର୍ଯ୍ୟ ପାଇଁ ଆଉ ୬ମାସର ମହଲତ ଆବେଦନ କରିଛନ୍ତି। ହାଇକୋର୍ଟ ମୈତ୍ରୀ ସଂସଦ ପକ୍ଷରୁ ଆଗତ ଜନହିତ ମାମଲାର ଶୁଣାଣି କରି ଅଗ୍ନିଶମ ଡିଜିଙ୍କୁ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ତଥ୍ୟ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ପୂର୍ବରୁ ଏସ୍ସିବିରେ କେବେ ସୁଦ୍ଧା ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯିବ ସତ୍ୟପାଠ ମାଧ୍ୟମରେ ତଥ୍ୟ ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ରାଜ୍ୟ ସରକାର ୧ ବର୍ଷ ମଧ୍ୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସତ୍ୟପାଠ ଦାଖଲ କରିଥିଲେ ମଧ୍ୟ ରାଜ୍ୟ ସରକାର ଏଥିରେ ବିଫଳ ହୋଇଥିବାରୁ ଅଦାଲତ ବିରକ୍ତି ପ୍ରକାଶ କରିଥିଲେ। ଏହି ମର୍ମରେ କେବେ ସୁଦ୍ଧା ଅଗ୍ନି ନିରାପତ୍ତା ବ୍ୟବସ୍ଥା କରାଯିବ ସେ ନେଇ ରାଜ୍ୟ ସରକାରଙ୍କୁ ଜବାବ ରଖିବାକୁ ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ। ୮ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।



ନିଷ୍କର୍ଷ
NISHKARSHA

ସମ୍ପାଦକୀୟ

# ଯୁବ ମତଦାତାଙ୍କ ପାଇଁ ଆହ୍ୱାନ

ଯୁବ ବର୍ଗ ଦେଶର ନିର୍ମାତା। ସୁନ୍ଦର ଦେଶଟିଏ ଗଠନ ନିମନ୍ତେ ଯୁବ ବର୍ଗର ଆବଶ୍ୟକତା ରହିଛି। ଐତିହାସିକ ଦୃଷ୍ଟିରୁ ଯୁବପିଢ଼ି ସାମାଜିକ ପରିବର୍ତ୍ତନର ନେତୃତ୍ୱ ନେଇଛନ୍ତି ଏବଂ ନିର୍ବାଚନରେ ସେମାନଙ୍କ ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଭୋଟର ପଞ୍ଜୀକରଣଠାରୁ ଆରମ୍ଭ କରି ତୃଣମୂଳ ସ୍ତରର ପ୍ରଚାର ପର୍ଯ୍ୟନ୍ତ ସବୁ ସ୍ତରରେ ଯୁବଗୋଷ୍ଠୀଙ୍କ ସକ୍ରିୟ ଅଂଶଗ୍ରହଣ ଆବଶ୍ୟକ।

ନିର୍ବାଚନ ଗଣତନ୍ତ୍ରର ଆଧାର, ଏହା ନାଗରିକମାନଙ୍କୁ ସେମାନଙ୍କ ପ୍ରତିନିଧି ଚୟନ କରିବାର ଗୁରୁତ୍ୱପୂର୍ଣ୍ଣ ଅଧିକାର ପ୍ରଦାନ କରିଥାଏ। ତେବେ ଏହି ଅଧିକାର ନିଷ୍କ୍ରିୟ ନୁହେଁ; ନିର୍ବାଚନ ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ ହେବା ଏକ କର୍ତ୍ତବ୍ୟ, ବିଶେଷ କରି ଯୁବବର୍ଗଙ୍କ କର୍ତ୍ତବ୍ୟ। ଐତିହାସିକ ଦୃଷ୍ଟିରୁ ଯୁବପିଢ଼ି ସାମାଜିକ ପରିବର୍ତ୍ତନର ନେତୃତ୍ୱ ନେଇଛନ୍ତି ଏବଂ ନିର୍ବାଚନରେ ସେମାନଙ୍କ ସମ୍ପୃକ୍ତି ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଭୋଟର ପଞ୍ଜୀକରଣଠାରୁ ଆରମ୍ଭ କରି ତୃଣମୂଳସ୍ତରର ପ୍ରଚାର ପର୍ଯ୍ୟନ୍ତ ସବୁ ସ୍ତରରେ ଯୁବଗୋଷ୍ଠୀଙ୍କ ସକ୍ରିୟ ଅଂଶଗ୍ରହଣ ଆବଶ୍ୟକ। ପ୍ରଥମ ଥର ମତଦାତାମାନେ ସ୍ୱଚ୍ଛତା ଏବଂ ଅନ୍ତର୍ଭୁକ୍ତୀକରଣ ଭଳି ନୂତନ ଦୃଷ୍ଟିକୋଣ ଏବଂ ସର୍ବଶ୍ରେଷ୍ଠ ଉଦାହରଣ ଉପସ୍ଥାପନ କରିଥାନ୍ତି। ଜଣେ ଯୁବ ଭୋଟରଙ୍କ ଶକ୍ତି ଓ ଜ୍ଞାନକୌଶଳ ସମ୍ପନ୍ନ ପ୍ରକୃତ ନିର୍ବାଚନୀ ଦୃଶ୍ୟପଟରେ ଗତିଶୀଳତା ସୃଷ୍ଟି କରି ନାଗରିକଙ୍କ ଆବଶ୍ୟକତା ପ୍ରତି ଉପଲବ୍ଧତା ଏବଂ ଉତ୍ତରଦାୟିତ୍ୱକୁ ପ୍ରୋତ୍ସାହିତ କରିଥାଏ। ନିର୍ବାଚିତ ଅଧିକାରୀମାନଙ୍କୁ ଉତ୍ତରଦାୟୀ କରିବା, ସ୍ୱର ଉତ୍ତୋଳନ କରିବା ପାଇଁ ସାମାଜିକ ଗଣମାଧ୍ୟମର ବ୍ୟବହାର କରିବା ଏବଂ ଜନସାଧାରଣଙ୍କ ସହ ଅନୁକୂଳ ପ୍ରସଙ୍ଗଗୁଡ଼ିକର ପକ୍ଷ ଉପସ୍ଥାପନ କରିବାରେ ଯୁବଗୋଷ୍ଠୀ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି, ଯାହା ଗଣତନ୍ତ୍ରର ଅଖଣ୍ଡତା ଏବଂ ସକ୍ରିୟତାକୁ ସୁରକ୍ଷିତ ରଖିଥାଏ। ମହାତ୍ମା ଗାନ୍ଧୀଙ୍କ ଉକ୍ତିରେ, ''ଆଜି ଆପଣ ଯାହା କରୁଛନ୍ତି ତାହା ଉପରେ ଭବିଷ୍ୟତ ନିର୍ଭର କରେ। ୨୦୨୪ରେ ଭାରତରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ଗଣତନ୍ତ୍ର ପୁଣି ଥରେ ପାର୍ଶ୍ୱ ପରିବର୍ତ୍ତନ କରୁଛି। ଏହି ସମୟରେ ଦେଶର ଭାଗ୍ୟ ଗଢ଼ିବାରେ ଯୁବଗୋଷ୍ଠୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ଜରୁରୀ। ସେହିଭଳି ଯୁବ ଗୋଷ୍ଠୀଙ୍କ ମତରେ ବହୁ ଯୁବକ ଯୁବତୀମାନେ ପ୍ରଥମଥର ପାଇଁ ମତଦାନ କରିବେ। ତେବେ ସେମାନେ କୌଣସି ବ୍ୟକ୍ତିର ପ୍ରରୋଚନା, ଇଙ୍ଗିତରେ ମତଦାନ ନକରି ନିଜସ୍ୱ ବିବେକକୁ ଉପଯୋଗ କରି ମତଦାନ କରିବା ଆବଶ୍ୟକ। ତେଣୁ ସୁସ୍ଥ ଗଣତନ୍ତ୍ର ଗଠନ ଓ ସୁରକ୍ଷା ପାଇଁ ଯୁବଗୋଷ୍ଠୀଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ।

* * *

## କବିତା ଗୁଚ୍ଛ

### ଚିରନ୍ତନ ପ୍ରୀତି



ପ୍ରଜ୍ଞାଲୀନ ସାହୁ

ମୋ ଜୀବନର ସାଉଁଟା ସ୍ମୃତି ତୁମେ
ଜାଗ୍ରତ କର ମୋର ସ୍ପନ୍ଦନ
ପ୍ରୀତି ପ୍ରେମ ପୁରେ ସ୍ପର୍ଶ ଦିଅ ଆସି
ନିଃସଙ୍ଗତା କରିବାକୁ ଭଗ୍ନ ।।
ମୋ ଭାବନା ହୃଦ ମନ୍ଦିରରେ ତୁମେ
ପୂଜନୀୟା ପ୍ରୀତି ମହାଶକ୍ତି
ଯାହାଙ୍କ ସ୍ଥଳ ଯେ ଅପରିବର୍ତ୍ତିତ
ଯେହେତୁ ଏ ଚିରନ୍ତନ ପ୍ରୀତି ।।
ପଞ୍ଚପ୍ରାଣ ତେଜଃ ସଜାଇଛି ବୀଣା
ତୁମ ରୂପ ଚିତ୍ରଣକୁ ଦେଇ
ସେଥିପାଇଁ ହସୁଛି ଜୀବନ ବୀଣା
ଜିଣିକରି ହୃଦୟର ଜୁଇ ।।
ନିଃସଙ୍ଗତା ସ୍ଥଳେ ଖୋଜିନି କାହାକୁ
ପାଇଛି ଯେବେଠୁ ତୁମ ସ୍ପର୍ଶ
ହସିଛି ଓ ହସାଇଛି ଏ ସଂସାର
ସାଜିକରି ତୁମ ଦେବଦାସ ।।
କୃଷ୍ଣ ସୁଦାମା'ଙ୍କ ସମ୍ପର୍କ ଅଭଗ୍ନ
ପ୍ରତ୍ୟୟ ହେଉଛି ତା'ର ନାବ
ତୁମ ଓ ମୋ' ସଂସ୍ରବ ସେମିତି ସତ୍ୟ
ଯାହା ଅଟେ ହୃଦୟର ଭାବ ।।
କୃଷ୍ଣଙ୍କ ବିନା ଗୋପପୁର ଅଧୁରା
କୁହନ୍ତି ଗୋପପୁରର ବାସୀ
ଭୁଲି ଯେ ଯାଆନ୍ତି ତାଙ୍କ ଖୁସି ପାଇଁ
(ସେ)ଛାଡ଼ିଛନ୍ତି ସ୍ୱ ଅର୍ଦ୍ଧେକ ଶଶୀ ।।
ମୁଁ ସେମିତି ତୁମବିନା ଅଧା ରାତି
ଯାହା କୁହେ ମୋ ହୃଦୟ ପ୍ରୀତି
ତୁମେ ହସିଲେ ମୋ ହୃଦସ୍ପନ୍ଦନରେ
ପୂର୍ଣ୍ଣହୁଏ (ମୋ )ରାତି ନିଦ ସାଥି ।।
ତୁମେ ବି ଠିକ ଏବେ ମୋର ଅର୍ଦ୍ଧେକ
ରାଧାକୃଷ୍ଣ'ଙ୍କର ଯୋଡି ପରି
ଶୁଣିଲେ ତୁମ ପ୍ରୀତି ଭାବର ସ୍ୱର
ଧାଏଁ ମୁଁ ଭାବନାର ନଗରୀ ।।
ଛାଡିବନି ହାତ ଆହେ ମୋର ମିତ
ଜାଣେ ଏ ସମ୍ପର୍କ ଚିରନ୍ତନ
ତଥାପି ତ୍ରସ୍ତ ଦେଖି କଳିର ବେଶ
ଭାବି ଅହଂରେ ହୋଇବ ଭଗ୍ନ ।।
ସେଥିପାଇଁ ମୁହିଁ ଆଙ୍କିଅଛି ହୃଦେ
ତୁମ ରୂପ ପ୍ରତିକୃତି ଚିତ୍ର
ଆସିବ ଯେବେ ଅହଂର ମୋହ ବେଶ
ଦେଖାଇବି ଛାତିଚିରି ମିତ ।।

ଜଗତସିଂହପୁର, ବାଲିକୁଦା
ଦୂରଭାଷ : ୬୩୭୦୩୧୬୪୭୪

# ନାଗରିକତା ସଂଶୋଧନ ଅଧୀନିୟମ ସମ୍ବନ୍ଧରେ ଏକ ସତନ୍ତ୍ର ଦୃଷ୍ଟିକୋଣ

ଡିସେମ୍ବର ୨୦୧୯ରେ ନାଗରିକତା ସଂଶୋଧନ ଅଧୀନିୟମ ପାସ୍ ହେବାପରେ ଏହା ଭାରତ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବିତର୍କପୂର୍ଣ୍ଣ ବିଧେୟକ ଭାବରେ ଉଭା ହୋଇଛି। ପଡୋଶୀ ଦେଶ ପାକିସ୍ତାନ, ବାଙ୍ଗଲାଦେଶ ଏବଂ ଆଫ୍‌ଗାନିସ୍ତାନର ନିର୍ଯାତିତ ସଂଖ୍ୟାଲଘୁଙ୍କ ପାଇଁ ଭାରତୀୟ ନାଗରିକତ୍ୱକୁ ତ୍ୱରାନ୍ୱିତ କରିବାପାଇଁ ଏହି ଆଇନ ଉଭୟ ସମର୍ଥନ ଓ ବିରୋଧର ସମ୍ମୁଖୀନ ହୋଇଛି। ତେଣୁ ଘଜଉ ଭଳି ବିଷୟରୁ ଅଲଗା ରଖି ନାଗରିକତା ସଂଶୋଧନ ନିୟମ ବିରୁଦ୍ଧରେ ଥିବା ଭୁଲ ତଥ୍ୟକୁ ସମାଧାନ କରିବା ଅତ୍ୟନ୍ତ ଆବଶ୍ୟକ। ନାଗରିକତା ସଂଶୋଧନ ଆଇନ ଓ ଘଜଉ ସମ୍ବନ୍ଧରେ ପୂର୍ବରୁ କୌଣସି ନିୟମ ନଥିବାରୁ ଏହି ଅଧୀନିୟମ ସହ ଜଡିତ ଥିବା ଜଟିଳତାକୁ ପ୍ରକାଶ କରିବା ପାଇଁ ସୂଚନାଯୁକ୍ତ ଆଲୋଚନାକୁ ପ୍ରୋତ୍ସାହିତ କରିବା ଏକାନ୍ତ ଜରୁରୀ ଅଟେ।

ନାଗରିକତା ନାଗରିକତା ସଂଶୋଧନ ଅଧୀନିୟମକୁ ବୁଝିବାର ଏକ ପ୍ରମୁଖ ଦିଗ ହେଉଛି, ଏହାକୁ ଏନଆରସି ଠାରୁ ପୃଥକ କରିବା। ୨୦୧୯ରେ ଭୁଲ ତଥ୍ୟ ଲୋକଙ୍କୁ ରାସ୍ତା ମଝିକୁ ଓହ୍ଲାଇ ଆଣିଥିଲା। ଏହାକୁ ବୁଝିବା ଅତ୍ୟନ୍ତ ଜରୁରୀ ଅଟେ ଯେ, ସଂଶୋଧନ ଅଧୀନିୟମ ଏବଂ ଏନଆରସି ଦୁଇଟି ପୃଥକ ଜିନିଷ ଏବଂ ସେମାନଙ୍କ ମିଶ୍ରଣ ପ୍ରତ୍ୟେକର ମହତ୍ୱକୁ ଲୁଚାଇଥାଏ। ଏହି ଭୁଲ୍ ଅବଧାରଣା ଓ ପ୍ରତିବାଦ ଗୁଡିକର ଦୂରୀକରଣ ପାଇଁ ସୂଚନାଯୋଗ୍ୟ ଆଲୋଚନା ଆବଶ୍ୟକ। ଭାରତ ଏକ ହିନ୍ଦୁ ସଂଖ୍ୟା ଗରିଷ୍ଠ ରାଷ୍ଟ୍ର ଭାବରେ ପଡୋଶୀ ଦେଶର ସଂଖ୍ୟାଲଘୁ ନିର୍ଯ୍ୟାତିତଙ୍କ ପାଇଁ ଏକ ଆଶ୍ରୟସ୍ଥଳୀ ଭାବରେ ନିଜର ଦାୟିତ୍ୱ ବହନ କରୁଛି। ନାଗରିକତା ସଂଶୋଧନ ଅଧୀନିୟମ ମୁଖ୍ୟତଃ ପାକିସ୍ତାନ, ବାଙ୍ଗଲାଦେଶ ଓ ଆଫଗାନିସ୍ତାନରେ ନିର୍ଯାତନା ଭୋଗୁଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାରସୀ ଏବଂ ଖ୍ରୀଷ୍ଟିଆନ ମାନଙ୍କ ପାଇଁ ଉଦ୍ଦିଷ୍ଟ। ମୁସଲମାନ ମାନଙ୍କୁ ଭାରତୀୟ ସମାଜରୁ ବିଚ୍ଛିନ୍ନ କରିବା ଏହାର ପ୍ରୟାସ ନୁହେଁ ବରଂ ଏହା ପଡୋଶୀ ଦେଶମାନଙ୍କର ମୁସଲମାନଙ୍କ ସଂଖ୍ୟାଗରିଷ୍ଠତାକୁ ସ୍ୱୀକୃତି ଦେଇଥାଏ, ଯେଉଁମାନେ ସାଧାରଣତଃ ଏଭଳି ନିର୍ଯ୍ୟାତନାର ସମ୍ମୁଖୀନ ହୁଅନ୍ତି ନାହିଁ। ମୁସଲମାନ ମାନଙ୍କ ପାଇଁ ପ୍ରାକୃତିକରଣ ସିଦ୍ଧାନ୍ତରେ ନାଗରିକତା ପାଇବା ପାଇଁ ବିକଳ୍ପ ପଥର ବ୍ୟବସ୍ଥା ମଧ୍ୟ ଅଛି। ପଡୋଶୀ ଦେଶ, ବିଶେଷ କରି ପାକିସ୍ତାନରେ ସଂଖ୍ୟାଲଘୁଙ୍କ ପ୍ରତି ନିର୍ଯାତନା ଯୋଗୁଁ, ସାମ୍ଭାବ୍ୟ ସଙ୍କଟ ବିଷୟରେ ଚିନ୍ତା କରିବା ଜରୁରୀ ଅଟେ। ଏହି ପ୍ରସଙ୍ଗକୁ ମାନବିକ ଦୃଷ୍ଟିକୋଣରୁ ଗ୍ରହଣ କରିବା ଜରୁରୀ ଅଟେ। ମହିଳାମାନେ ଏହି କ୍ଷେତ୍ରରେ ପ୍ରଥମେ ଶିକାର ପାଲଟନ୍ତି। ଯେଉଁମାନେ ଧର୍ମାନ୍ତରଣ ଓ ଅତ୍ୟାଚାରର ସମ୍ମୁଖୀନ ହୁଅନ୍ତି। ବିଶେଷ କରି ମହିଳା ମାନଙ୍କ ପାଇଁ ନାଗରିକତା ସଂଶୋଧନ ଅଧୀନିୟମ ଏକ ନୂତନ ପଥ ଯୋଗାଇବାକୁ ଚେଷ୍ଟା କରି ସେମାନଙ୍କୁ ଆଶ୍ରୟ ଏବଂ ଭାରତରେ ଉନ୍ନତ ଜୀବନ ଯାପନ ପାଇଁ ସୁଯୋଗ ପ୍ରଦାନ କରୁଛି। ଭାରତ ବର୍ତ୍ତମାନ ନାଗରିକ ସଂଶୋଧନ ଅଧୀନିୟମର ଜଟିଳତା ମଧ୍ୟରେ ଛନ୍ଦି ହୋଇଥିବାରୁ ଏହି ଅଧୀନିୟମକୁ ଘଜଉ ଠାରୁ ନିରପେକ୍ଷ ଭାବରେ ବିଶ୍ଳେଷଣ କରାଯିବା ଉଚିତ୍ ଏବଂ ଭୁଲ ତଥ୍ୟକୁ ଦୂର କରିବା ପାଇଁ ମିଳିତ ପ୍ରୟାସ କରାଯିବା ଉଚିତ୍। ନିର୍ଯ୍ୟାତିତ ହିନ୍ଦୁ ସଂଖ୍ୟାଲଘୁମାନଙ୍କ ପାଇଁ ଭାରତର ଭୂମିକାକୁ ସ୍ୱୀକାର କରିବା ଏବଂ ମାନବିକ ଦୃଷ୍ଟିକୋଣରୁ ସାମ୍ଭାବ୍ୟ ସଙ୍କଟ ବିଷୟରେ ଚିନ୍ତା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସୂଚନାଯୋଗ୍ୟ ଯେ, ଆଲୋଚନାକୁ ପ୍ରୋତ୍ସାହିତ କରି, ଦେଶ ଏହାର ମୂଲ୍ୟବୋଧ ଏବଂ ନୀତିକୁ ସମର୍ଥନ କରି ସହାନୁଭୂତି ଏବଂ ସମାବେଶୀତା ନାଗରିକତା ସଂଶୋଧନ ଅଧୀନିୟମ କାର୍ଯ୍ୟକାରିତାକୁ ସାହାଯ୍ୟ କରିବ।

- ଇନସା ଦ୍ୱାରସୀ
ଜର୍ଣ୍ଣାଲିଜିମ ଓ ଫ୍ରାଙ୍କୋଫୋନ୍ ଅଧ୍ୟୟନ ବିଭାଗ,
ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ

# ମେଣ୍ଟ-ରାଜନୀତି ସୁବିଧାବାଦର ମହାରଣ୍ୟ

ଜାନକୀଶ ବଡ଼ପଣ୍ଡା

ଏବେ ସମସ୍ତଙ୍କ ମନରେ ପ୍ରଶ୍ନ ବିଜେଡି-ବିଜେପି ଭିତରେ ମେଣ୍ଟ ହେବ କି ? ଦୁଇ ଦଳ ମଧ୍ୟରେ ଯଦିବି ମେଣ୍ଟ ହୁଏ, ତାହାକୁ ନୂଆ ମେଣ୍ଟ କହି ହେବନାହିଁ। ୧୯୯୭ ଡିସେମ୍ବର ୨୬ ତାରିଖରେ ଗଠିତ ହୋଇଥିଲା ବିଜେଡି। ଆଉ ସେବେଠୁ ବିଜେଡି ସହ ଠିଆ ହୋଇଆସିଛି ବିଜେପି। ୧୯୯୮ରୁ ୨୦୦୯ ଯାଏଁ ଦୁଇ ଦଳ ଏକାଠି ମିଳିମିଶି ଓଡ଼ିଶାକୁ ଶାସନ କରିଥିଲେ, କ୍ଷମତାର ମହୁ ଚାଖିଥିଲେ। ୪:୩ ଅନୁପାତରେ ଆସନ ବୁଝାମଣା କରି ଉଭୟ ବିଜେଡି ଓ ବିଜେପି କେନ୍ଦ୍ର ତଥା ରାଜ୍ୟରେ କ୍ଷମତା ଉପଭୋଗ କରିଥିଲେ। ୧୯୯୭ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପରଲୋକ ହୋଇଥିଲା। ତାଙ୍କ ଶିଷ୍ୟମାନେ ରାଜନୀତିଠାରୁ ଅପହଞ୍ଚ ଦୂରତାରେ ଥିବା ବିଜୁପୁତ୍ର ନବୀନ ପଟ୍ଟନାୟକଙ୍କୁ ଆଣି ଶାଳଗ୍ରାମ ରୂପେ ସ୍ଥାପନା କଲେ ଅଣକଂଗ୍ରେସ ରାଜନୀତିର ଖଟୁଲୀରେ। ଏହି ସୁଯୋଗରେ ବିଜେପି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନବୀନଙ୍କୁ ସମର୍ଥନର ହାତ ବଢ଼ାଇଥିଲା। ଗଢ଼ା ହେଲା ବିଜୁ ଜନତା ଦଳ। ୧୯୯୮ରେ ବାଜପେୟୀ ସରକାରରେ ଥିବାବେଳେ ବିଜେଡି-ବିଜେପି ମଧ୍ୟରେ ପ୍ରଥମେ ମେଣ୍ଟ ହୋଇଥିଲା। ସେହିବର୍ଷ ଜାତୀୟ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏନଡିଏ)ରେ ସାମିଲ ହୋଇଥିଲା ବିଜେଡି। ଲୋକସଭା ନିର୍ବାଚନରେ ଆସ୍କା ସଂସଦୀୟ କ୍ଷେତ୍ରରୁ ନବୀନ ପଟ୍ଟନାୟକଙ୍କୁ ମିଶାଇ ବିଜେଡି ୯ ଓ ବିଜେପି ୭ଟି ଆସନରେ ବିଜୟୀ ହୋଇଥିଲେ। ବାଜପେୟୀ ସରକାର ଭାଙ୍ଗିଯିବାରୁ ୧୯୯୯ରେ ପୁନର୍ବାର ଲୋକସଭା ପାଇଁ ନିର୍ବାଚନ ହୋଇଥିଲା, ଯେଉଁଥିରେ ବିଜେଡି ୧୦ ଓ ବିଜେପି ୯ ଆସନ ଜିତିଥିଲେ। ଅଥଚ, ୨୦୦୯ ମସିହାରେ, ବିଜେପିକୁ ସାମ୍ପ୍ରଦାୟିକ ଦଳ ଭାବେ ଚିତ୍ରଣ କରି ଏନଡିଏ ମେଣ୍ଟରୁ ଓହରି ଯାଇଥିଲା ବିଜେଡି। ସେବେଠୁ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଓଡ଼ିଶାକୁ ଶାସନ କରି ଆସିଛି ଏହି ଆଞ୍ଚଳିକ ଦଳ। ୨୦୦୯ ପରଠାରୁ ଦୀର୍ଘ ୧୫ ବର୍ଷ କାଳ ଉଭୟ କଂଗ୍ରେସ ଓ ବିଜେପି ଠାରୁ ସମଦୂରତ୍ୱ କଥା କହୁଥିବା ବିଜେଡି ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପୁଣିଥରେ ଭାଜପା ସହିତ ମେଣ୍ଟ କରିବାକୁ ଅଧୀର ହୋଇ ଉଠିଛି। ରାଜନୀତିରେ ହିଁ ଏଭଳି ଦେଖିବାକୁ ମିଳେ। ୧୯୭୫ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିର୍ଦ୍ଦେଶରେ ସଂସଦରେ ଜରୁରୀକାଳୀନ ପରିସ୍ଥିତି ଜାରି କରିବାକୁ ପ୍ରସ୍ତାବ ଆଣିଥିବା ବରିଷ୍ଠ କ୍ୟାବିନେଟ ମନ୍ତ୍ରୀ ବାବୁ ଜଗଜ୍ଜୀବନ ରାମ ୧୯୭୭ରେ ଜରୁରୀକାଳୀନ ପରିସ୍ଥିତି ଉଠିବା ପରେ ପରେ ହଠାତ କଂଗ୍ରେସ ଛାଡ଼ି ଦେଇଥିଲେ। ସେ ଥିଲେ କଂଗ୍ରେସ ପ୍ରଚାର କମିଟିର ଅଧ୍ୟକ୍ଷ। ଇନ୍ଦିରାଙ୍କ ସାନ ପୁଅ ସଂଜୟ ଗାନ୍ଧୀଙ୍କ ଅଯଥା ହସ୍ତକ୍ଷେପରେ ବିରକ୍ତ ହୋଇ ସେ ଏଭଳି ନିଷ୍ପତ୍ତି ନେଇଥିଲେ। ଠିକ ତା ପୂର୍ବରୁ ଇନ୍ଦିରା ଗାନ୍ଧୀଙ୍କ ଅତ୍ୟନ୍ତ ଘନିଷ୍ଠ ଥିବା ନନ୍ଦିନୀ ଶତପଥୀ ମଧ୍ୟ ସଂଜୟଙ୍କ ପାଇଁ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ପଦ ହରାଇଥିବାରୁ ଅସନ୍ତୁଷ୍ଟ ଥିଲେ। କଂଗ୍ରେସ ଛାଡ଼ି ଜଗଜ୍ଜୀବନ ରାମ 'କଂଗ୍ରେସ ଫର ଡେମୋକ୍ରାସି' ନାଁରେ ନୂଆ ଦଳ ଗଢ଼ିବାରୁ ଏହି ଦଳରେ ନନ୍ଦିନୀ ଶତପଥୀଙ୍କ ଭଳି ଅନେକ ନେତା ଯୋଗଦେଇଥିଲେ। ପରେ ଏହି ଦଳ ଜନତା ପାର୍ଟି ସହ ମେଣ୍ଟ କରିଥିଲା। ତେବେ, ଜରୁରୀକାଳୀନ ପରିସ୍ଥିତିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ନନ୍ଦିନୀ ଜେଲ ପଠାଇ ହଇରାଣ କରିଥିବରୁ ନନ୍ଦିନୀଙ୍କୁ ଢେଙ୍କାନାଳ ବିଧାନସଭା ପାଇଁ ଟିକେଟ ଦେବା ପ୍ରସ୍ତାବକୁ ଚୌଧୁରୀ ଦମ୍ପତି ତୀବ୍ର ବିରୋଧ କରିଥିଲେ। କିନ୍ତୁ ମେଣ୍ଟଧର୍ମ ପାଳନ କରିବାର ବାଧ୍ୟବାଧକତା କାରଣରୁ ବିଜୁବାବୁ ହୋଇଯାଇଥିଲେ ନିରୁପାୟ। ରାଜନୀତିକୁ ଘୃଣା କରୁଥିବା ୭୩ ବର୍ଷୀୟା ମାଳତୀ ଦେବୀ ଜୀବନରେ ପ୍ରଥମ ଥର ପାଇଁ ୧୯୭୭ରେ ଢେଙ୍କାନାଳ ବିଧାନସଭା କ୍ଷେତ୍ର ପାଇଁ ୪୬ ବର୍ଷୀୟା ଜନତା ଦଳର ପ୍ରାର୍ଥୀ ନନ୍ଦିନୀଙ୍କ ବିରୋଧରେ ନିର୍ବାଚନ ଲଢ଼ିଲେ। ମାଳତୀ ଚୌଧୁରୀ ନନ୍ଦିନୀଙ୍କଠାରୁ ଥିଲେ ୨୭ ବର୍ଷ ବଡ଼। ସେ ଶୋଚନୀୟ ଭାବେ ପରାସ୍ତ ହେଲେ। ନନ୍ଦିନୀ ଶତପଥୀଙ୍କୁ ୩୧,୮୨୯ ଭୋଟ ମିଳିଥିବାବେଳେ ମାଳତୀ ଚୌଧୁରୀଙ୍କୁ ମିଳିଥିଲାମାତ୍ର ୪,୦୬୩ ଖଣୋଡ ଭୋଟ। ମେଣ୍ଟ ରାଜନୀତିରେ ନୀତି, ନୈତିକତା ଓ ରସାୟନିକ ଗୁଣ ଅପେକ୍ଷା ଗଣିତର ଭାଉ ଅଧିକ।

ଓଡ଼ିଶା ରାଜନୀତିର ଇତିହାସ ଉପରେ ଆସନ୍ତୁ ନଜର ପକାଇବା। ବ୍ରିଟିଶ ଶାସନ କାଳରେ ଓଡ଼ିଶା ଥିଲା ବେଙ୍ଗଲ ପ୍ରେସିଡେନ୍ସିର ଏକ ଅଂଶ। ୧୯୩୬ ମସିହାରେ, ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ସୃଷ୍ଟି ହୋଇଥିଲା। ପରାଧୀନ ଭାରତରେ ୧୯୩୭ ମସିହାରେ ନବଗଠିତ ଓଡ଼ିଶାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ଦଳ ସର୍ବାଧିକ ଆସନ ଜିତିଥିଲେ ବି ସରକାର ଗଠନ କରିବାକୁ ମନା କରିଦେବାରୁ ପାରଳାଖେମୁଣ୍ଡିର ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ପ୍ରଧାନମନ୍ତ୍ରୀତ୍ୱରେ ସଂଖ୍ୟାଲଘୁ ଅସ୍ଥାୟୀ ସରକାର ଗଠନ କରାଯାଇଥିଲା। ଜୁଲାଇ ୧୯୩୭ରେ କଂଗ୍ରେସ ସରକାର ଗଠନ କରିବାକୁ ସ୍ଥିର କଲା ଏବଂ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ସରକାର ଗଢ଼ାଗଲେ ବି ୧୯୩୯ ମସିହାରେ ବ୍ରିଟିଶ ସରକାରଙ୍କ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣାକୁ ବିରୋଧକରି ସେ ଇସ୍ତଫା ଦେଇଦେଲେ। ୧୯୪୧ ପର୍ଯ୍ୟନ୍ତ ଓଡ଼ିଶାରେ ରାଜ୍ୟପାଳ ଶାସନ ଜାରିହେଲା। ପୁନର୍ବାର ଗଜପତି ପ୍ରଧାନମନ୍ତ୍ରୀ ହେଲା ପରେ ୧୯୪୬ ମସିହାରେ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସ ସଂଖ୍ୟାଗରିଷ୍ଠତା ସହ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ସରକାର ଗଠନ କରାଯାଇଥିଲା। ସ୍ୱାଧୀନତା ମିଳିବା ପରେ ପ୍ରଧାନମନ୍ତ୍ରୀ ପଦକୁ ମୁଖ୍ୟମନ୍ତ୍ରୀ କୁହାଗଲା। ଏଣୁ ହରେକୃଷ୍ଣ ମହତାବ ଓଡିଶାର ଶେଷ ପ୍ରଧାନମନ୍ତ୍ରୀ ତଥା ପ୍ରଥମ ମୁଖ୍ୟମନ୍ତ୍ରୀ। ଗଡ଼ଜାତ ମିଶ୍ରଣ ପରେ, ୧୯୫୧-୫୨ ମସିହାରେ ଭାରତର ନୂତନ ସମ୍ବିଧାନ ଅନୁଯାୟୀ ପ୍ରଥମ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ବହୁ ଆସନ ଜିତିଥିଲେ ବି ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିଲା। ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଏକ ମିଳିତ ସରକାର ଗଠନ କରିଥିଲେ। ଦେଶ ସ୍ୱାଧୀନ ହେବା ପରଠାରୁ ଓଡ଼ିଶାରେ ମିଳିତ ସରକାର ଗଠିତ ହୋଇ ଚାଲିଥିଲା। ଏଣୁ ମେଣ୍ଟ / ଗଠବନ୍ଧନ / ମିଳିତ ସରକାର ଓଡ଼ିଶାର ଭାଗ୍ୟରେ ମୂଳରୁ ରହି ଆସିଛି। ଓଡ଼ିଶାରେ ଅତୀତରେ ଅନେକ ଅଣକଂଗ୍ରେସ ଆଞ୍ଚଳିକ ଓ ରାଷ୍ଟ୍ରୀୟ ଦଳ ନିଜର ପତିଆରା ପ୍ରଦର୍ଶନ କରିବାକୁ ପ୍ରୟାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଗଣତନ୍ତ୍ର ପରିଷଦ ଅନ୍ୟତମ; ଯାହା ୧୯୫୯ରେ ଗଠିତ ମେଣ୍ଟ ସରକାରର ଅଂଶୀଦାର ଥିଲା ଓ ୧୯୬୨ରେ ସ୍ୱତନ୍ତ୍ର ଦଳରେ ବିଲୀନ ହୋଇଯାଇଥିଲା। ହରେକୃଷ୍ଣ ମହତାବଙ୍କ 'ଓଡିଶା ଜନ କଂଗ୍ରେସ' ଅନ୍ୟତମ ଦଳ, ଯାହାକି ୧୯୬୭ ନିର୍ବାଚନ ପରେ ସ୍ୱତନ୍ତ୍ର ପାର୍ଟି ସହ ମେଣ୍ଟ କରି ୧୯୬୯ ଯାଏଁ ସରକାର ଗଢ଼ିଥିଲା ଓ ୧୯୭୭ରେ ଜନତା ପାର୍ଟିରେ ବିଲୀନ ହୋଇଯାଇଥିଲା। କଂଗ୍ରେସ ଛାଡ଼ି ବିଜୁ ପଟ୍ଟନାୟକ ୧୯୬୯ରେ ଗଢ଼ିଥିଲେ ଉତ୍କଳ କଂଗ୍ରେସ। ଏହି ଦଳ ୧୯୭୧ ମସିହାରେ ବିଶ୍ୱନାଥ ଦାସଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗଠିତ ସ୍ୱତନ୍ତ୍ର-ଉତ୍କଳ କଂଗ୍ରେସ ମେଣ୍ଟ ସରକାରରେ ଭାଗ ନେଇଥିଲା ଓ ୧୯୭୪ରେ ଭାରତୀୟ ଲୋକ ଦଳରେ ବିଲୀନ ହୋଇଥିଲା। ୨୦୦୦ ମସିହା ଶେଷ ଭାଗରେ ବିଜୁ ଜନତା ଦଳର ପ୍ରତିଷ୍ଠାତା ସଦସ୍ୟ ବିଜୟ ମହାପାତ୍ରଙ୍କ ବିଦ୍ରୋହୀ-ନେତୃତ୍ୱରେ ଗଠିତ ଓଡ଼ିଶା ଗଣ ପରିଷଦ, ଆମ ଓଡ଼ିଶା, ଉତ୍କଳ ଭାରତ ଇତ୍ୟାଦିଙ୍କ ନାମ ନିଆଯାଇପାରେ; ଯେଉଁମାନେ ଉଲ୍କା ଭଳି ଆସିଛନ୍ତି ଓ ପରେ ନିଷ୍କ୍ରିୟ ହୋଇଯାଇଛନ୍ତି। ସେହିପରି, ଜନତା ପାର୍ଟି ଓ ଜନତା ଦଳ ବ୍ୟତୀତ, ପ୍ରଜା ସୋସାଲିଷ୍ଟ ପାର୍ଟି, ସୋସାଲିଷ୍ଟ ପାର୍ଟି, କମ୍ୟୁନିଷ୍ଟ ପାର୍ଟି ଇତ୍ୟାଦି ରାଷ୍ଟ୍ରୀୟ ଦଳମାନଙ୍କର ଓଡ଼ିଶା ଶାଖା ଓଡ଼ିଶା ରାଜନୀତିକୁ ପ୍ରଭାବିତ କରିଆସିଥିଲେ ବି ମେଣ୍ଟ ସରକାର ଗଠନ କରିପାରି ନାହାନ୍ତି।

ଓଡ଼ିଶା ରାଜନୀତିରେ ଅନିଶ୍ଚିନ୍ତତା ଓ ଅସ୍ଥିରତାର ସରକାର ଧାରାରେ ଜାନକୀ ବଲ୍ଲଭ ପଟ୍ଟନାୟକ ଟାଣିଥିଲେ ପୂର୍ଣ୍ଣଚ୍ଛେଦ। ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ବିଜୁ ପାଟନାୟକଙ୍କ ଓ ନୀଳମଣି ରାଉତରାୟଙ୍କ ଭଳି ନେତା ପୂର୍ବରୁ ସ୍ଥିର ସରକାର ଦେବାକୁ ବିଫଳ ହୋଇଥିଲେ ବି ଜାନକୀ ବଲ୍ଲଭ କିନ୍ତୁ ୧୯୮୦ରୁ ୧୯୯୦ ଦୁଇ ପାଳି ଓ ୧୯୯୫ରୁ ୧୯୯୯ ଯାଏଁ ନିରବଛିନ୍ନ ଭାବେ ମୁଖ୍ୟମନ୍ତ୍ରୀ ରହି ରାଜ୍ୟକୁ ସ୍ଥିର ସରକାର ଦେଇଥିଲେ। ଏକାଧିକ ରାଜନୈତିକ ଦଳ ମଧ୍ୟରେ ମେଣ୍ଟ ସମ୍ଭବ ହୁଏ ଯେତେବେଳେ ସେମାନେ ପାରସ୍ପରିକ ସହଯୋଗ ପାଇଁ ସହମତି ପ୍ରକାଶ କରନ୍ତି। ଏମାନେ ସାଧାରଣତଃ ନିର୍ଦ୍ଦିଷ୍ଟ କାଳ ପାଇଁ, ପାରସ୍ପରିକ ଲକ୍ଷ୍ୟ ହାସଲ କରିବାକୁ ମେଣ୍ଟ କରନ୍ତି। ନିର୍ବାଚନରେ ସମ୍ମିଳିତ ଭାବେ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିବା ହିଁ ମେଣ୍ଟର ମୂଳ ଲକ୍ଷ୍ୟ। ଅନେକ ସମୟରେ ଗୋଟିଏ ମନୋମୁଖୀ ତଥା ସମ୍ବିଧାନ ବିରୋଧୀ ସରକାରଙ୍କୁ ଗାଦିଚ୍ୟୁତ କରିବାକୁ ସମସ୍ତ ବିରୋଧୀ ଦଳୀୟ ସ୍ୱାର୍ଥକୁ ଭୁଲି ଦେଶର ସ୍ୱାର୍ଥ ରକ୍ଷା କରିବାକୁ ଚାହିଁବା ଆବଶ୍ୟକ ହୁଏ। ସେଥିପାଇଁ ରାଜନୈତିକ ଦଳମାନେ ମିଳିତ ମଞ୍ଚ ଗଠନ କରନ୍ତି। ଗୋଟିଏ ଦଳର ସଂଖ୍ୟାଗରିଷ୍ଠତା ନଥିଲେ, ଦୁଇ କିମ୍ବା ଅଧିକ ଦଳ ଏକତ୍ର ହୋଇ ମେଣ୍ଟ ଗଠନ କରି ସରକାର ମଧ୍ୟ ଗଢ଼ିଥାଆନ୍ତି। ଭାରତରେ ବହୁଦଳୀୟ ବ୍ୟବସ୍ଥା ହେତୁ ଏପରି ମେଣ୍ଟ ସମୟ ସମୟରେ ଆବଶ୍ୟକ ହୋଇଥାଏ। ଅନେକ ସମୟରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆବଶ୍ୟକ ଥିବା ସହଯୋଗ ଭିତ୍ତିକ ସଂଘୀୟ ବ୍ୟବସ୍ଥା ରାଜନୈତିକ କାରଣରୁ ବିଗିଡ଼ି ଯାଇଥାଏ। ସେଥିପାଇଁ ଡବଲ ଇଞ୍ଜିନ ସରକାର କଥା ଶୁଣିବାକୁ ମିଳେ। କେନ୍ଦ୍ର ସରକାର ଚାହାନ୍ତି ଯେ ରାଜ୍ୟ ମାନଙ୍କରେ ତାଙ୍କରି ଦଳ କିମ୍ବା ତାଙ୍କ ସହଯୋଗୀ ଘଟକ ଦଳର ସରକାର ରହୁ। ରାଜ୍ୟର ଆଞ୍ଚଳିକ ଦଳମାନେ ଚାହାନ୍ତି ଯେ, ରାଜ୍ୟର ସ୍ୱାର୍ଥ ରକ୍ଷା ହେଉ। ଏହି ଆଧାରରେ ମେଣ୍ଟ ତିଆରି ହୁଏ କିମ୍ବା ଭାଙ୍ଗିଯାଏ। ସଠିକ ସମନ୍ୱୟ ଓ ବୁଝାମଣା ହିଁ ମେଣ୍ଟଧର୍ମ। କେନ୍ଦ୍ର ଶାସନରେ ଥିବା ସରକାରୀ ଦଳ ଚାହେଁ ଯେ, ଦେଶରେ ଅନେକ ଅପ୍ରାସଙ୍ଗିକ ଓ ପୁରୁଣା ଆଇନ ବଦଳରେ ନୂଆ ଆଇନ, ଆବଶ୍ୟକ ହେଲେ ସମ୍ବିଧାନ ସଂଶୋଧନ କରିବା ପାଇଁ ସଂସଦର ଉଭୟ ଗୃହରେ କେବଳ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ମିଳିଲେ ଚଳିବନି, ବରଂ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଆବଶ୍ୟକ। ଜନପ୍ରିୟତା ହାସଲ କରିଥିବା ରାଜନୈତିକ ଦଳମାନେ ଅନେକ ସମୟରେ ଆଶା କରନ୍ତି ଯେ, ଏକାଭଳି ନୀତି ଓ ଆଦର୍ଶରେ ବିଶ୍ୱାସ କରୁଥିବା ଦଳମାନେ ଏକତ୍ର ହୋଇ ଗୋଟିଏ ଛାତ ତଳେ ରହିବା ଆବଶ୍ୟକ। ଏପରି ସହାବସ୍ଥାନ ଗୋପନ ଭାବେ ନକରି ପ୍ରକାଶ୍ୟରେ ମେଣ୍ଟ ଗଠନ ମାଧ୍ୟମରେ କରିପାରିବା ହିଁ ଏକମାତ୍ର ଉପାୟ। ଯେତେବେଳେ, ବିଭିନ୍ନ ରାଜନୈତିକ ଦଳମାନେ ନିଜ ନିଜ ଦଳର ସତ୍ତାକୁ ଜୀବନ୍ତ ରଖି ଏକତ୍ର ହୁଅନ୍ତି ଓ 'ମିଳିତ କାର୍ଯ୍ୟସୂଚୀ' କାର୍ଯ୍ୟକାରୀ କରିବାକୁ ଆଗ୍ରହ ପ୍ରକାଶ କରନ୍ତି, ତାହା ହିଁ ଗଠବନ୍ଧନ ବା ମେଣ୍ଟ-ରାଜନୀତିକୁ ବଳ ଦିଏ। ଆମ ଓଡ଼ିଶାରେ ଯେ କେବଳ ମେଣ୍ଟ ସରକାର ଓ ଆଞ୍ଚଳିକ ଦଳର ସରକାର ହୋଇଥିଲା କିମ୍ବା ଅଛି ଓ ହେବାକୁ ଯାଉଛି ତାହା ନୁହେଁ; ବରଂ ସବୁ ରାଜ୍ୟରେ ଏକାଭଳି ଅବସ୍ଥା। କୁହାଯାଏ ଯେ ଗୋଟିଏ ରାଜ୍ୟ ବା ଦେଶର ଅର୍ଥନୈତିକ ବିକାଶ ପାଇଁ ରାଜନୈତିକ ସ୍ଥିରତା ଅତ୍ୟାବଶ୍ୟକ। ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ବିନା କୌଣସି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା କଷ୍ଟକର। ପ୍ରଶାସନିକ ଅଧିକାରୀମାନଙ୍କୁ ବ୍ୟବହାର କରି ପ୍ରଜାଙ୍କୁ ସୁଶାସନ, ରାଜ୍ୟରେ ଉନ୍ନୟନ ତଥା ବିକାଶ ଆଣିବାକୁ ଗୋଟିଏ ଦଳ କିମ୍ବା ମେଣ୍ଟର ଦୃଢ଼ ସରକାର ସମର୍ଥ। ଜାତୀୟ ରାଜନୈତିକ ଦଳମାନଙ୍କର ରାଜ୍ୟବାସୀଙ୍କ ଆବଶ୍ୟକତାକୁ ଅଣଦେଖା କରିବାର ପରିଣାମ ରୂପେ, ଆଞ୍ଚଳିକ ଦଳମାନଙ୍କର ସୃଷ୍ଟି ଓ ବିକାଶ। ଦେଖାଯାଉଛି ଯେ କ୍ରମଶଃ ସବୁ ଦଳର ବିଧାୟକ ଓ ସାଂସଦମାନେ 'ପାର୍ଟି ନୁହେଁ, ମାଟି'କୁ ପ୍ରାଧାନ୍ୟ ଦେବାକୁ ଆରମ୍ଭ କଲେଣି ଓ ରାଷ୍ଟ୍ରୀୟ ଦଳମାନେ ମଧ୍ୟ 'ସବକା ବିକାଶ' ଉପରେ ଗୁରୁତ୍ୱ ଦେବାକୁ ବାଧ୍ୟ ହେଲେଣି। ଏଣୁ ଦେଶରେ ବହୁ ଦଳୀୟ ମେଣ୍ଟ ବଦଳରେ ଅଳ୍ପ କେତୋଟି ଜାତୀୟ ଦଳ ତିଷ୍ଠି ରହିବା ସମ୍ଭବ।

ମେଣ୍ଟ ରାଜନୀତି ମଧ୍ୟ କିଛି ଆଶାୟୀ ରାଜନେତାଙ୍କ ହୃଦୟ ଭାଙ୍ଗିଦିଏ। ଓଡ଼ିଶାରେ ବହୁ ଆଶାୟୀ ବିଜେପି ନେତାଙ୍କ ହୃଦୟ ଭାଙ୍ଗି ଯାଉଥିବାର ଆମକୁ ଦେଖିବାକୁ ମିଳୁଛି। ଗତକାଲି ରାତିରେ ବିଜେପି ରାଜ୍ୟ ସଭାପତି ମେଣ୍ଟ ବିଷୟରେ ତାଙ୍କ ଦଳ ଆଲୋଚନା କରିନଥିବାର ପ୍ରକାଶ କରିଛନ୍ତି। ଅଥଚ ଦୁଇ ଦଳ ମଧ୍ୟରେ ମାନସ ମନ୍ଥନ ତୀବ୍ର; ଆଲୋଚନା, ପର୍ଯ୍ୟାଲୋଚନା, ତଥ୍ୟସମ୍ବଳିତ ଦଲିଲ ଉପସ୍ଥାପନ କରି ଅଧିକ ଆସନ ଦାବି ବିଷୟରେ ଚର୍ଚ୍ଚା କାହିଁରୁ କ'ଣ ! ବିଜେଡିର କହିବା କଥା ଯେ ଦଳର ମୁଖ୍ୟଙ୍କ ନିଷ୍ପତ୍ତି ହିଁ ଶ୍ରେଷ୍ଠ ଓ ଶେଷ ନିର୍ଣ୍ଣୟ। ରାଜନୀତିରେ ହୃଦୟ ଭାଙ୍ଗିବା ଏତେ ନିତିଦିନିଆ ଘଟଣା ଯେ ପ୍ରେମ ଜଗତ ବି ତା ଆଗରେ ଫିକା ପଡ଼ିଯିବ। ଅତୀତର ପ୍ରତାରଣା କିମ୍ବା ପ୍ରତିଶୃତିକୁ ଭୁଲିଯିବା, ପୁରୁଣା ବନ୍ଧୁତାକୁ ଆଦରିନେବା, ପୁରୁଣା ଛାଡ଼ି ନୂଆର ହାତ ଧରିବା, ନିଜ ହାତରେ ଗଢ଼ିଥିବା ସାମ୍ରାଜ୍ୟ ଆଖି ପିଛୁଳାକେ ହାତଛଡ଼ା ହୋଇଯିବା କିମ୍ବା ସାରାଜୀବନ ପରିଶ୍ରମ କରି ଗଢ଼ିଥିବା ନିଜର ଛବି କେଉଁ ଏକ ଅପ୍ରତ୍ୟାଶିତ ବିଡ଼ମ୍ବନା ଯୋଗୁଁ ଧୂଳିସାତ ହୋଇଯିବା - ଏସବୁ ରାଜନୀତିର ପିଚ୍ଛିଳ ଭୁଇଁରେ ସାଧାରଣ କଥା। ଏସବୁ ଘଟଣା ବା ଦୁର୍ଘଟଣା କାଳ କାଳ ଧରି ନେତାଙ୍କ ଭାଗ୍ୟ ନିର୍ଣ୍ଣୟ କରି ଆସିଛି। କେତେବେଳେ କନ୍ଦାଇଛି ତ କେତେବେଳେ ଆନନ୍ଦ ଦେଇଛି ସେମାନଙ୍କୁ। ପୂର୍ବରୁ ମହାରାଷ୍ଟ୍ରରେ ଶିବସେନା ଓ ଏନସିପିର ବିଭାଜିତ ଗୋଷ୍ଠୀ, ବିହାରର ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ ଏନଡିଏରେ ସାମିଲ ହୋଇ ସାରିଛନ୍ତି। ଆନ୍ଧ୍ରର ତେଲୁଗୁ ଦେଶମ ମଧ୍ୟ ଏନଡିଏରେ ମିଶି ସାରିଛି। ପଞ୍ଜାବର ଶିରୋମଣି ଅକାଳୀ ଦଳ ଓ ଆମ ରାଜ୍ୟର ବିଜୁ ଜନତା ଦଳ ଦିନେ ଦୁଇଦିନ ମଧ୍ୟରେ ଏନଡିଏରେ ସାମିଲ ହେବା ଥୟ। ଲୋକସଭାରେ ବିଜେପି ଏକାକୀ ୩୭୦ ଓ ଏନଡିଏ ୪୦୦ ଉପରେ ଆସନ ପାଇବା ଲକ୍ଷ୍ୟରେ ମେଣ୍ଟ ରାଜନୀତିକୁ ତୀବ୍ର କରିଛି। ଇଣ୍ଡିଆ ମେଣ୍ଟରୁ ଦଳମାନେ ଖସି ଯାଉଥିଲା ବେଳେ, ଏନଡିଏ ମେଣ୍ଟରେ ଆଞ୍ଚଳିକ ଦଳମାନେ ଯୋଗ ଦେଉଛନ୍ତି। ଦେଶରେ ଏବେ ପାଳିତ ହେଉଛି ଅମୃତ କାଳ। ୨୦୪୭ ମସିହାରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ଉତ୍ସବ ପାଳନ କରିବ। ଆମ ଓଡିଶା ତ ୨୦୩୬ ଅର୍ଥାତ ଆଉ ମାତ୍ର ୧୨ ବର୍ଷ ପରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ଉତ୍ସବ ପାଳନ କରିବ। ସେଥିପାଇଁ ଏବେ ରାଜନୈତିକ ପରିସ୍ଥିତି ବଦଳି ଯାଇଛି। ରାଜନୀତିର ପଶାପାଲିରେ ଭାବପ୍ରବଣତା ଆଉ ଶକ୍ତିଶାଳୀ ଅସ୍ତ୍ର ହୋଇ ରହିନାହିଁ। ସେହି ସ୍ଥାନ ନେବାକୁ ବସିଛି 'ଆଗୁଆ ନିର୍ବାଚନୀ ସର୍ଭେ', କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ, ହାଇଟେକ ପ୍ରଚାର, ସାମାଜିକ, ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ସହଯୋଗରେ ଅହରହ ପ୍ରଚାର, ବ୍ୟୟବହୁଳ ରାଲି ଓ ଜନସଭାର ଘନଘଟା। ରାଜନୈତିକ ପ୍ରତିଶୃତି କିମ୍ବା ପୁରୁଣା ବନ୍ଧୁର ବନ୍ଧୁତାକୁ ଆଉ ଗୁରୁତ୍ୱପୂର୍ଣ୍ଣ ଭାବୁନାହାନ୍ତି ଆଜିର ସଦା ଜାଗ୍ରତ ନେତା। ଆଜି, ସମସ୍ତଙ୍କ ପାଖରେ ରହିଛି ଏକାଧିକ ବିକଳ୍ପ ବ୍ୟବସ୍ଥା। ପ୍ଲାନ ଏ, ପ୍ଲାନ ବି, ସି ... ଏମିତି ଅନେକ। ଯେମିତି ହେଲେ ବି ଜିତିବାକୁ ହେବ। ବହୁ ପୂର୍ବରୁ ରାଜନୀତି କ୍ଷେତ୍ରକୁ ଅନୁପ୍ରବେଶ କରିସାରିଛନ୍ତି ଅସାମାଜିକ ତତ୍ତ୍ୱ, ଅପରାଧୀ, ବେପାରୀ ଓ କର୍ପୋରେଟ ସଂସ୍ଥାଙ୍କ ଅଦୃଶ୍ୟ ପାଦୁକାକୁ ସିଂହାସନରେ ବସାଇବାକୁ ଲାଳାୟିତ ଦେଶଭକ୍ତ ରାଜନେତା। ରାଜନୀତି ପବିତ୍ରତା ହରାଇ ବସିଥିଲାବେଳେ ମେଣ୍ଟ ରାଜନୀତିରୁ ପବିତ୍ରତା ଆଶାକରିବା ବିଡ଼ମ୍ବନା ମାତ୍ର। କର୍ପୋରେଟ ସିଣ୍ଡିକେଟ ନିର୍ଦ୍ଦେଶିତ ବୈପାରିକ ମେଣ୍ଟକୁ ରାଜନୈତିକ ମେଣ୍ଟ ଭାବିନେବା ଭୁଲ। ରାଜନୈତିକ-ମେଣ୍ଟ ଶରୀର ମଧ୍ୟରେ ବୈପାରିକ-ମେଣ୍ଟର ଆତ୍ମା ରହିଲେ, ଦେଶ ଓ ରାଜ୍ୟର ହିତସାଧନ ହୋଇପାରେନା। ନୀଳଶୈଳ ଉପନ୍ୟାସରେ ସୁରେନ୍ଦ୍ର ମହାନ୍ତି ଲେଖିଥିଲେ, 'ରାଜନୀତି ବଡ଼ ବିଚିତ୍ର ! ବେଶ୍ୟାର ପ୍ରଣୟ ଅଥବା ଜହ୍ନର ଛାଇରେ ବରଂ କେତେକ ସ୍ଥିରତା ଥାଇପାରେ; ମାତ୍ର କ୍ଷମତା ରାଜନୀତିରେ ବନ୍ଧୁତ୍ୱ ଓ ବୈରୀତ୍ୱ ଚଳାମେଘ ପରି ଅସ୍ଥିର। ଏଇ ମୁହୂର୍ତ୍ତର ଶତ୍ରୁ ପର ମୁହୂର୍ତ୍ତରେ ପରମ ସୁହୃଦ ଓ ବାନ୍ଧବ। ଘଙ୍ଘଙ୍ଘ ରାଜନୀତି ସୁବିଧାବାଦର ଏକ ମହାରଣ୍ୟ - ଆତ୍ମରକ୍ଷା ଓ ଆତ୍ମସ୍ୱାର୍ଥ ହେଲା ସେଠାରେ ଏକମାତ୍ର ଧର୍ମ।' ଆମେ ଏଥିରେ ଗୋଟିଏ ମାତ୍ର ଶବ୍ଦ 'ମେଣ୍ଟ' ଯୋଡ଼ିବାର ଧୃଷ୍ଟତା କରିବୁ ଯେ ମେଣ୍ଟ-ରାଜନୀତି ସୁବିଧାବାଦର ଏକ ମହାରଣ୍ୟ - ଆତ୍ମରକ୍ଷା ଓ ଆତ୍ମସ୍ୱାର୍ଥ ହେଲା ସେଠାରେ ଏକମାତ୍ର ଧର୍ମ।

ଯୋଗାଯୋଗ :
କୋକିଳା ଏନକ୍ଲେଭ-୨,
ପୋଖରୀପୁଟ, ଭୁବନେଶ୍ୱର-୭୫୧୦୨୦,
ଦୂରଭାଷ : ୯୪୩୮୨୯୯୦୩୭




# ହାତ ଖୋଲି ଦେଇଛନ୍ତି ରାଜ୍ୟ ସରକାର : ବଢ଼ିଲା ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ



**ଭୁବନେଶ୍ୱର(ଏନ୍.ଏମ୍.) :** ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜ୍ୟସରକାରଙ୍କ ଯୋଜନା ସେତିକି ବଢ଼ିବାରେ ଲାଗିଛି । ତେବେ ନିର୍ବାଚନ ପୂର୍ବରୁ ବିଭିନ୍ନ ବର୍ଗର ଲୋକଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ହାତ ଖୋଲି ଦେଇଛନ୍ତି । ଆଜି ରାଜ୍ୟ ସରକାର ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ବୃଦ୍ଧି କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି । ଚାରୋଟି ବର୍ଗ ଯଥା- ଅଣକୁଶଳୀ, ଅର୍ଦ୍ଧ କୁଶଳୀ, କୁଶଳୀ ଓ ଅତ୍ୟନ୍ତ କୁଶଳୀ ଶ୍ରମିକ ଏହି ନିଷ୍ପତ୍ତି ଦ୍ୱାରା ଉପକୃତ ହେବେ । ଅଣକୁଶଳୀ ଶ୍ରମିକଙ୍କ ମଜୁରୀ ୩୫୨ ଟଙ୍କାରୁ ୪୫୦ ଟଙ୍କାକୁ ବୃଦ୍ଧି କରାଯାଇ ଥିବାବେଳେ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀ ୩୯୨ରୁ ୫୦୦କୁ, କୁଶଳୀ ଶ୍ରମିକଙ୍କ ମଜୁରୀ ୪୪୨ରୁ ୫୫୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଅତ୍ୟନ୍ତ କୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ମଜୁରୀକୁ ୫୦୨ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର ସରକାରୀ ଓ ବେସରକାରୀ କ୍ଷେତ୍ରରେ କାମ କରୁଥିବା ଲକ୍ଷ ଲକ୍ଷ ଶ୍ରମିକ ଉପକାର ପାଇବେ ।

# ପ୍ରଥମ ଥର ଓଡ଼ିଶା ଜନଜାତି ଶିଳ୍ପୀମାନେ ବିଦେଶ ମାଟିରେ



**ଭୁବନେଶ୍ୱର(ଏନ୍.ଏମ୍.) :** ବିଦେଶ ମାଟିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଓଡ଼ିଶା ଲଳିତ କଳା ଏକାଡେମୀ ଦ୍ୱାରା ଓଡ଼ିଶାର ୧୫ ଜଣ ଜନଜାତି ଶିଳ୍ପୀ ଦୁବାଇ ଠାରେ ଆଦିବାସୀ ଜୀବନୀ ଓ ଚାଲିଚଳଣି ଚିତ୍ର ଅଙ୍କନରେ ନିମଗ୍ନ ଅଛନ୍ତି । ଆଜି ଦୁବାଇ ଠାରେ ଭାରତର କନ୍ସୁଲ୍ ଜେନେରାଲ ସତିଶ କୁମାର ଶିବମ୍, ଏକାଡେମୀର ସଭାପତି ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୁଦନ ଦାସ ଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀ ଉଦ୍ଘାଟନ କରଛନ୍ତି । ପ୍ରଥମ ଥର ପାଇଁ ବିଦେଶ ମାଟିରେ, ଦୁବାଇ ଠାରେ ଓଡ଼ିଶାର ଜନଜାତି ଚିତ୍ରକଳା ଅଙ୍କନ କରୁଥିବାରୁ ଶିଳ୍ପୀମାନଙ୍କୁ ସମସ୍ତେ ପ୍ରଶଂସା କରିଛନ୍ତି । ବିନୋଦିନୀ ସିଂହ, ସୁଜନ୍ମତି ଏକା, ଇନ୍ଦିରା ଗମାଙ୍ଗ, ସୁକୁମତି ଥିଉ, ସୌଭାଗ୍ୟ ମଞ୍ଜରୀ ମଲ୍ଲିକ, ସୁଭଦ୍ରା କରଓ୍ୱା, ଡଲି ଜାନୀ, ସୂର୍ଯ୍ୟଲତା ନାୟକ, ଭାରତୀ ଟୁଡୁ, କୁନେଶ ଗମାଙ୍ଗ, ରାଜେନ୍ଦ୍ର ସିଂ ଲାଗୁରି, ସନ୍ତୋଷ ସିଂ ଖୁଣ୍ଟିଆ, ଯୋଗୀ ଶବର, ସାମସନ୍ ଗମାଙ୍ଗ ଏବଂ ଅନିଲ କେରକେଟା ପ୍ରମୁଖ ଶିଳ୍ପୀମାନେ ହ୍ୟାଟ ପ୍ଲେସ ଦୁବାଇ ଅଲରିଗା ଠାରେ ୩ ଦିନ ଧରି ଓଡ଼ିଶାର ସୁପ୍ରସିଦ୍ଧ ସୌରା ଚିତ୍ର, ସାନ୍ତାଳ, କନ୍ଧ, ପରଜା, ହୋ ଓ କୋହ୍ଲ ଆଦି ସମ୍ପ୍ରଦାୟର ଚିତ୍ର ଅଙ୍କନ କରୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବିଭାଗ ଦ୍ୱାରା ବିଦେଶରେ ଚିତ୍ରକଳା ଶିବିରରେ ଯୋଗଦେଇ ଚିତ୍ର କରିବା ସହିତ ନିଜ ନିଜ ଚିତ୍ରର ପ୍ରଦର୍ଶନୀ କରିବାର ସୁଯୋଗ ପାଉଥିବାରୁ ଚିତ୍ରଶିଳ୍ପୀମାନେ ଅତ୍ୟନ୍ତ ଖୁସି ପ୍ରକଟ କରିଛନ୍ତି । ଏକାଡ଼େମୀର ସଚିବ ପଞ୍ଚାନନ ସାମଲ ଶିବିରକୁ ପରିଚାଳନା କରିଛନ୍ତି ।

# ମଉଳି ଗଲା ବିଜେପି-ବିଜେଡି ମେଣ୍ଟ ଆଶା : ଓଡ଼ିଶାରେ ବିଜେପି ଏକାକୀ ଲଢ଼ିବ ବୋଲି ପୁଣି କହିଲେ ମନମୋହନ



**ଭୁବନେଶ୍ୱର(ଏନ୍.ଏମ୍.) :** ଓଡ଼ିଶାରେ ବିଜେପି-ବିଜେଡି ମେଣ୍ଟକୁ ନେଇ ବେଶ କିଛି ଦିନ ଚର୍ଚ୍ଚା ଚାଲିଥିବାବେଳେ ଏବେ ମେଣ୍ଟ ଆଶା ଧିରେ ଧିରେ ମଉଳିବାରେ ଲାଗିଛି । ମେଣ୍ଟ ନେଇ ବିଜେଡି ଏ ପର୍ଯ୍ୟନ୍ତ ମୁହଁ ଖୋଲିନଥିବାବେଳେ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନିଷ୍ପତ୍ତି ନେବେ ବୋଲି କହି କର୍ମୀମାନେ ପ୍ରସଙ୍ଗରୁ ଏଡାଇ ଯାଇଛନ୍ତି । ଅନ୍ୟପକ୍ଷେ ମେଣ୍ଟକୁ ନେଇ ବିଜେପି ରାଜ୍ୟସଭାପତି, ପ୍ରଭାରୀ ତଥା ଅନ୍ୟ ନେତାମାନେ ଅସ୍ୱୀକାର କରିଛନ୍ତି । ବିଜେପି ରାଜ୍ୟରେ ଏକାକୀ ନିର୍ବାଚନ ଲଢ଼ିବ ବୋଲି ନେତାମାନେ ଦୃଢ଼ୋକ୍ତି ବାଢ଼ିଛନ୍ତି । ତେବେ ଆଜି ଦିଲ୍ଲୀରୁ ଫେରିବା ପରେ ମାପିଚୁପି ମନ୍ତବ୍ୟ ରଖିଥିବା ବିଜେପି ସଭାପତି ମନମୋହନ ସାମଲ କିନ୍ତୁ ପୁଣି ଥରେ ନିଜ ପୁରୁଣା କଥା ଦୋହରାଇଛନ୍ତି । ମଧ୍ୟାହ୍ନ ସମୟରେ ମନମୋହନ ଦେଇଥିବା ମନ୍ତବ୍ୟରେ ଓଡ଼ିଶାରେ ବିଜେପି ଏକାକୀ ଲଢ଼ିବ ଓ ସରକାର ଗଠନ କରିବ ବୋଲି ସ୍ୱଷ୍ଟ କରିଛନ୍ତି । ମନମୋହନ କହିଛନ୍ତି, ଓଡ଼ିଶାରେ ବିଜେପିର ସରକାର ହେବ । ଓଡ଼ିଶାର ଅସ୍ମିତାକୁ ନେଇ ଆମେ ଲୋକଙ୍କ ପାଖକୁ ଯିବୁ, ନିର୍ବାଚନ ଲଢ଼ିବୁ । ଓଡ଼ିଶାର ଅସ୍ମିତା ନେଇ ନିର୍ବାଚନ ଲଢ଼ିବ ବିଜେପି । ଲୋକମାନଙ୍କ ଆଶୀର୍ବାଦ, ଶୁଭେଚ୍ଛାରେ ସରକାର କରିବୁ । ଓଡ଼ିଶାର ଲୋକମାନେ ଏଥର ନିର୍ବାଚନ ଦାୟିତ୍ୱ ନେବେ । ତେଣୁ ଓଡ଼ିଶାରେ ବିଜେଡି-ବିଜେପି ମେଣ୍ଟ ହେଉ ନଥିବା ନେଇ ଏବେ ଏକ ପ୍ରକାର ସ୍ୱଷ୍ଟ ହୋଇ ସାରିଥିବା ଚର୍ଚ୍ଚା ହେଉଛି । ଚଳିତ ନିର୍ବାଚନରେ ବିଜେଡି-ବିଜେପି ମଧ୍ୟରେ ମେଣ୍ଟ ହେବା ନେଇ ରାଜ୍ୟରେ ଚର୍ଚ୍ଚା ଜୋର ଧରିଛି । ବିଜେପି ନିଜ ଦୁଇ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରି ସାରିଥିବା ବେଳେ ଓଡ଼ିଶାର ଗୋଟିଏ ବି ସିଟ୍ ନାଁ ଉଲ୍ଲେଖ ନାହିଁ । ଅପରପକ୍ଷେ, ବିଜେଡି ମଧ ଏଯାବତ ନିଜ ପ୍ରାର୍ଥୀ ତାଲିକା ପ୍ରକାଶ କରି ନାହିଁ । ଏହାବାଦ ନୂଆଦିଲ୍ଲୀରେ ରାଜ୍ୟ ବିଜେପି ନେତୃବୃନ୍ଦଙ୍କୁ ନେଇ ଶୀର୍ଷସ୍ତରୀୟ ନେତୃତ୍ୱଙ୍କ ବୈଠକ ଏହି ମେଣ୍ଟ ଚର୍ଚ୍ଚାକୁ ବେଶ୍ ଖୋରାକ ଯୋଗାଉଥିଲା । ମାତ୍ର ରାଜ୍ୟରେ ବିଜେପି-ବିଜେଡି ମଧ୍ୟରେ କୌଣସି ମେଣ୍ଟ ହେବନି, ବିଜେପି ଏକା ଲଢ଼ିବ ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ସ୍ୱଷ୍ଟ କରି ଆସୁଥିଲେ । ମାତ୍ର ଏହାପରେ ବି ମେଣ୍ଟ ହେବା ନେଇ ଲୋକଙ୍କ ମଧ୍ୟରେ ଆଲୋଚନା ଜାରି ରହିଥିଲା । ଏହାମଧ୍ୟରେ ୪ ଦିନ ଧରି ଦିଲ୍ଲୀରେ ଡେରା ପକାଇଥିବା ମନମୋହନ ସାମଲ ବିଜେପିର ଶୀର୍ଷ ନେତୃବୃନ୍ଦଙ୍କ ସହ ଘନ ଘନ ବୈଠକ କରିଥିଲେ । ଗତକାଲି ମନମୋହନ ସାମଲଙ୍କ ଟିମ୍ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଥିଲେ । ମାତ୍ର ବିମାନବନ୍ଦରରେ ଗଣମାଧ୍ୟମ ପ୍ରତିନିଧୀଙ୍କ ସହ ଆଲୋଚନା ବେଳେ ସେ ମେଣ୍ଟକୁ ନେଇ ମାପିଚୁପି ମତ ରଖିଥିଲେ, ଯାହାକୁ ନେଇ ପୁଣିଥରେ ମେଣ୍ଟ ଅଙ୍କକୁ ନେଇ ହଟଚମଟ ଦେଖା ଦେଇଥିଲା । ମେଣ୍ଟ ଚର୍ଚ୍ଚା ନେଇ ମନମୋହନ ସାମଲ ପ୍ରତିକ୍ରିୟା ଦେଇ ସକାଳେ କହିଥିଲେ, ‘ସବୁ ଠିକ୍ ଚାଲିଛି ଆମର ପ୍ରକ୍ରିୟା ଯାହା ହେବା କଥା ଚାଲିଛି । ଆମେ ସବୁ ବିଷୟରେ ବିଚାର ଆଲୋଚନା କରୁଛୁ । ମାତ୍ର ମେଣ୍ଟ ହେବ ନା ନାହିଁ ଏନେଇ ସେ ସଫା ସଫା କିଛି କହି ନଥିଲେ । କିନ୍ତୁ ମଧ୍ୟାହ୍ନ ସମୟରେ ମନମୋହନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ନିଜ ପକ୍ଷ ସ୍ୱଷ୍ଟ କରିଛନ୍ତି । ବିଜେପି ଏକାକୀ ନିର୍ବାଚନ ଲଢ଼ିବ ଓ ଜିତିବ ବୋଲି ବି ସେ ସ୍ୱଷ୍ଟ ଭାବେ କହିଛନ୍ତି । ଅପରପକ୍ଷେ, ଆଜି ଅପରାହ୍ନରେ ବିଜେଡିର ହେଭିୱେଟ ନେତାଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ନବୀନ ନିବାସରେ ଅନୁଷ୍ଠିତ ହେବ । ଉକ୍ତ ବୈଠକରେ କ’ଣ ଆଲୋଚନା ହେବ ଓ ତା’ର ନିଷ୍କର୍ଷ କ’ଣ ବାହାରିବ ତାହା ଉପରେ ସମସ୍ତଙ୍କ ନଜର ରହିଛି । ଅନ୍ୟପକ୍ଷରେ ବିଜେପି ଏକାକୀ ନିର୍ବାଚନ ଲଢ଼ିଲେ ମୁଖ୍ୟ ପ୍ରତିଦ୍ୱନ୍ଦୀ ବିଜେଡି ହେବ ଏବଂ ବିଜେପି ଯେଉଁ ଆଶା ରଖିଛି ତାହା ସଫଳ ହେବାରେ କଷ୍ଟ ହେବ ବୋଲି ନିର୍ବାଚନ ସମୀକ୍ଷକମାନେ ପ୍ରକାଶ କରିଛନ୍ତି ।

# ବରଗଡ ଚିନିକଳ ଜମି ଇଡକୋକୁ ହସ୍ତାନ୍ତର ହେବ, ଆଗାମୀ ଦିନରେ ନୂତନ ଶିଳ୍ପ ପ୍ରତିଷ୍ଠା କରାଯିବ : ମୁଖ୍ୟମନ୍ତ୍ରୀ

## ସମୁଦାୟ ୧୦୩.୨୧ ଏକର ଜମିରୁ ୭୨.୧୨ ଏକର ଜମି ପାଇଁ ଇଡକୋ ୪୦.୬୮ କୋଟି ପ୍ରଦାନ କରିଛି

**ଭୁବନେଶ୍ୱର(ଏନ୍.ଏମ୍.) :** ବରଗଡସ୍ଥିତ ଚିନିକଳ ଜମିକୁ ଇଡକୋକୁ ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଆଗାମୀ ଦିନରେ ଇଡକୋ ଏହି ଜମିରେ ନୂତନ ଶିଳ୍ପ ପ୍ରତିଷ୍ଠା କରିବାପାଇଁ ପଦକ୍ଷେପ ନେବ ସୂଚନାଯୋଗ୍ୟ ଯେ ଯନ୍ତାଂଶ ରକ୍ଷଣାବେକ୍ଷଣ ଓ ମରାମତି ତଥା ନୂତନ ମେସିନ୍ ପାଇଁ ପାଣ୍ଠି ଅଭାବ ଏବଂ ଅନ୍ୟାନ୍ୟ ବିଭିନ୍ନ କାରଣ ପାଇଁ ଚିନିକଳରେ କାମ ବନ୍ଦ ରହିଥିଲା । ସେଥିପାଇଁ ଏହାର ଜମିକୁ ଇଡକୋକୁ ହସ୍ତାନ୍ତର କରି ନୂତନ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତି ଅନୁଯାୟୀ ଚିନିକଳର ସମୁଦାୟ ୧୦୩.୨୧ ଏକର ଜମି ମଧ୍ୟରୁ ବିବାଦମୁକ୍ତ ୭୨.୧୨ ଏକର ଜମି ପାଇଁ ଇଡକୋ ୪୦.୬୮ କୋଟି ଟଙ୍କା ପ୍ରଦାନ କରିଛି । ବରଗଡର ଅତିରିକ୍ତ ଜିଲ୍ଲାପାଳ ତଥା ବରଗଡ କୋଅପରେଟିଭ ସୁଗାର ମିଲ୍ସର ଲିକୁଡେଟରଙ୍କୁ ଏହି ଟଙ୍କା ପ୍ରଦାନ କରାଯାଇଛି । ବାକି ସବୁ ଜମି ବିବାଦମୁକ୍ତ ହେବାପରେ ଇଡକୋକୁ ହସ୍ତାନ୍ତର କରାଯିବ ।

# ରାଜ୍ୟ କଂଗ୍ରେସର ନିର୍ବାଚନୀ ଇସ୍ତାହାର, ଦେଲା ୯ଗ୍ୟାରେଣ୍ଟି



**ଭୁବନେଶ୍ୱର(ଏନ୍.ଏମ୍.) :** ଓଡ଼ିଶାରେ ତେଲେଙ୍ଗାନା ଫର୍ମୁଲା ଆପଣାଇଲା କଂଗ୍ରେସ । ରାଜ୍ୟ କଂଗ୍ରେସ ଆଜି ଘୋଷଣା କରିଛି ନିଜ ନିର୍ବାଚନ ଇସ୍ତାହାର । ବିଜେପି ‘ମୋଦି ଗ୍ୟାରେଣ୍ଟି’ ଦେଇଥିବା ବେଳେ କଂଗ୍ରେସ ଏହାକୁ ଚେକ ଦେବାକୁ ଚେଷ୍ଟା କରିଛି । ସେଥିପାଇଁ ୯ଟି ଗ୍ୟାରେଣ୍ଟି ଲଞ୍ଚ କରିଛି । ଫୋକସରେ ରହିଛି ମହିଳା, କୃଷକ, ଯୁବକ ଯୁବତୀ, ଏସଏଚଜି । ଗୃହଲକ୍ଷ୍ମୀ ଯୋଜନାରେ ପ୍ରତି ଘର ମୁଖ୍ୟ ମହିଳାଙ୍କୁ ୨ ହାଜର ଟଙ୍କା ଭତ୍ତା, ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗଙ୍କୁ ୨ ହଜାର ଟଙ୍କା ମାସିକ ଭତ୍ତା, ବେକାରୀଙ୍କୁ ୩ ହଜାର ଏବଂ କୃଷକଙ୍କ ପାଇଁ ମାସିକ ପେନସନ୍ ୨ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଛି କଂଗ୍ରେସ । ସରକାରୀ କର୍ମଚାରୀଙ୍କ ସମେତ ସମସ୍ତଙ୍କ ପାଇଁ ୨୫ ଲକ୍ଷ ଟଙ୍କା ଯାଏଁ ମାଗଣା ଚିକିତ୍ସା ବ୍ୟବସ୍ଥା କରାଇବାକୁ ନିଜ ଗ୍ୟାରେଣ୍ଟି ପତ୍ରରେ ଉଲ୍ଲେଖ କରିଛି କଂଗ୍ରେସ । ଖାଲି ସେତିକି ନୁହେଁ, ଚିଟଫଣ୍ଡ କ୍ଷତିଗସ୍ତଙ୍କୁ ୬ ମାସରେ ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ଦେଇଛି କଂଗ୍ରେସ । ଏହି ଅବସରରେ ବିଜେଡି ଓ ବିଜେପିକୁ କଡ଼ା ଭାଷାରେ ସମାଲୋଚନା କରିଛି କଂଗ୍ରେସ । ଓଡ଼ିଶାକୁ ଗରିବରୁ ଅଧିକ ଗରିବ କରିବାରେ ବିଜେଡି ଓ ବିଜେପି ସରକାର ଦାୟୀ ବୋଲି ଅଭିଯୋଗ କରିଛି ଦଳ ।

# ବିଜେଡିରୁ ଇସ୍ତଫା ଦେଲେ ଷ୍ଟାର କ୍ୟାମ୍ପେନର ଅରିନ୍ଦମ ରାୟ



**କଟକ(ଏନ୍.ଏମ୍.) :** ସାଧାରଣ ନିର୍ବାଚନ ନିମନ୍ତେ ଆଚରଣ ବିଧି ଲାଗୁ ହେବାର କେଇ ଘଣ୍ଟା ପୂର୍ବରୁ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ଭିଣୋଇ ତଥା ଅଭିନେତା ଅରିନ୍ଦମ ରାୟ ଆଜି ବିଜେଡିରୁ ଇସ୍ତଫା ଦେଇଛନ୍ତି । ସେ ଦଳର ସାଧାରଣ ସଂପାଦକ ପଦ ସହିତ ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଇଛନ୍ତି । ସେ ତାଙ୍କ ଇସ୍ତଫା ପତ୍ର ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପଠାଇ ଦେଇଛନ୍ତି । ଇସ୍ତଫା ପତ୍ରରେ ନିଜର କ୍ଷୋଭ ଜଣାଇଛନ୍ତି ଅରିନ୍ଦମ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେ ଲେଖିଛନ୍ତି, ମୁଁ ଆପଣଙ୍କ ଦଳରେ ୨୦୦୯ରୁ କାର୍ଯ୍ୟ କରିଆସୁଛି । ୨୦୧୪ରୁ ମୁଁ ଆପଣଙ୍କ ଦଳର ଷ୍ଟାର କ୍ୟାମ୍ପେନର ରହି ଆସିଛି । ବିଭିନ୍ନ ନିର୍ବାଚନରେ ପର୍ଯ୍ୟବେକ୍ଷକ ଭାବେ କଟକ, ତିର୍ତ୍ତୋଲ ଓ କୋରାପୁଟରେ ତୃଣମୂଳ ସ୍ତରରେ କାର୍ଯ୍ୟ କରିଛି । କିନ୍ତୁ ଦୁଃଖର ସହିତ କହିବାକୁ ପଡୁଛି ଯେ ମୋ କାର୍ଯ୍ୟକୁ ଆପଣ କିମ୍ବା ଆପଣଙ୍କ ଦ୍ୱାରା ନିଯୁକ୍ତ ସଦସ୍ୟମାନେ ଏଯାବତ ସ୍ୱୀକୃତି ଦେଇ ନାହାନ୍ତି । ମୁଁ ଆପଣଙ୍କୁ ସାକ୍ଷାତ କରିବାକୁ ଚେଷ୍ଟା କରିଥିଲି । କିନ୍ତୁ ଦୁର୍ଭାଗ୍ୟ ବଶତଃ ଆପଣଙ୍କୁ ଦେଖା କରିବାକୁ ମୋତେ ସୁଯୋଗ ମିଳିଲା ନାହିଁ । ତେଣୁ ଆପଣଙ୍କୁ ଭେଟିବାର ମାପଦଣ୍ଡ ମୁଁ ପୂରଣ କରିପାରୁ ନାହିଁ ବୋଲି ଅନୁଭବ କଲି । ଆପଣଙ୍କ ଦଳରେ ମୋର ସ୍ଥାନ କିଛି ନୁହେଁ ବୋଲି ଭାବୁଛି । ଏଣୁ ମୁଁ ବିଜେଡିର ସାଧାରଣ ସଂପାଦକ ପଦ ଓ ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଉଛି । ଆଶା କରୁଛି, ଆପଣ ମୋ ପରିସ୍ଥିତି ବୁଝିବେ ଓ ମୋ ଉପରେ କିଛି ଆକ୍ରୋଶ ରଖିବେ ନାହିଁ ବୋଲି ଉଲ୍ଲେଖ କରିଛନ୍ତି । ଅନ୍ୟପକ୍ଷରେ ଅରିନ୍ଦମ ବିଜେଡି ଛାଡ଼ିବେ ବୋଲି ଅନେକ ଦିନରୁ ସଙ୍କେତ ମିଳି ସାରିଥିଲା । ବିଜେପିର କିଛି ନେତାଙ୍କୁ ସାକ୍ଷାତ କରିବା ସହ ବିବାଦୀୟ ବୟାନ ଦେଇ ସେ ଦଳ ପାଇଁ ସମସ୍ୟା ସୃଷ୍ଟି କରୁଥିଲେ । ଗତ ଜାନୁଆରୀ ମାସରେ କଟକ ବାଲିଯାତ୍ରା ପଡ଼ିଆରେ ଏକ ଯୁବ ସମ୍ମିଳନୀର ଆୟୋଜନ କରିଥିଲେ ଅରିନ୍ଦମ । ସେଠାରେ ଲାଗିଥିବା ବ୍ୟାନରରେ ବିଜେଡିର ଦଳୀୟ ଚିହ୍ନ ନଥିଲା କି ମୁଖ୍ୟମନ୍ତ୍ରୀଙ୍କ ଫଟୋ ନଥିଲା । ଅରିନ୍ଦମଙ୍କ ସେହି ସଭାରେ ବହୁ ଯୁବକ ଓ ବୁଦ୍ଧିଜୀବୀ ସାମିଲ୍ ହୋଇଥିଲେ । ଏହି ଯୁବ ସମ୍ମିଳନୀ ପରେ ଅରିନ୍ଦମ ଗଣମାଧ୍ୟମକୁ କହିଥିଲେ, ମୁଁ କାହା ସହ ଦେଖା କରିବାରେ କିଛି ଅସୁବିଧା ନାହିଁ । ଯିଏ ଯାହା ଭାବୁଛନ୍ତି ଭାବନ୍ତୁ । ସେହିପରି ସେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦେଖା କରିଥିଲେ । ତା’ପରେ କଟକ ବିଜେପି ଜିଲ୍ଲା ସଭାପତି ପ୍ରକାଶ ବେହେରାଙ୍କ ସହ ତାଙ୍କର ଏକ ଫଟୋ ସୋଶାଲ୍ ମିଡ଼ିଆରେ ଭାଇରାଲ ହୋଇଥିଲା । ଗୋଟିଏ ଟେବୁଲରେ ପାଖାପାଖି ଅରିନ୍ଦମ ଓ ପ୍ରକାଶ ବେହେରା ବସିଥିବା ଦେଖିବାକୁ ମିଳିଥିଲା । ଅବଶ୍ୟ ଫଟୋଟି କେବେକାର, ତାହା ଜଣାପଡ଼ି ନଥିଲା । ତେବେ ଫଟୋଟି ପ୍ରକାଶ ବେହେରାଙ୍କ ସାଲେପୁର ସ୍ଥିତ ଘର ବୋଲି ଚର୍ଚ୍ଚା ହୋଇଥିଲା । ଏହି ସବୁ ଘଟଣାକ୍ରମକୁ ଦେଖି ଅରିନ୍ଦମ ରାୟ ବିଜେଡି ଛାଡ଼ିବେ ବୋଲି ଅନେକ ଦିନ ହେବ ଚର୍ଚ୍ଚା ହେଉଥିଲା । ତେବେ ଅରିନ୍ଦମ ବିଜେଡି ଦଳରୁ ଇସ୍ତଫା ଦେବା ପରେ ବିଜେପିରେ ଯୋଗ ଦେଇଛନ୍ତି । ଅରିନ୍ଦମ ଆଜି ବିଜେଡିରୁ ଇସ୍ତଫା ଦେବାର କିଛି ସମୟ ପରେ ଭୁବନେଶ୍ୱର ସ୍ଥିତି ରାଜ୍ୟ ବିଜେପି ମୁଖ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ସେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଦଳରେ ଯୋଗ ଦେଇଥିଲେ । ମନମୋହନ ସାମଲ ଆନୁଷ୍ଠାନିକ ଭାବେ ଶ୍ରୀ ରାୟଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ । ଶ୍ରୀ ରାୟଙ୍କ ସହ ତାଙ୍କ ସମର୍ଥକମାନେ ମଧ ବିଜେପିରେ ଯୋଗ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ଦଳ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ସମେତ କଟକ ବିଜେପିର ବହୁ ନେତା ଉପସ୍ଥିତ ରହିଥିଲେ ।

# ହିଂସାର ପଥ ଛାଡ଼ି ମୁଖ୍ୟ ସ୍ରୋତରେ ସାମିଲ୍ ହେଲେ ୨ ହାର୍ଡକୋର ନକ୍ସଲ



**ମାଲକାନାଗିରି(ଏନ୍.ଏମ୍.) :** ହିଂସାର ପଥର ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେଲେ ୨ ହାର୍ଡକୋର୍ ନକ୍ସଲ । ଆଉ ଉଭୟ ମାଲକାନଗିରି ଏସ୍ପିଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଛନ୍ତି । ରାଜ୍ୟ ସରକାରଙ୍କ ଆତ୍ମସାମର୍ପଣ ଥଇଥାନ ନୀତି ଅନୁସାରେ ଉଭୟଙ୍କୁ ଥଇଥାନ୍ କରାଯିବ ବୋଲି ଜଣାପଡ଼ିଛି । ଛତିଶଗଡରେ ନକ୍ସଲ ଦମନ ଯୋଗୁ ଓଡ଼ିଶାର ମାଲକାନଗିରି ମୁହାଁ ହେଉଛନ୍ତି କ୍ୟାଡର ନକ୍ସଲ । ଆଜି ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଓଏ ଚରଣସିଂ ମିନାଙ୍କ ଉପସ୍ଥିରେ ମାଲକାନଗିରି ଏସ୍ପିଙ୍କ କାର୍ଯ୍ୟାଳୟରେ ଆତ୍ମସମର୍ପଣ କରିଛନ୍ତି ଦୁଇ ଜଣ ହଡ଼କୋର ନକ୍ସଲ । ଜଣେ ହେଲେ କାଡତି ହୁଡ଼ା ଓରଫ ସମୀର । ୨୦୦୧ ମସିହାରେ ସେ କିସତାରାମ ଏରିଆ କମିଟିରେ ଯୋଗଦେଇଥିଲେ । ୨୦୦୨ ମସିହାରେ ତାଙ୍କୁ ପଦୋନ୍ନତି ଦିଆଯାଇଥିଲା । ତା’ପରେ ବଡ଼ ବଡ଼ ଅପରେସନ୍ରେ ସାମିଲ ହୋଇଥିଲେ । ତେବେ ସ୍ୱାସ୍ଥ୍ୟଗତ କାରଣରୁ ସେ ୨୦୧୪ ମସିହାରେ ସଙ୍ଗଠନଠାରୁ ଦୂରେଇ ଯାଇଥିଲେ । ସୁସ୍ଥ ହେବା ପରେ ସେ ପୁଣି ଥରେ ଅର୍ଥାତ ୨୦୨୨ ମସିହାରେ ନକ୍ସଲ ସଙ୍ଗଠନରେ ସାମିଲ୍ ହୋଇଥିଲେ । ହେଲେ ତାଙ୍କୁ ସେଠାରେ ଦିଆଯାଇଥିଲା ନିର୍ଯାତନା । ନକ୍ସଲମାନେ ନିଜର ଆଦର୍ଶରୁ ଓହରି ଯାଇ ହତ୍ୟା, ରାହାଜାନି ଓ ବିକାଶର ବାଧା ସୃଷ୍ଟି କରୁଥିଲେ । ଯେଉଁଥିପାଇଁ ସଙ୍ଗଠନ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ହେବା ପାଇଁ ନିଷ୍ପତ୍ତି ନେଲେ କାଡତି ହୁଡ଼ା । କାଡତି ହୁଡ଼ାଙ୍କ ପରି ଗଙ୍ଗା କର୍ତ୍ତମୀ ଓରଫ ଗଙ୍ଗା ମଧ୍ୟ ଆତ୍ମସମର୍ପଣ କରିଛନ୍ତି । ସେ ୨୦୦୧ ମସିହାରେ ଦକ୍ଷିଣ ବସ୍ତର ଏରିଆ କମିଟିରେ ଯୋଗଦେଇଥିଲେ । ୨୦୦୭ ମସିହାରେ ତାଙ୍କୁ ପଦୋନ୍ନତି ଦିଆଯାଇଥିଲା । ତା’ପରେ ସେ ବଡ଼ବଡ଼ ଅପରେସନ୍ରେ ସାମିଲ୍ ହୋଇଥିଲେ । ରକ୍ତର ହୋଲି ଖେଳିଥିଲେ । ପାରିବାରିକ କାରଣରୁ ସେ ୨୦୧୯ ମସିହାରେ ସଙ୍ଗଠନ ଛାଡ଼ିଥିଲେ । ପରବର୍ତ୍ତୀ ସମୟରେ ସେ ପୁଣି ଥରେ ସଙ୍ଗଠନରେ ସାମିଲ୍ ହୋଇଥିଲେ । ତାଙ୍କ ନାଁରେ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ସେ ଆଜି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହୋଇଛନ୍ତି । ରାଜ୍ୟ ସରକାରଙ୍କ ଆତ୍ମସାମର୍ପଣ ଥଇଥାନ ନୀତି ଅନୁଯାଇ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି ।

# ସତ୍ୟପାଠ ଦ୍ୱାରା ପ୍ରତିଶ୍ରୁତି ରଖିବେ କଟକ ସଦର ନିର୍ବାଚନ ମଣ୍ଡଳର ସ୍ୱାଧୀନ ପ୍ରାର୍ଥୀ ସୁକାନ୍ତ ସେଠୀ




**କଟକ(ଏନ୍.ଏମ୍.) :** କଟକ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଓ ସାଧାରଣ ନିର୍ବାଚନରେ କଟକ ସଦରରୁ ସ୍ୱାଧୀନ ବିଧାୟକ ପାର୍ଥୀଭାବେ ସାମାଜିକ କର୍ମୀ ସୁକାନ୍ତ ସେଠୀ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଉଛନ୍ତି । ତାଙ୍କୁ ପ୍ରାର୍ଥୀତ୍ୱଙ୍କୁ ସମର୍ଥନ କରିବା ନିମନ୍ତେ ବିଭିନ୍ନ ସାମାଜିକ ସଂଗଠନ, ଗ୍ରାମ ମୁରବୀ ଓ ଯୁବକମାନଙ୍କ ପକ୍ଷରୁ ଆଜି ସ୍ଥାନୀୟ ନୂଆପଡା ଠାରେ ଏକ ବନ୍ଧୁମିଳନ ଓ ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ବିଧାୟକ ପାର୍ଥୀ ଶ୍ରୀ ସେଠୀ ଯୋଗଦେଇ ସେ ପ୍ରଥମ କରି ନିର୍ବାଚିତ ହେବାପରେ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରୁ କିପରି ଯୋଗ୍ୟ ହିତାଧିକାରୀମାନେ ବଞ୍ଚିତ ନରହିବେ, ନୂଆପଡାସ୍ଥିତ ନିର୍ମାଣ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ(୨)ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ୪୨ ମୌଜା ଓ ବ୍ରାହ୍ମଣୀଝରିଲ ଠାରେ ଅକାମୀ ହୋଇ ପଡିଥିବା ଶୀତଳ ଭଣ୍ଡାରଗୁଡିକୁ ପୂର୍ଣ୍ଣ ଉଦ୍ଧାର କରିବା, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ଏବଂ ଲୋକମାନଙ୍କ ମୁଖ୍ୟ ସମସ୍ୟା ଉପରେ ଗୁରୁତ୍ୱ ଦେବେ ବୋଲି ସତ୍ୟପାଠ ଦ୍ୱାରା ଭୋଟରଙ୍କୁ ପ୍ରତିଶ୍ରୁତି ଦେବାକୁ କହିବାରୁ ତାହାକୁ ବୈଠକରେ ଉପସ୍ଥିତ ସମର୍ଥକମାନେ ଉତ୍ସାହର ସହିତ ଗ୍ରହଣ କରି ଶ୍ରୀ ସେଠୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଇଥିଲେ । ଏ ପରିକି ନିର୍ବାଚନ ଜିତିବାପରେ ଯଦି ପ୍ରତିଶ୍ରୁତି ପାଳନ କରାନଯାଏ ସାଧାରଣ ଲୋକ ତାଙ୍କ ବିରୁଦ୍ଧରେ ଆଇନର ଆଶ୍ରୟ ନେଇପାରିବେ ବୋଲି ଶ୍ରୀ ସେଠୀ ଦୃଢୋକ୍ତିର ସହିତ ପ୍ରକାଶ କରିଛନ୍ତି ।

# କର୍ମଚାରୀଙ୍କୁ ରାଜ୍ୟ ସରକାରଙ୍କ ଭେଟି, ବଢ଼ିଲା ମହଙ୍ଗା ଭତ୍ତା



**ଭୁବନେଶ୍ୱର(ଏନ୍.ଏମ୍.) :** ରାଜ୍ୟ ସରକାରୀ କର୍ମଚାରୀ ପାଇଁ ଖୁସି ଖବର । ବଢ଼ିଲା ମହଙ୍ଗା ଭତ୍ତା । ସେମାନଙ୍କ ମହଙ୍ଗା ଭତ୍ତା ୪% ବୃଦ୍ଧି କରିଛନ୍ତି ରାଜ୍ୟ ସରକାର । ୪% ବୃଦ୍ଧି ସହିତ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪୬%ରୁ ୫୦%କୁ ବଢ଼ିଛି । ବର୍ଦ୍ଧିତ ମହଙ୍ଗା ଭତ୍ତା ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ ହେବ । ଏହା ଦ୍ୱାରା ୪.୫ ଲକ୍ଷ କର୍ମଚାରୀ ଓ ୩.୫ ଲକ୍ଷ ପେନସନଭୋଗୀ ଉପକୃତ ହେବେ । ସୂଚନାଯୋଗ୍ୟ,ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ସମସ୍ତେଙ୍କୁ ଖୁସି କରିବାରେ ଲାଗି ପଡ଼ିଛନ୍ତି ନବୀନ । କେତେବେଳେ ଦରମା ବୃଦ୍ଧି କରୁଛନ୍ତି ଆଉ କେତେବେଳେ ସ୍ୱାସ୍ଥ୍ୟବୀମା ରାଶି ପରିମାଣ ବୃଦ୍ଧି କରୁଛନ୍ତି । ଆଜି ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି ।




## କମିଶନରେଟ ପୁଲିସର ସଫଳତା: ଚୋରାବନ୍ଧୁକ କାରବାରର ଖୋଲିଲା ଗୁମର, ୪ ବନ୍ଧୁକ ୧୨ରାଉଣ୍ଡ ଗୁଳି ଜବତ

# ବିହାରରୁ ବନ୍ଧୁକ ଆଣି କରୁଥିଲେ ବେପାର, ୩ ଗିରଫ

**ଜଗତପୁର(ଏନ୍.ଏମ୍.):** କଟକ କମିଶନରେଟ ପୁଲିସକୁ ମିଳିଛି ବଡ଼ ଧରଣର ସଫଳତା। ବିଭିନ୍ନ ଅପରାଧ ନିମନ୍ତେ ବ୍ୟବହୃତ ଚୋରା ବନ୍ଧୁକ ଯୋଗାଉଥିବା ଗ୍ୟାଙ୍ଗର ୩ଜଣ ସଦସ୍ୟଙ୍କୁ ପୁଲିସ ଗିରଫ କରିଛି। ତେବେ ଏହି ବନ୍ଧୁକଗୁଡ଼ିକ ବିହାରରୁ ଆଣି ଏଠାରେ ବିଭିନ୍ନ ଅପରାଧୀମାନଙ୍କୁ ବିକ୍ରି କରାଯାଉଥିବା ସମ୍ପର୍କରେ ପୁଲିସକୁ ମିଳିଛି ତଥ୍ୟ। ବେଆଇନ ଭାବେ ବନ୍ଧୁକ ବିକ୍ରି କରୁଥିବା ୩ ଅପରାଧୀଙ୍କୁ କଟକ କମିଶନରେଟ ପୁଲିସ ଗିରଫ କରିଛି। ଜଗତପୁର ଥାନା ପୁଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମିଳିତ ଭାବେ ଚଢ଼ାଉ କରି ଏହି ୩ ଜଣଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ଠାରୁ ୪ଟି ବନ୍ଧୁକ ମଧ୍ୟରେ ଗୋଟିଏ ୯ଏମଏମ



ପିସ୍ତଲ, ଗୋଟିଏ ୭.୬୫ଏମଏମ ପିସ୍ତଲ, ଗୋଟିଏ ରିଭଲଭର, ସହ ଗୋଟିଏ ହାତ ତିଆରି ପିସ୍ତଲ ସହିତ ୧୨ରାଉଣ୍ଡ ଗୁଳି, ୨ଟି ବାଇକ ଓ ୩ଟି ମୋବାଇଲ ଫୋନ ଜବତ କରାଇଛି। ପୁଲିସ ପକ୍ଷରୁ ପ୍ରଦତ୍ତ ସୂଚନା ଅନୁଯାୟୀ, ଶେଖ ବଜାର ଅଞ୍ଚଳର ଦୁର୍ଦ୍ଦାନ୍ତ ଅପରାଧୀ ବବୁଆ ଓରଫ ପ୍ରକାଶ ବେହେରା(୪୨) ବନ୍ଧୁକ କାରବାର କରୁଥିବା ସମ୍ପର୍କରେ କଟକ କମିଶନରେଟ ପୁଲିସ ଖବର ପାଇଥିଲା। ଏହା ପରେ ସ୍ପେଶାଲ ସ୍କ୍ୱାଡ୍ ଓ ଜଗତପୁର ଥାନା ପୁଲିସ ମିଳିତ ଭାବେ ଚଢ଼ାଉ କରି ବବୁଆକୁ କାବୁ କରିଥିଲେ। ତା' ନିକଟରୁ ଗୋଟିଏ ବନ୍ଧୁକ ଓ ୩ଟି ଗୁଳି ଜବତ କରାଯାଇଥିଲା। ପଚରାଉଚରା ବେଳେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଦୟାଳପୁର କୁଟିଲାଗ୍ରାମର ଦୁର୍ଦ୍ଦାନ୍ତ ଅପରାଧୀ ପିଣ୍ଟୁ ଓରଫ ପ୍ୟାରୀମୋହନ ଦାସ(୪୧) ବନ୍ଧୁକ ରଖିଥିବା ବବୁଆ କହିଥିଲା। ପୁଲିସ୍ ପିଣ୍ଟୁ ନିକଟରୁ ୨ଟି ବନ୍ଧୁକ ଓ ୭ ରାଉଣ୍ଡ ଗୁଳି ଜବତ କରିଥିଲା। ସେହିପରି ବବୁଆର ଆଉ ଜଣେ ସହଯୋଗୀ ତିର୍ତ୍ତୋଲ ଥାନା ଅନ୍ତର୍ଗତ କେଉଳଗ୍ରାମର ମିହିର କୁମାର ରାୟ(୩୯) ଠାରୁ ପୁଲିସ ଗୋଟିଏ ବନ୍ଧୁକ ଓ ୨ ରାଉଣ୍ଡ ଗୁଳି ଜବତ କରିଥିଲା ପୁଲିସ୍। କଟକ ଡିସିପି କନଓ୍ୱର ବିଶାଲ ସିଂହଙ୍କ ସୂଚନା ଅନୁଯାୟୀ ଅଭିଯୁକ୍ତମାନେ ବିହାରର ମୁଙ୍ଗେରରୁ ବନ୍ଧୁକ ଆଣି ଏଠାରେ ବ୍ୟବସାୟ କରିବା ସହ ଅପରାଧ ମଧ୍ୟ ଘଟାଉଥିଲେ। ସମସ୍ତ ଅଭିଯୁକ୍ତ ଏଟିଏମ ଟଙ୍କା ଗାଡି ଲୁଟ କରିବା ପାଇଁ ଯୋଜନା କରୁଥିବା ବେଳେ ପୁଲିସ୍ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲା। ଏହି ଗ୍ୟାଙ୍ଗର ଆଉ ୨ସଦସ୍ୟ ଫେରାର ଅଛନ୍ତି। ବବୁଆ ନାଁ ରେ ୧୦ଟି ମାମଲା ଥିବା ବେଳେ ପିଣ୍ଟୁ ନାଁ ରେ ୧୯ଟି ମାମଲା ରହିଛି। ସମସ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ କଟକ ଡିସିପି କନଓ୍ୱର ବିଶାଲ ସିଂହ ସୂଚନା ଦେଇଛନ୍ତି।

## ପଞ୍ଚାୟତିରାଜ ପ୍ରତିନିଧିଙ୍କ ପାରିତୋଷିକ ବୃଦ୍ଧି କଲେ ରାଜ୍ୟ ସରକାର

**ଭୁବନେଶ୍ୱର(ଏନ୍.ଏମ୍.):** ଏଥର ସରପଞ୍ଚ ଓ ସମିତି ସଭ୍ୟଙ୍କ ପାଇଁ ଆସିଛି ଖୁସିର ଖବର। ରାଜ୍ୟ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ଦୀର୍ଘ ଦିନର ଦାବି ପୂରଣ କରିଛନ୍ତି ରାଜ୍ୟ ସରକାର। ଶେଷରେ ସେମାନଙ୍କ ପାରିତୋଷିକ ଓ ଭତ୍ତା ବୃଦ୍ଧି କରାଯାଇଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ନୂତନ ବିଜ୍ଞପ୍ତି ଅନୁଯାୟୀ, ଜିଲ୍ଲା ପରିଷଦ ସଦସ୍ୟ, ପଞ୍ଚାୟତ ସମିତି ସଭ୍ୟ ଓ ସରପଞ୍ଚଙ୍କ ଭତ୍ତା ବୃଦ୍ଧି ହୋଇଛି। ଜିଲ୍ଲା ପରିଷଦ ସଭାପତି ଏଣିକି ମାସକୁ ପାଇବେ ୩୦ ହଜାର ଟଙ୍କା। ସେହିପରି ଜିଲ୍ଲା ପରିଷଦ ଉପସଭାପତି ମାସିକ ୨୦ ହଜାର ଟଙ୍କା, ଜିଲ୍ଲା ପରିଷଦ ସଭ୍ୟଙ୍କ ମାସିକ ପାରିତୋଷିକ ୧୦ ହଜାର ଟଙ୍କା ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷମାନେ ମାସକୁ ପାଇବେ ୧୫ ହଜାର ଏବଂ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଓ ସମିତି ସଭ୍ୟ ପାଇବେ ୭ ହଜାର ୫୦୦ ଟଙ୍କା। ଆଗରୁ ସରପଞ୍ଚ ୨ହଜାର ୩୫୦ ଟଙ୍କା ପାଉଥିବାବେଳେ ଏବେ ପାଇବେ ମାସିକ ୧୦ ହଜାର ଟଙ୍କା। ସେହିପରି ନାଏବ ସରପଞ୍ଚ ପୂର୍ବରୁ ୯୪୦ ଟଙ୍କା ପାଉଥିବା ବେଳେ ଏଣିକି ପାଇବେ ୪ ହଜାର ଟଙ୍କା। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିରେ ବେଶ୍ ଖୁସି ହୋଇପଡ଼ିଛି ରାଜ୍ୟ ସରପଞ୍ଚ ମହାସଂଘ। ଏନେଇ ରାଜ୍ୟ ସରପଞ୍ଚ ମହାସଂଘ ୧୫ ଦଫା ଦାବି ନେଇ ବହୁ ଦିନ ହେବ ଆନ୍ଦୋଳନ ଚଳାଇ ଆସିଥିଲା। ଏହାପରେ ପାରିତୋଷିକ ବୃଦ୍ଧି କରା ଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ସରପଞ୍ଚ ମହାସଂଘ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଗଞ୍ଜେଇ ଚାଲାଣ ମାମଲାରେ ୧୪ ବର୍ଷ ସଶ୍ରମ କାରାଦଣ୍ଡ

**କଟକ(ଏନ୍.ଏମ୍.):** ଏକ ଗଞ୍ଜେଇ ଚାଲାଣ ମାମଲାରେ କଟକର ଦ୍ୱିତୀୟ ଅତିରିକ୍ତ ସେସନ୍ ଜଜ୍ ଆସାମୀ ସେମିଳିଗୁଡା ଗାନ୍ଧୀନଗରର ରବିନ୍ଦ୍ର ସେନାପତି ଓ ସରସ୍ୱତୀନଗରର ରାଜେନ୍ଦ୍ର ବେହେରାଙ୍କୁ ୧୪ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହିତ ଉଭୟଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଜୋରିମାନା ପ୍ରଦାନ କରିବାକୁ କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି ।ତେବେ ଜୋରିମାନା ନ ଦେଇପାରିଲେ ସେମାନଙ୍କୁ ଆଉ ଅଧିକ ୬ ମାସ ଲେଖାଏ ସଶ୍ରମ କରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ କହିଛନ୍ତି। ଗତ ୨୦୨୧ ମସିହା ନଭେମ୍ବର ୨୦ ତାରିଖ ରାତି ୭ଟା ବେଳେ ଆସାମୀଦ୍ୱୟ ଏକ ଟ୍ରକ୍‌ରେ ୨୦୦ କେଜି ଗଞ୍ଜେଇ ଚାଲାଣ କରୁଥିବାବେଳେ କଟକର ଗୋପାଳପୁର ଛକ ନିକଟରେ ଧରାପଡିଥିଲେ। ଗିରଫ ପରେ ପୁଲିସ୍ ସେମାନଙ୍କୁ କେପାର୍ଟ ଚାଲାଣ କରିଥିଲା।

# ଜାତୀୟ ରାଜପଥ ନିର୍ମାଣରେ ଜଳ ସେଚନ ଓ ନିଷ୍କାସନ ଉପର ଧ୍ୟାନ ଦେବାକୁ କୃଷକ ବିକାଶ ପରିଷଦର ଜିଲ୍ଲାପାଳଙ୍କୁ ଦାବି



**କେନ୍ଦ୍ରାପଡ଼ା(ଏନ୍.ଏମ୍.):** ଦୈତାରୀ ପାରାଦୀପ ଜାତୀୟ ରାଜପଥ ଯାଜପୁର ଜିଲ୍ଲାରୁ ଜଗତସିଂହପୁର ଜିଲ୍ଲାକୁ କେନ୍ଦ୍ରାପଡ଼ା ଜିଲ୍ଲା ମଧ୍ୟ ଦେଇ ପାରାଦୀପ ପର୍ଯ୍ୟନ୍ତ ଯାଇଅଛି । ହରିଦାସପୁର–ପାରାଦୀପ ରେଳପଥ ଦୈତାରୀ -ପାରାଦୀପ ଜାତୀୟ ରାଜପଥର ବାମ ପାର୍ଶ୍ୱରେ ଯାଇଅଛି। ଦୈତାରୀ–ପାରାଦୀପ ରାସ୍ତା ୪ ଲେନ ବିଶିଷ୍ଟ ଥିଲା। ଏହାକୁ ସରକାର ଏବେ ୮ ଲେନ ବିଶିଷ୍ଟ କରୁ ଅଛନ୍ତି ଓ ଏହି କାର୍ଯ୍ୟ କେନ୍ଦ୍ରାପଡ଼ା ଜିଲ୍ଲାରେ ଆରମ୍ଭ ହୋଇ ଦ୍ରୁତ ଗତିରେ ଚାଲୁଅଛି। ନଦୀ, ନାଳ ଘେରା କେନ୍ଦ୍ରାପଡ଼ା ଜିଲ୍ଲାର ମଧ୍ୟ ଭାଗ ଦେଇ ୮ ଲେନ ବିଶିଷ୍ଟ ରାଜପଥ, ପଞ୍ଚୁପାଣ୍ଡବ ଛକ ଠାରୁ ନୀଳାଚଳ ଛକ ପର୍ଯ୍ୟନ୍ତ ନିର୍ମାଣ କରାଯିବା ସମୟରେ ଜିଲ୍ଲାର ଜଳସେଚନ ଓ ଜଳ ନିଷ୍କାସନ ଉପରେ ବହୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପଡିବ। ଏଥିରେ ବହୁ ପାଟନାଳି, କେନାଲ ଓ ନଦୀ ପ୍ରଭାବିତ ହେବ। ଏଣୁ ରାସ୍ତା ନିର୍ମାଣ ସମୟରେ ଜିଲ୍ଲାର ଚାଷୀମାନଙ୍କର ଶସ୍ୟକ୍ଷେତ୍ରକୁ କେନାଲର ସଂଯୋଗ ଓ ପାଟନାଳିରେ ଜଳ ନିଷ୍କାସନ ଓ ନଦୀର ପୋଲ ଆଦି ନିର୍ମାଣ ସମୟରେ ବହୁ ସତର୍କତାର ସହ କାର୍ଯ୍ୟ କରିବାକୁ ପଡିବ। ନଚେତ୍ ଜିଲ୍ଲାରେ ଜଳ ନିଷ୍କାସନ ନ ହୋଇ ପାରି ରାସ୍ତା ର ଉଭୟ ପାର୍ଶ୍ୱରେ ୧୦୦ରୁ ଉର୍ଦ୍ଧ୍ୱ ପାଟ ସୃଷ୍ଟି ହୋଇ ବର୍ଷାଦିନେ ହ୍ରଦର ଭ୍ରମ ସୃଷ୍ଟି କରିବ। ଚାଷୀମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ବହୁ କଷ୍ଟରେ କରିଥିବା ଫସଲକୁ ଅମଳ କରି ଘରକୁ ନେଇ ପାରିବେ ନାହିଁ ଓ ବହୁ କ୍ଷତିର ସମ୍ମୁଖୀନ ହେବେ। ଅନେକ ସ୍ଥଳରେ କେନାଲ ସ୍ଥାନରେ କେବଳ ହ୍ୟୁମ ପାଇପ ନ ପକାଇ ସଠିକ ଭାବରେ ସୁଉଚ୍ଚ ବକ୍ସ ପୋଲ କରି ଜଳ ସେଚନର ବ୍ୟବସ୍ଥା କରିବାକୁ ହେବ। ପାଟନାଳି ଉପରେ ସୁଉଚ୍ଚ ପୋଲ ନିର୍ମାଣ କରା ନଗଲେ ବର୍ଷା ଦିନେ ପୋଲ ପାଖରେ ଦଳ ଅଟକି ଓ ଜମିରହି ଜଳ ନିଷ୍କାସନରେ ବାଧା ସୃଷ୍ଟି କରିବ। ୮ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ ସମୟରେ ଉଭୟ ଜଳ ସେଚନ ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ସଠିକ ତଦାରଖ କରି କାର୍ଯ୍ୟ କରା ନ ଗଲେ ଓ ଚାଷୀଙ୍କ ଦାବି ପ୍ରତି ଅଣଦେଖା କରିଲେ କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଅଗ୍ରଣୀ କୃଷକ ସଂଗଠନ 'କୃଷକ ବିକାଶ ପରିଷଦ' ନୀରବ ଦ୍ରଷ୍ଟା ହୋଇ ବସି ରହିବ ନାହିଁ। ବରଂ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧ୍ୟ ହେବ। କୃଷକ ମାନଙ୍କୁ ବନ୍ଧୁ ଭାବି ସେମାନଙ୍କ ସହିତ ବନ୍ଧୁତାର ହାତ ବଢାଇ, ରାସ୍ତା ନିର୍ମାଣ ସମୟରେ ଉଭୟ ଜଳସେଚନ ଓ ଜଳ ନିଷ୍କାସନ ଉପର ଗୁରୁତ୍ୱ ପ୍ରଦାନ କରିବାକୁ କୃଷକ ବିକାଶ ପରିଷଦର ଅଧ୍ୟକ୍ଷ ତଥା କୃଷକ ନେତା ବିଜୟ ପରିଡା ଜିଲ୍ଲାପାଳଙ୍କ ସହ ସବିଶେଷ ଆଲୋଚନା କରି ଆଜି ଦାବି ପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ କୃଷକ ବିକାଶ ପରିଷଦର ସୁରେନ୍ଦ୍ର ପଳାଇ, ମଧୁସୂଦନ ରାଉତ, ରଞ୍ଜନ ବିଶ୍ୱାଳ, ଧରଣୀଧର ପରିଡା, ଅନନ୍ତ ବାସୁଦେବ ବରାଳ, ପୂର୍ଣ୍ଣଚନ୍ଦ୍ର କର ଓ ଶ୍ରୀଧର ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣ୍ଡିଆନଙ୍କ ଉପରେ ଅସନ୍ତୋଷ ଝାଡ଼ିଲେ ସ୍ୱଚ୍ଛ ଓ ଜଳ ସାଥୀ ମହିଳା: ଅଭିଯୋଗ ଜଣାଇବାକୁ ଛାଡ଼ିଲାନି ପୁଲିସ୍

**କଟକ(ଏନ୍.ଏମ୍.):** ସିଏମସି ଅଧୀନରେ କାର୍ଯ୍ୟରତ ସ୍ୱଚ୍ଛ ସାଥୀ ଓ ଜଳ ସାଥୀ ମହିଳାମାନଙ୍କୁ ଆଜି ନିରାଶ ହେବାକୁ ପଡ଼ିଛି। କଟକ ଗସ୍ତରେ ଆସିଥିବା ବିଜେଡି ନେତା ତଥା ୫ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କୁ ସେମାନେ ଭେଟିବାକୁ ଚାହୁଁଥିଲେ। ପାଣ୍ଡିଆନଙ୍କୁ ଭେଟି ସେମାନେ ନିଜର ସମସ୍ୟା ସମ୍ପର୍କରେ କହିଥାଆନ୍ତେ। କିନ୍ତୁ କଟକ କମିଶନରେଟ ପୁଲିସ ମହିଳାମାନଙ୍କୁ ଏଥିପାଇଁ ଅନୁମତି ଦେଲାନାହିଁ। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଜି କଟକର ବିଭିନ୍ନ କଲେଜରେ ଭିକେ ପାଣ୍ଡିଆନଙ୍କ 'ନୂଆ ଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ସମୟରେ ସ୍ୱଚ୍ଛସାଥୀ ଓ ଜଳସାଥୀ ମହିଳାମାନେ ସେମାନଙ୍କ ଦାବି ନେଇ ପାଣ୍ଡିଆନଙ୍କୁ ଭେଟିବାକୁ ଚାହିଁଥିଲେ। କମିଶନରେଟ ପୁଲିସ୍ ଭେଟିବାକୁ ମହିଳାମାନଙ୍କ ପାଖରେ



ଅନୁମତି ନଥିବା କହି ସେମାନଙ୍କୁ ଘଟଣାସ୍ଥଳରୁ ବିଦା କରି ଦେଇଛି। ବିଭିନ୍ନ ବର୍ଗର କର୍ମଚାରୀଙ୍କ ପାଇଁ ସରକାର ଦରମା ବୃଦ୍ଧି ଘୋଷଣା କରୁଛନ୍ତି। କିନ୍ତୁ ସ୍ୱଚ୍ଛ ଓ ଜଳ ସାଥୀମାନଙ୍କର ଦରମା କାହିଁକି ବୃଦ୍ଧି କରାଯାଉନାହିଁ ବୋଲି ମହିଳାମାନେ ପ୍ରଶ୍ନ କରିଛନ୍ତି। ୨୦୧୯ ମସିହାରୁ ଏସଏଜି ଗ୍ରୁପର ମହିଳାମାନେ ସ୍ୱଚ୍ଛସାଥୀ ଓ ଜଳସାଥୀ ଭାବେ କାମ କରୁଥିବାବେଳେ ମାସିକ ୪ ହଜାର ଟଙ୍କା ଲେଖାଏ ଦରମା ପାଉଛନ୍ତି। ସେମାନଙ୍କୁ ବିଭିନ୍ନ ସରକାରୀ କାମରେ ନିୟୋଜିତ କରାଯାଉଛି। ହେଲେ ସେମାନଙ୍କ ଦରମା ଦରମା ବୃଦ୍ଧି କରାଯାଉନାହିଁ। ଦରମା ବୃଦ୍ଧି ଉପରେ ଯଦି ସରକାର କୌଣସି ପଦକ୍ଷେପ ନନିଅନ୍ତି, ତା'ହେଲେ ଆଗାମୀ ଦିନରେ ମହିଳାମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୧୯ ମସିହା ଅକ୍ଟୋବର ୧୬ ତାରିଖରେ ସେମାନଙ୍କୁ ନିଯୁକ୍ତି ମିଳିଥିଲା। ତାଙ୍କୁ ୮ ହଜାର ଟଙ୍କା ଦରମା ମିଳିବ ବୋଲି କୁହାଯାଇଥିଲା। କିନ୍ତୁ ମାସିକ ୪ ହଜାର ଟଙ୍କା ଲେଖାଏ ମିଳୁଛି। ଆଗକୁ ଦରମା ବଢ଼ିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ପ୍ରତିଶ୍ରୁତିକୁ ୫ ବର୍ଷ ପୂରିଥିଲେ ମଧ୍ୟ ସେମାନଙ୍କ କଥା କେହି ଶୁଣୁନଥିବା ଅଭିଯୋଗ କରିଛନ୍ତି। ଏପରିକି ମିଶନ ଶକ୍ତି ଅଫିସରେ ସଚିବ ସୁଜାତା କାର୍ତ୍ତିକେୟ ପାଣ୍ଡିଆନ ଚଳିତ ବର୍ଷ ଦରମା ବଢ଼ିବ ବୋଲି କହିଥିଲେ। ପାଣ୍ଡିଆନ ମଧ୍ୟ ସ୍ୱଚ୍ଛ ସାଥୀ ଓ ଜଳ ସାଥୀଙ୍କ ଦରମା ବଢ଼ିବ ବୋଲି ଘୋଷଣା କରିଥିଲେ। ସମସ୍ତଙ୍କ ଦରମା ବଢ଼ିଲା। ହେଲେ ଜଳସାଥୀ ଓ ସ୍ୱଚ୍ଛ ସାଥୀଙ୍କୁ ନାହିଁ। ଏପରିକି ବାଲିଯାତ୍ରା ଠାରୁ ଏସିବିସି ସର୍ଭେର ଟଙ୍କା ମଧ୍ୟ ମିଳିନି। ଏ ନେଇ ପାଣ୍ଡିଆନଙ୍କୁ ଜଣାଇବାକୁ ଚାହିଁଥିବାବେଳେ ପୁଲିସ୍ ମହିଳାମାନଙ୍କୁ ଅନୁମତି ନଥିବା କହି ତାଙ୍କୁ ଦେଖାକରିବାକୁ ଛାଡ଼ିଲା ନାହିଁ। ତେଣୁ ମହିଳାଙ୍କୁ ନିରାଶ କଲେ ଏହାର ପରିଣାମ ସରକାର ନିଶ୍ଚୟ ଭୋଗିବେ ବୋଲି ଜଳସାଥୀ ଓ ସ୍ୱଚ୍ଛସାଥୀ ମହିଳାମାନେ ଚେତାବନୀ ଦେଇଛନ୍ତି।

# ମା' ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପାଟଣାଗଡରେ ଅନ୍ତର୍ଜାତୀୟ ମହିଳା ଦିବସ

**ପାଟଣାଗଡ(ଏନ୍.ଏମ୍.):** ସମ୍ପ୍ରତି ମହିଳାମାନଙ୍କ ଉନ୍ନତି ପାଇଁ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଯାହାକୁ ନେଇ ବିଶ୍ୱରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହେଉଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଚିକିତ୍ସାଳୟ ସଭା ଗୃହରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଥିଲା। ମା' ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଦ୍ୱିତୀୟ ବର୍ଷ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଚିକିତ୍ସାଧିକାରୀ ଡାକ୍ତର ପୀତବାସ ସା ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କର ହକ ଅଧିକାର ନ୍ୟାୟ ସଶକ୍ତିକରଣ, ବେଟି ବଞ୍ଚାଓ ବେଟି ପଢ଼ାଓ ଏବଂ ବିଭିନ୍ନ ଦିଗ ଉପରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଶିଶୁ କନ୍ୟାଙ୍କ ମାଆମାନଙ୍କୁ ତାଙ୍କ ଶିଶୁ




କନ୍ୟାଙ୍କ ପାଇଁ ଟ୍ରଷ୍ଟ ପକ୍ଷରୁ ନିତ୍ୟ ବ୍ୟବହାର ସାମଗ୍ରୀ ଡ୍ରେସ, ସାବୁନ, ତେଲ, ପାଉଡର ଆଦି ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟ ସଭାପତି ରୁଦ୍ରମଣୀ ମେହେର ପରିଚାଳନା କରିଥିବାବେଳେ ଦେମତି ମେହେର, ସୁମନ୍ତ ମେହେର, ସୁଶାନ୍ତ ପ୍ରଧାନ, ଦୀପାଞ୍ଜଳି ମେହେର, ଡାକ୍ତର ଓ ଷ୍ଟାଫ ନର୍ସମାନେ ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ପ୍ରସ୍ତାବ

## ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଢାଞ୍ଚାରେ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କର



**ଭୁବନେଶ୍ୱର(ଏନ୍.ଏମ୍.):** ଉତ୍ତର ଓଡ଼ିଶାରେ ଅବସ୍ଥିତ ଭଦ୍ରକ, ବାଲେଶ୍ୱର, ମୟୁରଭଞ୍ଜ ଓ କେନ୍ଦୁଝର ଜିଲାର ଆର୍ଥିକ ବିକାଶ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଢାଞ୍ଚାରେ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଶ୍ରୀ ପଟ୍ଟନାୟକ ଦର୍ଶାଇଛନ୍ତି ଯେ, ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ଦ୍ୱାରା ଆର୍ଥିକ କ୍ଷେତ୍ରରେ ଅବହେଳିତ ଜିଲ୍ଲା ଗୁଡ଼ିକର ସନ୍ତୁଳିତ ବିକାଶ ସହ ଆଞ୍ଚଳିତ ବୈଷମ୍ୟତା ଦୂର ହୋଇପାରିବ। ପ୍ରାୟ ଏକ କୋଟି ଜନତା ବସବାସ କରୁଥିବା ଉତ୍ତର ଓଡ଼ିଶାର ଏହି ଚାରି ଜିଲା ଖଣି ଖାଦାନରେ ପରିପୂର୍ଣ୍ଣ। ରାଜ୍ୟର ଅନ୍ୟ ଅଞ୍ଚଳ ଅପେକ୍ଷା ରାଜକୋଷକୁ ଉତ୍ତର ଓଡ଼ିଶାର ଯୋଗଦାନ ସର୍ବାଧିକ ରହିଛି। ତଥାପି ବିକାଶ କ୍ଷେତ୍ରରେ ଉଭୟ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଏବଂ ରାଜ୍ୟର ନବୀନ ସରକାରଙ୍କ ଦ୍ୱାରା ଉତ୍ତର ଓଡ଼ିଶା ଉପେକ୍ଷିତ ହୋଇ ରହିଯାଇଛି। ଦୀର୍ଘ ସମୁଦ୍ରତଟ, ଖଣିଜ ସଂପଦ, ବିସ୍ତୀର୍ଣ୍ଣ କୃଷିଜମି ଏବଂ ଅନ୍ୟାନ୍ୟ ଆର୍ଥିକ ବିକାଶ ନିମନ୍ତେ ସମସ୍ତ ସୁଯୋଗ ଥିବା ସତ୍ତ୍ୱେ ସ୍ଥାନୀୟ ଯୁବପୀଢ଼ି ରୋଜଗାର ଅନ୍ୱେଷଣରେ ପଳାୟନ କରୁଛନ୍ତି। ଭିତ୍ତିଭୂମିର ଅଭାବ, ଦକ୍ଷତା ବିକାଶ ଓ ତାଲିମ ଅଭାବ ଏବଂ କମ୍ ପୁଞ୍ଜିନିବେଶ ସ୍ଥାନୀୟ ଆର୍ଥିକ ବିକାଶକୁ ରୋକିଛି। ଯାହାଦ୍ୱାରା ବେକାରୀ ବୃଦ୍ଧି ସହ ଜନତାଙ୍କ ଜୀବନମାନ ପ୍ରଭାବିତ ହେଉଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଉଦାହରଣ ଦେଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଏହା ପଶ୍ଚିମ ଓଡ଼ିଶାର ଆର୍ଥିକ ଗତିବିଧି ଏବଂ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି। ଡବ୍ଲୁଓଡିସି ଗଠନ ହେବା ଦିନ ଠାରୁ ଏପର୍ଯ୍ୟନ୍ତ ୨୫୦୦ କୋଟି ଟଙ୍କା ବ୍ୟୟରେ ୪୨୮୨୦ଟି ପ୍ରକଳ୍ପ ନିର୍ମାଣ ହୋଇଛି। ଏହାର ସିଧାସଳଖ ଲାଭ ପଶ୍ଚିମ ଓଡ଼ିଶାବାସୀ ପାଇଛନ୍ତି। ଠିକ୍ ସେହିଭଳି ସ୍ୱତନ୍ତ୍ର ଉତ୍ତର ଓଡ଼ିଶା ବିକାଶ ଗଠନ ଦ୍ୱାରା ପଛୁଆ ଅଞ୍ଚଳ ଗୁଡ଼ିକୁ ଫୋକସ କରାଯାଇ ସ୍ଥାନୀୟ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇପାରିବ। ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ଦ୍ୱାରା କୃଷି କ୍ଷେତ୍ରର ବିକାଶ ଓ କୃଷକଙ୍କ କଲ୍ୟାଣ, ଡିଜିଟାଲ କାପାବିଲିଟି ବିଲ୍ଡିଂ, ନୂତନ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନକୁ ପ୍ରୋତ୍ସାହନ, ବୟନ ଶିଳ୍ପ ସଂସ୍ଥାକୁ ସ୍ୱତନ୍ତ୍ର ଗୁରୁତ୍ୱ, ପର୍ଯ୍ୟଟନ ଶିଳ୍ପର ବିକାଶ, ଶିକ୍ଷା ସହ ତାଲିମକୁ ଯୋଡ଼ିବା, ଖଣି କ୍ଷେତ୍ରରେ ପ୍ରକ୍ରିୟାକରଣ ଏବଂ ମ୍ୟାନୁଫ୍ୟାକଚରିଂ ଶିଳ୍ପକୁ ପ୍ରୋତ୍ସାହନ, ସୌର ଓ ପବନ ଶକ୍ତି ବିନିଯୋଗ ଦ୍ୱାରା ଅକ୍ଷୟଶକ୍ତି ଉତ୍ପାଦନ ହୋଇପାରିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସେହିପରି ଉଡ଼ାଣ ଯୋଜନାରେ ରାସଗୋବିନ୍ଦପୁର ଠାରେ ନୂତନ ବିମାନବନ୍ଦର ନିର୍ମାଣ ଦ୍ୱାରା ଯାତାୟତ କ୍ଷେତ୍ରରେ ବ୍ୟାପକ ଉନ୍ନତି ଘଟିବ ବୋଲି ସେ ଦର୍ଶାଇଛନ୍ତି। ମଧ୍ୟ ଓଡ଼ିଶାର ଭୁବନେଶ୍ୱର ଓ କଟକ, ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର, ପଶ୍ଚିମ ଓଡ଼ିଶାର ସମ୍ବଲପୁର ଓ ରାଉରକେଲା ଠାରେ ମହାନଗର ନିଗମ ଗଠନ ହୋଇଥିଲେ ମଧ୍ୟ ଉତ୍ତର ଓଡ଼ିଶାର ବାଲେଶ୍ୱରକୁ ଏପର୍ଯ୍ୟନ୍ତ ମହାନଗର ନିଗମ ମାନ୍ୟତା ମିଳିପାରିନାହିଁ। ଓଡ଼ିଶା ସରକାରଙ୍କ ଦ୍ୱାରା ଉତ୍ତର ଓଡ଼ିଶାର ବାଲେଶ୍ୱର ସହରକୁ ଉପେକ୍ଷା ସମଗ୍ର ଉତ୍ତର ଓଡ଼ିଶାବାସୀଙ୍କ ମଧ୍ୟରେ ନୈରାଶ୍ୟ ସୃଷ୍ଟି କରିଛି ବୋଲି ଶ୍ରୀ ପଟ୍ଟନାୟକ ଦର୍ଶାଇଛନ୍ତି। ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ସମୟର ଆବଶ୍ୟକତା ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ତୁରନ୍ତ ଗଠନ କରିବା ପାଇଁ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଦାବି କରିଛନ୍ତି।

# ମିଛ ପ୍ରଚାର; ନର୍ସ ପଢୁଥିବା ଝିଅକୁ ରୋଗୀ ସଜାଇଦେଲେ ସରକାର!

**ବାଲେଶ୍ୱର(ଏନ୍.ଏମ୍.):** ଝିଅ ସୁସ୍ଥ ଓ ସବଳ ଅଛନ୍ତି। ବାଲେଶ୍ୱରରେ ନର୍ସିଂ ପଢୁଛନ୍ତି। ହେଲେ ମିଛ ପ୍ରଚାର ପାଇଁ ତାଙ୍କୁ ରୋଗୀ ସଜାଇ ଦେଲେ ରାଜ୍ୟ ସରକାର! ଖାଲି ରୋଗୀ ସଜାଇଲେ ନାହିଁ, ବିଜୁ ସ୍ୱାସ୍ଥ୍ୟ କାର୍ଡରୁ ୨ ଲକ୍ଷ ଟଙ୍କା ଉଠିଥିବା 'ଆମ ଓଡ଼ିଶା ନବୀନ ଓଡ଼ିଶା' ପୁସ୍ତିକାରେ ଲେଖି ବାଣ୍ଟିଲେ। ଝିଅର ଅସ୍ତ୍ରୋପଚାର ହୋଇଥିବା ଜାଣି ବାପା ଓ ମାଆଙ୍କ ଅକଲ ଗୁଡୁମ୍ ହୋଇଯାଇଛି।

ଜଳେଶ୍ୱର ପୌରାଞ୍ଚଳର ୧୫ ନମ୍ବର ୱାର୍ଡରେ ବାସ କରନ୍ତି ସୁମନ୍ତ ପ୍ରଧାନ, ତାଙ୍କ ଉର୍ମିଳା ପ୍ରଧାନ ଓ ପରିବାର ଲୋକ। ତାଙ୍କ ଝିଅ ହେଉଛନ୍ତି ସ୍ମୃତିଲେଖା ପ୍ରଧାନ। ସେ ବାଲେଶ୍ୱରରେ ନର୍ସିଂ ପଢୁଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ହେଲେ ତାଙ୍କ ନାଁରେ ବିଜୁ ସ୍ୱାସ୍ଥ୍ୟକାର୍ଡରୁ ୨ ଲକ୍ଷ ଟଙ୍କା ଉଠିଛି। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଝିଅ ସ୍ମୃତିଲେଖାଙ୍କ ଗୋଡ଼ା ଅସ୍ତ୍ରୋପଚାର ହୋଇଛି। ଗୁରୁବାର 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ବଣ୍ଟନ



କରାଯାଇଥିବା ପୁସ୍ତିକାରେ ଏପରି ଲେଖାଯାଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଆପତ୍ତି ଉଠାଇଛନ୍ତି ସ୍ମୃତିଲେଖାଙ୍କ ମାଆ ଉର୍ମିଳା ଓ ବାପା ସୁମନ୍ତ। ବଣ୍ଟାଯାଇଥିବା ପୁସ୍ତିକାରେ ଲେଖାଯାଇଛି, "ଜଳେଶ୍ୱର ପୌରାଞ୍ଚଳର ୧୫ ନମ୍ବର ୱାର୍ଡର ଉର୍ମିଳା ପ୍ରଧାନ କୁହନ୍ତି ମୋର ଝିଅ ସ୍ମୃତିଲେଖା ପ୍ରଧାନଙ୍କ ଗୋଡ଼ରେ ସମସ୍ୟା ଥିବାରୁ କୌଣସି କାର୍ଯ୍ୟ କରିବା ପାଇଁ ସକ୍ଷମ ହୋଇପାରୁ ନଥିଲେ। ସେଥିପାଇଁ ଆମ ପରିବାର ବହୁତ ଦୁଃଖିତ ଥିଲେ। ଉତ୍ତମ ସେବା ପାଇଁ ଅର୍ଥର ଅଭାବ ଥିଲା। ମାତ୍ର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ମୁଁ ମୋର ଝିଅର ଅସ୍ତ୍ରୋପଚାର ସହିତ ଉତ୍ତମ ମାନର ଚିକିତ୍ସା ପାଇପାରିଥିଲି। କଠିନ ସମୟରେ ବରଦାନ ରୂପରେ ୨ଲକ୍ଷ ଟଙ୍କାର ଆର୍ଥିକ ସହାୟତା ମୋତେ ବଞ୍ଚିବାର ରାହା ଯୋଗାଇଥିଲା। ସେଥିପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ମୁଁ ଏବଂ ମୋର ପରିବାର ତରଫରୁ କୃତଜ୍ଞତା ଜଣାଉଛି।" ସରକାରଙ୍କ ମିଛ ଖବରକୁ ନେଇ ଉର୍ମିଳା କହିଛନ୍ତି, ଥରେ ଜଳେଶ୍ୱର ପୌରାଞ୍ଚଳରୁ କେତେକ କର୍ମଚାରୀ ଆମ ଘରକୁ ଆସିଥିଲେ। ବିଜୁ ସ୍ୱାସ୍ଥ୍ୟ କାର୍ଡ ଅଛି କି ନାହିଁ ମୋତେ ପଚାରିଥିଲେ। ମୁଁ ହଁ କହିବାରୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ଆଣିବାକୁ କହିଥିଲେ। ତା'ପରେ ମୁଁ ବିଜୁ ସ୍ୱାସ୍ଥ୍ୟ କାର୍ଡ ଆଣିଥିଲି। ମୋତେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଧରି ଛିଡ଼ା ହେବାକୁ କୁହାଯାଇଥିଲା। ସେମାନଙ୍କ କଥାକୁ ବିଶ୍ୱାସ କରି ଫଟୋ ଧରି ଛିଡ଼ା ହୋଇଥିଲି। ତା'ପରେ ସେମାନେ ମୋ ଫଟୋ ଉଠାଇ ଥିଲେ। ପରେ ମୋ ପରିବାର ଲୋକଙ୍କ ନାଁ ଲେଖି ନେଇଥିଲେ। ଫଟୋ କାହିଁକି ଉଠାଇଲ ବୋଲି ପଚାରିବାରୁ ସେମାନେ କହିଥିଲେ, ଆଗକୁ ନିର୍ବାଚନ ଆସୁଥିବାରୁ ବିଜୁ ସ୍ୱାସ୍ଥ୍ୟ କେର୍ଡରୁ ବହୁ ଫେସିଲିଟି ମିଳିବ ବୋଲି କହିଥିଲେ। ଏବେ ମୋ ଝିଅର ଅପରେସନ୍ ହୋଇଥିବା ପୁସ୍ତିକାରୁ ଦେଖିବାକୁ ପାଇଲି ବୋଲି ଉର୍ମିଳା କହିଛନ୍ତି। ତେବେ ଜଳେଶ୍ୱର ପୌରାଞ୍ଚଳ ନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ମତାମତ ନିଆଯାଇଥିଲା। ସେ କହିଛନ୍ତି, ଥାର୍ଡ଼ ପାର୍ଟି ଏଭଳି କାମ କରିଛି। ଆମର ଏଥିରେ କୌଣସି କାମ ନାହିଁ ବୋଲି ସେ କହିଛନ୍ତି।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଓଡ଼ିଶା ସହ ଲୋକସଭା ନିର୍ବାଚନ ପାଇଁ ...

ଶେଷ କରିବା ପାଇଁ ୧.୫ କୋଟି ପୁଲିଂ ଅଫିସର ନିଯୁକ୍ତ ହେବେ। ୫୫ ଲକ୍ଷ ଇଭିଏମ ଦ୍ୱାରା ଲୋକଙ୍କ ମତାଧିକାର ଗ୍ରହଣ କରାଯିବ। ଧାରା ୩୭୦ ଉଚ୍ଛେଦ ହେବା ପରେ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ହେବ। ଏନେଇ ନିର୍ବାଚନ କମିଶନର ତାରିଖ ଘୋଷଣା କରିଛନ୍ତି। ଜମ୍ମୁ-କଶ୍ମୀରବାସୀ ମେ’ ୧୭ରେ ସମସ୍ତ ବିଧାନସଭା ଆସନ ପାଇଁ ଭୋଟ ଦେବେ। ୨୦୧୪ମସିହାରେ ଶେଷଥର ପାଇଁ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପିଡିପି ଓ ବିଜେପି ମିଳିତ ଭାବେ ଏଠାରେ ସରକାର ଗଠନ କରିଥିଲେ। କିନ୍ତୁ ୨୦୧୭ମସିହାରେ ବିଜେପି ସରକାରଙ୍କ ଠାରୁ ସମର୍ଥନ ପ୍ରତ୍ୟାହାର କରି ନେବାରୁ ମେଣ୍ଟ ଭାଙ୍ଗି ଯାଇଥିଲା। ସେବେ ଠାରୁ ଆଉ ଜମ୍ମୁ-କଶ୍ମୀରରେ ମତଦାନ ହୋଇ ନଥିଲା। ୨୦୧୯ମସିହାରେ ବିଜେପି ଏକାକୀ ୩୦୩ ଲୋକସଭା ଆସନ ଜିତିଥିବା ବେଳେ କଂଗ୍ରେସ କେବଳ ୫୨ଟି ଆସନ ଜିତିବାକୁ ସକ୍ଷମ ହୋଇଥିଲା। ଏଥର ବିଜେପି ୩୭୦ ଆସନ ଜିତିବ ବୋଲି ଲକ୍ଷ୍ୟ ରଖିଛି।

## ଚଳିତ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ...

ହୋଇଥିବାବେଳେ ଆସନ୍ତା ୨୮ତାରିଖ ସୁଦ୍ଧା ଏହାକୁ ଶେଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଖାତା ଦେଖାକୁ ନିର୍ଭୁଲ କରିବାକୁ ଚଳିତ ବର୍ଷ ‘ଚେକର ଓ ମେକର’ ବ୍ୟବସ୍ଥା କରାଯାଇଛି। ମୂଲ୍ୟାୟନ କେନ୍ଦ୍ରରୁ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟ ଓ ଟେକନିକାଲ ଫାର୍ମ ସହ ଯୋଗାଯୋଗ ରହିଛି। ରେଜଲ୍ଟ ପ୍ରକାଶର ୭ ଦିନ ଭିତରେ ଛାତ୍ରଛାତ୍ରୀମାନେ ଡାଉନଲୋଡ କରି ଡିଜିଟାଲ ସାର୍ଟିଫିକେଟ ପାରିବେ। ରେଜଲ୍ଟ ବାହାରିବାର ୧୫ ଦିନ ମଧ୍ୟରେ ପିଲାମାନେ ସ୍କୁଲରୁ ହାର୍ଡ କପି ଆଣି ପାରିବେ। ଡିଜିଟାଲ କପି ବି ହାର୍ଡକପି ପରି ଗୁରୁତ୍ୱ ବହନ କରିବ। ଛାତ୍ରଛାତ୍ରୀମାନେ ଏହି ସାର୍ଟିଫିକେଟ ବ୍ୟବହାର କରି ଉଚ୍ଚତର ଶିକ୍ଷା ପାଇଁ ଆବେଦନ କରିପାରିବେ। ଏବେ ନିର୍ବାଚନ ଡ୍ୟୁଟି ଯୋଗୁ ଶିକ୍ଷକମାନେ ଖାତା ଦେଖା ସହ ସେଥିରେ ମଧ୍ୟ ନିୟୋଜିତ ହେଉଛନ୍ତି। ଏଥିଯୋଗୁ ସାମାନ୍ୟ ଅଧିକ ଚାପ ପଡୁଥିଲେ ବି ନିର୍ଦ୍ଧାରିତ ସମୟରେ ରେଜଲ୍ଟ ବାହାର କରିବାକୁ ଟାର୍ଗେଟ ରଖାଯାଇଛି ବୋଲି ବୋର୍ଡ ସଭାପତି ଶ୍ରୀ ତରାଇ କହିଛନ୍ତି। ସେହିଭଳି ବୋର୍ଡ ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି କହିଛନ୍ତି ଯେ, ପ୍ରତିଦିନ ଶିକ୍ଷକମାନଙ୍କର ନିର୍ବାଚନ ଡ୍ୟୁଟି ପଡୁଛି। ତେଣୁ ପ୍ରତି ୟୁନିଟରୁ ଶିକ୍ଷକଙ୍କ ସଂଖ୍ୟା କମି ଯାଉଛି। ଶିକ୍ଷକମାନେ ନିର୍ବାଚନ କାମ ସାରି ପରଦିନ ଡ୍ୟୁଟିରେ ଯୋଗ ଦେବାକୁ କୁହାଯାଇଛି। ୧୦ରୁ କମ୍ ଶିକ୍ଷକ ଥିଲେ ବି ଖାତଦେଖା କେବେ ବନ୍ଦ ହେବନି। ଏଥିସହ ସେ କହିଛନ୍ତି, କଡ଼ା ସୁରକ୍ଷା ବ୍ୟବସ୍ଥାରେ ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ଚାଲିଛି। ଖାତାଦେଖାରେ ନିୟୋଜିତ ଶିକ୍ଷକ ଶିକ୍ଷୟିତ୍ରୀ ସେଣ୍ଟର ସୁପରଭାଇଜର ଓ କ୍ୟାମ୍ପ ଅଫିସରଙ୍କ ନିକଟରେ ନିଜ ମୋବାଇଲ ହସ୍ତାନ୍ତର କରି ଭିତରକୁ ଯାଉଛନ୍ତି। ଏଥିସହ ଖରାକୁ ଦୃଷ୍ଟିରେ ରଖି ମୂଲ୍ୟାୟନ କେନ୍ଦ୍ରରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ପଡ଼ିଲେ ଖାତା ଦେଖା ସମୟ ସକାଳୁ ବି କରାଯାଇ ପାରିବ ବୋଲି ସେ କହିଛନ୍ତି। ଚଳିତ ବର୍ଷ ୫ଲକ୍ଷ ୬୨ ହଜାର ୨୭୯ ପିଲା ମାଟ୍ରିକ ପରୀକ୍ଷା ଦେଇଛନ୍ତି। ୩୦ଟି ଜିଲ୍ଲାରେ ୫୫ ଖାତାଦେଖା ସେଣ୍ଟର ହୋଇଛି। ୧୬,୨୩୫ ଶିକ୍ଷକ ନିୟୋଜିତ ହୋଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଖାତାଦେଖା ଚାଲିଛି। ଖାତା ଦେଖାକୁ ସମ୍ପୂର୍ଣ୍ଣ ନିର୍ଭୁଲ କରିବାକୁ ସବୁ ପ୍ରକାର ଉଦ୍ୟମ କରାଯାଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି।

## ସାଧାରଣ ନିର୍ବାଚନ: ଅଯୋଗ୍ୟ ପ୍ରାର୍ଥୀ ...

ସୁନାରାମ ମୁର୍ମୁ, ବାଙ୍ଗିରିପୋଷୀରୁ ଦେବେନ୍ଦ୍ରନାଥ ସିଂହ, କାମାକ୍ଷନଗରରୁ ରୋଜାଲିନ ମହାରଣା, ବିଞ୍ଝାରପୁରରୁ ରଶ୍ମିତା ଜେନା ଓ କରଞ୍ଜିଆ (ଏସ୍ଟି)ରୁ ସୁବାସ ଚନ୍ଦ୍ର ହେମ୍ବ୍ରମଙ୍କ ଅଯୋଗ୍ୟତା ଅବଧି ଜାନୁଆରୀ ୪, ୨୦୨୫ ପର୍ଯ୍ୟନ୍ତ ରହିବ। ରାଇରାଙ୍ଗପୁର (ଏସ୍ଟି)ରୁ ସୁଶୀଳା ସାୱାୟାନ, ବାରବାଟୀ-କଟକରୁ ଜୟ ଶଙ୍କର ଆଚାର୍ଯ୍ୟ, ଚିତ୍ରକୋଣ୍ଡା (ଏସ୍ଟି)ରୁ ପୁତୁ ମାଝି, ଭୁବନେଶ୍ୱର (ଉତ୍ତର)ରୁ ଅଭିମନ୍ୟୁ ନାୟକ, ପ୍ରଭାତ ଚନ୍ଦ୍ର ଶ୍ରୀଚନ୍ଦନ, ଉମେଶ ଚନ୍ଦ୍ର ଦାସ, ସତ୍ୟ ରଞ୍ଜନ ଦାସ, ଭୁବନେଶ୍ୱର (ମଧ୍ୟ)ରୁ ପ୍ରଦୀପ କୁମାର ଭୂୟାଁ, ପୋଲସରାରୁ କେଦାର ନାଥ ମହାରଣା, ଶିବ ପ୍ରସାଦ ବିଶୋୟୀ ଓ ପୀତବାସ ପ୍ରଧାନଙ୍କ ଅଯୋଗ୍ୟତା ଜୁନ ୧୦,୨୦୨୫ରେ ଶେଷ ହେବ। ପିପିଲିର ପିଙ୍କଲିନ ମହାନ୍ତିଙ୍କ ଅଯୋଗ୍ୟତା ଡିସେମ୍ବର ୨୨,୨୦୨୫, ପିପିଲିର ସତ୍ପେଶ୍ୱର ନାୟକଙ୍କ ଅଯୋଗ୍ୟତା ଅକ୍ଟୋବର ୯, ୨୦୨୬, ଧାମନଗର(ଏସ୍ସି) ବାବା ହରେକୃଷ୍ଣ ସେଠୀଙ୍କ ଅଯୋଗ୍ୟତା ଜାନୁଆରି ୩୧, ୨୦୨୭ରେ ଶେଷ ହେବ ବୋଲି ଆୟୋଗଙ୍କ ଦ୍ୱାରା ଜାରି ତାଲିକାରେ ଉଲ୍ଲେଖ ରହିଛି। ଆୟୋଗଙ୍କ ଦ୍ୱାରା ଓଡ଼ିଶା ସମେତ ସମସ୍ତ ରାଜ୍ୟର ଅଯୋଗ୍ୟ ପ୍ରାର୍ଥୀଙ୍କ ଅଦ୍ୟତନ ତାଲିକାକୁ ସଂପୃକ୍ତ ରାଜ୍ୟର ରିଟର୍ଣ୍ଣିଂ ଓ ସହକାରୀ ରିଟର୍ଣ୍ଣିଂ ଅଧିକାରୀମାନଙ୍କ ଅବଗତି ଓ ଅନୁପାଳନ ନିମନ୍ତେ ପଠାଇ ଦିଆଯାଇଛି।

## ଦେଶର ଟପ୍ ୨୩ ସଫଳ ମହିଳାଙ୍କ ...

ସେମାନଙ୍କ ଦୁଃଖ ଓ ଯନ୍ତ୍ରଣାକୁ ମର୍ମେ ମର୍ମେ ଅନୁଭବ କରୁଥିଲେ ଜୟନ୍ତୀ। ତେଣୁ ସେମାନଙ୍କ ଦୁଃଖ ଦୂର କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଆଉ ଆରମ୍ଭ କରିଥିଲେ ‘ବଡ଼ ଦିଦି’ ଅଭିଯାନ। ସାମ୍ବାଦିକତା ଚାକିରି ଛାଡ଼ି ସମାଜ ସେବା ପ୍ରତି ମନ ବଳାଇଲେ ଜୟନ୍ତୀ ବୁରୁଦା। ‘ବଡ଼ ଦିଦି’ ମାଧ୍ୟମରେ ଗାଁ ଗାଁରେ ଋତୁସ୍ରାବ, ଗୁଡ୍ ଟଚ୍, ବ୍ୟାଡ୍ ଟଚ୍ ସମ୍ପର୍କରେ ସଚେତନତା କରାଇଉଛନ୍ତି। ଋତୁସ୍ରାବ ପାପ ନୁହେଁ ବୋଲି ଆଦିବାସୀ ଯୁବତୀମାନଙ୍କୁ ବୁଝାଉଛନ୍ତି। ପ୍ୟାଡ୍ ବ୍ୟବହାର କରିବାକୁ ପରାମର୍ଶ ଦେଉଛନ୍ତି। ଜୟନ୍ତୀଙ୍କ ‘ବଡ଼ ଦିଦି’ ଅଭିଯାନ ୨୦ ଜଣ ଝିଅଙ୍କୁ ନେଇ ଆରମ୍ଭ କରିଥିଲେ। ବର୍ତ୍ତମାନ ୧୦୦ରୁ ଅଧିକ ସ୍ୱେଚ୍ଛାସେବୀ(ଯୁବତୀ) ସେଥିରେ କାମ କରୁଛନ୍ତି। ସ୍ୱେଚ୍ଛାସେବୀ ଦୁର୍ଗମ ଅଞ୍ଚଳକୁ ଯାଉଛନ୍ତି। ମହିଳାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝାଉଛନ୍ତି। ଆବଶ୍ୟକ ପଡ଼ିଲେ ପ୍ୟାଡ୍ ପ୍ରଦାନ କରୁଛନ୍ତି। ଗତ ୬ ବର୍ଷ ହେଲା ଜଣେ ବଡ଼ ଭଉଣୀ ହିସାବରେ ଜୟନ୍ତୀ ଗାଁକୁ ଗାଁ ଯାଉଛନ୍ତି। ଯୁବତୀମାନଙ୍କ ସୁଖ ଓ ଦୁଃଖ ବେଳେ ସାଥୀରେ ଛିଡ଼ା ହେଉଛନ୍ତି। ଜୟନ୍ତୀ କହିଛନ୍ତି, ବଡ ଦିଦି ମାଧ୍ୟମରେ ପ୍ୟାଡ୍ ବ୍ୟାଙ୍କ ଆରମ୍ଭ କରାଯାଇଛି। ବଣ୍ଡା ଘାଟିର ବଡ଼ବେଲ୍ ଗାଁ, କାଲିମେଳାର ଜାକେଲ୍କୁଣ୍ଡି ଓ ମାଲକାନଗିରି ସଦର ମହକୁମାରେ ପ୍ୟାଡ୍ ବ୍ୟାଙ୍କ ଖୋଲା ଯାଇଛି। ସେଠାରେ ପର୍ଯ୍ୟାପ୍ତ ପରିମାଣର ପ୍ୟାଡ୍ ରଖାଯାଉଛି। ଆଉ ଋତୁସ୍ରାବ ସମୟରେ ଝିଅମାନେ ସେଠାରୁ ପ୍ୟାଡ୍ ନେଇ ବ୍ୟବହାର କରୁଛନ୍ତି। ବେଙ୍ଗାଲୁରୁ ବି’ ଫ୍ରେଣ୍ଡ ଫାଉଣ୍ଡେସନ୍ ତରଫରୁ ଆମକୁ ୨୦୦ ପ୍ୟାଡ୍ ଯୋଗାଇ ଦିଆଯାଉଛି। ସେହି ପ୍ୟାଡ୍କୁ ୩ଟି ସ୍ଥାନରେ ରଖାଯାଇଛି। ଆଉ ଯଦି କୌଣସି ବ୍ୟକ୍ତି ସହାୟତା କରନ୍ତି, ତାହାହେଲେ ଆଗକୁ ଅନ୍ୟ ସ୍ଥାନରେ ପ୍ୟାଡ୍ ବ୍ୟାଙ୍କ ଖୋଲାଯିବ ବୋଲି ଜୟନ୍ତୀ କହିଛନ୍ତି। ଜୟନ୍ତୀଙ୍କ ଏହି ସଫଳତାର ଗାଥା ଦେଖିଛି ଓ ପଢ଼ିଛି ବିଶ୍ୱ। ସେଥିପାଇଁ ତାଙ୍କୁ ଫୋବର୍ସ ନିଜ ମାଗାଜିନ୍ରେ ସ୍ଥାନ ଦେଇଛି। ଦେଶର ୨୩ ଜଣ ସଫଳ ମହିଳାଙ୍କ ଭିତରେ ସ୍ଥାନ ପାଇଛନ୍ତି ଜୟନ୍ତୀ। ସେହି ତାଲିକାରେ ବିଶ୍ୱ ବ୍ୟାଙ୍କ ଗଭ ଓ ଉରଡ଼ ଅନଶୁଲା କାନ୍ତ, କ୍ରିକେଟର ଦୀପ୍ତି ଶର୍ମା, ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ କ୍ରିତି ସାନନ ଓ ଚେସ୍ ଗ୍ରାଣ୍ଡମାଷ୍ଟର ଆର୍ ବୈଶାଳୀଙ୍କ ଭଳି ୨୩ ଜଣ ଶକ୍ତିଶାଳୀ ମହିଳା ସ୍ଥାନ ପାଇଛନ୍ତି।

# ‘ମେଣ୍ଟକୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ, କେନ୍ଦ୍ର ନିଷ୍ପତ୍ତି ପାଳନ ହେବ’



**ଭୁବନେଶ୍ୱର(ଏନ୍.ଏମ୍.):** ମେଣ୍ଟକୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ। ପ୍ରାର୍ଥୀ ତାଲିକା ସର୍ଟ ଲିଷ୍ଟ କରାଯାଇ କେନ୍ଦ୍ରକୁ ପଠା ଯାଇଛି । କେନ୍ଦ୍ର ଯାହା ନିଷ୍ପତ୍ତି କେନ୍ଦ୍ର ନେବ ତାକୁ ପାଳନ କରାଯିବ ବୋଲି କହିଛନ୍ତି ବରିଷ୍ଠ ବିଜେପି ନେତା ଜୁଏଲ ଓରାମ। ଗତକାଲି ରାଜ୍ୟ ବିଜେପିର କୋର୍ କମିଟି ଓ ନିର୍ବାଚନ କମିଟି ବୈଠକ ପରେ ଦିଲ୍ଲୀମୁହାଁ ହୋଇଛନ୍ତି ସଭାପତି ମନମୋହନ ସାମଲ। ନିର୍ବାଚନ କମିଟି ବୈଠକରେ ପ୍ରସ୍ତୁତ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ଧରି ମନମୋହନ ସାମଲ ଦିଲ୍ଲୀ ଯାଇଥିବା ସୂଚନା ମିଳିଛି। ଏହି ତାଲିକାରୁ ପୁଣି ସର୍ଟ ଲିଷ୍ଟ କରାଯିବା ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ହେବ। ଇତି ମଧ୍ୟରେ ବିଜେପି-ବିଜେଡି ମେଣ୍ଟକୁ ନେଇ ସସ୍ପେନ୍ସ ହଟି ନ ଥିବା ବେଳେ ଆଜି ଏନେଇ ମତ ରଖିଛନ୍ତି ବରିଷ୍ଠ ବିଜେପି ନେତା ଜୁଏଲ ଓରାମ । ମେଣ୍ଟକୁ ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ ବୋଲି ସ୍ପଷ୍ଟ ହୋଇଛି ଜୁଏଲ ଓରାମ। ଅପରପକ୍ଷେ, ଦିଲ୍ଲୀରେ ଆଜି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଅଧ୍ୟକ୍ଷତାରେ ବିଜେପି କୋର୍ କମିଟି ବୈଠକ ଅନୁଷ୍ଠିତ ହେଉଛି। ଏହି ବୈଠକରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ଯୋଗ ଦେଉଛନ୍ତି। ଓଡିଶା ସମେତ ୟୁପି, ପଶ୍ଚିମବଙ୍ଗ ଆଦି ରାଜ୍ୟର ପ୍ରତିନିଧିମାନେ ମଧ୍ୟ ଏହି ବୈଠକେ ସାମିଲ ହେବେ। ଆଗକୁ ନିର୍ବାଚନ ଥିବା ବେଳେ ଏହାକୁ ଶାନ୍ତିଶୃଙ୍ଖଳାର ସହ ସମାପନ ନିମନ୍ତେ ପୁଲିସ୍‌ର ପ୍ରସ୍ତୁତି ଆରମ୍ଭ ହୋଇ ଯାଇଛି। ପୁଲିସ୍ ଡିଜି ଅରୁଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱର ଡିଜି କ୍ୟାମ୍ପ ଅଫିସରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଛି। ଏହି ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ, ଆଇନ ଶୃଙ୍ଖଳା ଏଡିଜି, ଝଓଡ ଡିଆଇଜି ପ୍ରମୁଖ ସାମିଲ ହୋଇଛନ୍ତି। ତାସହ ଭିଡିଓ କନଫରେନସିଂ ଜରିଆରେ ସବୁ ଜିଲ୍ଲାର ଏସପି ଏଥିରେ ଯୋଗ ଦେଇଛନ୍ତି। ନିର୍ବାଚନ ପରିଚାଳନା ଓ ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରାଯାଇଛି।

## କଟକ କମିଶନରେଟ ପୁଲିସର ସଫଳତା

# ୨୬ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗର ଜବତ, ୨ ଗିରଫ



**କଟକ(ଏନ୍.ଏମ୍.):** କଟକ କମିଶନରେଟ ପୁଲିସ ହାତରେ ଦୁଇ ଆନ୍ତଃରାଜ୍ୟ ବ୍ରାଉନ ସୁଗର ବେପାରୀ। ବେଆଇନ କାର୍ଯ୍ୟ କରିବା ଅଭିଯୋଗରେ ପୁଲିସ ତାଙ୍କୁ ଗିରଫ କରିଛି। ଗିରଫ ସମୟରେ ସେମାନଙ୍କ ଠାରୁ ୨୫୭ ଗ୍ରାମ ବ୍ରାଉନ ସୁଗର ଜବତ କରାଯାଇଛି। କଳା ବଜାରରେ ଏହାର ମୂଲ୍ୟ ୨୬ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ପୁଲିସର ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ପଶ୍ଚିମବଙ୍ଗର ମୁର୍ସିଦାବାଦର ସାଗରଡିହି ଥାନା ଅନ୍ତର୍ଗତ ଈଶ୍ୱର ମାହାରା (୩୧) ଓ ବୁଧୁ ରାୟ(୩୦)। ସେମାନଙ୍କ ଠାରୁ ନଗଦ ୨ ଲକ୍ଷ ଟଙ୍କା ସହିତ ଗୋଟିଏ ଡବ୍ଲ୍ୟୁବି-୫୮-ବିଡି-୨୭୯୦ ନମ୍ବର ବିଶିଷ୍ଟ ସ୍କର୍ପିଓ ଗାଡ଼ି ମଧ୍ୟ ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଦ୍ୱୟ ମୁର୍ସିଦାବାଦରୁ ବ୍ରାଉନ୍ ସୁଗର ଆଣି ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ବାଟରେ ସେମାନେ ଭଦ୍ରକରେ କିଛି ବ୍ରାଉନ ସୁଗର ବିକ୍ରି କରିଥିଲେ। ତେବେ କୌଣସି ସୂତ୍ରରୁ ଖବର ପାଇ ଚାଉଳିଆଗଞ୍ଜ ଥାନା ପୁଲିସ୍ ଓ ସ୍ପେଶାଲ୍ ସ୍କ୍ୱାଡ୍ କଟକର କାଳିଆ ବୁଦା ନିକଟରେ ଛକି ରହିଥିଲେ। ସେଠାରେ ବ୍ଲକିଂ ଓ ଚେକିଂ ଚାଲିଥିଲାବେଳେ ଏହି ଅଭିଯୁକ୍ତମାନେ ଧରା ପଡ଼ିଥିଲେ। ସେମାନଙ୍କ ଠାରୁ ୨୬ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗର ଜବତ କରାଯାଇଥିଲା। ଅତିରିକ୍ତ ଡିସିପି ଅନୀଲ ମିଶ୍ରଙ୍କ ସୂଚନାନୁଯାୟୀ ଅଭିଯୁକ୍ତ ଦ୍ୱୟ ମୁର୍ସିଦାବାଦରୁ ଯେଉଁ ବ୍ରାଉନ୍ ସୁଗର ଆଣିଥିଲେ, ସେଥିରୁ ବାଟରେ କିଛି ବିକ୍ରି କରି ୨ଲକ୍ଷ ଟଙ୍କା ରଖିଥିଲେ। ସେହି ଅର୍ଥକୁ ଜବତ କରାଯାଇଥିବାବେଳେ ଏହି ଘଟଣାର ତଦନ୍ତ ଚାଲିଛି। ଆବଶ୍ୟକ ହେଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଅଣାଯାଇ ପୁଣି ଜେରା କରାଯିବ ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

## ଟ୍ରାଫିକ କନଷ୍ଟେବଲ ନିଯୁକ୍ତି ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର(ଏନ୍,ଏମ୍.):** ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ରାଜ୍ୟ ପରିବହନ ପ୍ରାଧିକରଣ ଅଧୀନରେ ୨୬ ଜଣ ଟ୍ରାଫିକ କନଷ୍ଟେବଲଙ୍କୁ ନିଯୁକ୍ତି ଦେବାକୁ ବିଜ୍ଞପ୍ତି ପ୍ରକାଶ କରିଛି ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ(ଓଏସଏସସି)। ଏହି ପଦବୀ ଗ୍ରୁପ୍ ସି’ରେ ଓ ଏହାର ପେ’ ସ୍କେଲ୍ ଲେବଲ-୪ରେ ଯାଉଛି।

### ଅନଲାଇନ୍ ଆବେଦନ

ଏଥିପାଇଁ ମାର୍ଚ୍ଚ ୨୮ ତାରିଖରୁ ଅନ୍ଲାଇନ୍ ଆବେଦନ ଆରମ୍ଭ ହେବ। ଅନ୍ଲାଇନ୍ ଆବେଦନ ପ୍ରକ୍ରିୟା ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଇଚ୍ଛୁକ ତଥା ଯୋଗ୍ୟ ପ୍ରାର୍ଥୀମାନେ ଙଙଙ.କ୍ଟସ୍ତ୍ରମ.ଶକ୍ଟଙ.ସଭ କୁ ଯାଇ ଅନ୍ଲାଇନ୍ ଆବେଦନ କରିପାରିବେ। ଅନ୍ଲାଇନ୍ ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ଆବେଦନ ଗ୍ରହଣ କରାଯିବ ନାହିଁ।

### କାହା ପାଇଁ କେତେ ସଂରକ୍ଷିତ

୨୬ଟି ପଦବୀ ମଧ୍ୟରୁ ୨୦ ଅସଂରକ୍ଷିତ ବର୍ଗଙ୍କ ପାଇଁ ରହିଛି। ଏହି ୨୦ଟି ପଦ ଭିତରୁ ୭ଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ସେହିପରି ଏସ୍ଇବିସି ବର୍ଗଙ୍କ ପାଇଁ ଗୋଟିଏ ପଦ ସଂରକ୍ଷିତ ଥିବା ବେଳେ ଏସ୍ସି ବର୍ଗ ପାଇଁ ଗୋଟିଏ ଓ ଏସ୍ଟି ବର୍ଗ ପାଇଁ ୪ଟି ପଦ ସଂରକ୍ଷିତ ରହିଛି। ମୋଟି ୨୬ ପଦବୀ ମଧ୍ୟରେ ଗୋଟିଏ ଏକ୍ସ-ସର୍ଭିସ ମ୍ୟାନ୍ ଓ ଗୋଟିଏ ସ୍ପୋର୍ଟସ ପର୍ସନଙ୍କ ପାଇଁ ସଂରକ୍ଷିତ କରାଯାଇଛି। ଟ୍ରାନ୍ସଜେଣ୍ଡରମାନେ ଆବେଦନ କରିପାରିବେ। କିନ୍ତୁ ଦିବ୍ୟାଙ୍ଗ ପ୍ରାର୍ଥୀମାନେ ଏହି ପଦ ପାଇଁ ଆବେଦନ କରିବାକୁ ଯୋଗ୍ୟ ହେବେ ନାହିଁ।

### ବୟସ ସୀମା

୧.୧ ୨୦୨୪ ସୁଦ୍ଧା ପ୍ରାର୍ଥୀଙ୍କ ସର୍ବନିମ୍ନ ବୟସ ୨୧ ବର୍ଷ ହୋଇଥିବା ଆବଶ୍ୟକ। ସେହିପରି ୧.୧.୨୦୨୪ ସୁଦ୍ଧା ପ୍ରାର୍ଥୀଙ୍କ ସର୍ବାଧିକ ବୟସ ୩୮ ବର୍ଷରୁ ଅଧିକ ହୋଇ ନଥିବା ଆବଶ୍ୟକ। ତେବେ ଏସ୍ଇବିସି, ଏସ୍ସି, ଏସ୍ଟି ଓ ମହିଳା ପ୍ରାର୍ଥୀଙ୍କ ପାଇଁ ସର୍ବାଧିକ ବୟସ ସୀମାରେ ୫ ବର୍ଷ କୋହଳ କରାଯାଇଛି।

### ଚୟନ ପ୍ରକ୍ରିୟା

ଏହି ନିଯୁକ୍ତି ପାଇଁ ପ୍ରଥମେ ପ୍ରିଲିମିନାରୀ ପରୀକ୍ଷା କରାଯିବ। ଏହା ଏମ୍ସିକ୍ୟୁ ଆଧାରିତ ହେବ। ତା’ପରେ ଲିଖିତ ପରୀକ୍ଷା କରାଯିବ। ଏହା ପରେ ଶାରିରୀକ ପରୀକ୍ଷା ରହିଛି। ଶାରିରୀକ ପରୀକ୍ଷାରେ ସବୁ ବର୍ଗର ପୁରୁଷ ପ୍ରାର୍ଥୀଙ୍କୁ ୮ ମିନିଟରେ ୧.୬ କିମି ଦୌଡ଼ିବାକୁ ହେବ। ତା’ହେଲେ ସେମାନେ ଯୋଗ୍ୟତା ଅର୍ଜନ କରିବେ। ମହିଳାମାନେ ୧.୬କିମିକୁ ୧୦ ମିନିଟ୍ରେ ଅତିକ୍ରମ କରିବାର ଆବଶ୍ୟକତା ରହିଛି। ଜୁଲାଇରୁ ସେପଟ୍ଠେମ୍ବର ମଧ୍ୟରେ ପ୍ରିଲିମିନାରୀ ପରୀକ୍ଷା ହୋଇପାରେ।

### ଶିକ୍ଷାଗତ ଯୋଗ୍ୟତା

ପ୍ରାର୍ଥୀ ଅତିକମ୍ରେ ଯେକୌଣସି ସ୍ୱୀକୃତିପ୍ରାପ୍ତ ବୋର୍ଡ/ବିଶ୍ୱବିଦ୍ୟାଳୟ/ଅନୁଷ୍ଠାନରୁ ଯୁକ୍ତ ଦୁଇ ପାସ୍ କରିଥିବା ଆବଶ୍ୟକ। ସେହିପରି ପ୍ରାର୍ଥୀ ଓଡ଼ିଆରେ ଭଲ ଭାବେ ପଢ଼ିପାରୁଥିବା ସହିତ କହି ଓ ଲେଖି ପାରୁଥିବା ଆବଶ୍ୟକ। ଏହି ନିଯୁକ୍ତି ସଂପର୍କିତ ଅଧିକ ତଥ୍ୟ ଜାଣିବା ପାଇଁ www.ossc.gov.in କୁ ଯାଇ What's Newରେ ସର୍ଚ୍ଚ କରନ୍ତୁ।

## ଲିଭ୍ ଇନରେ ଥିଲେ, ଘର ଭିତରୁ ମିଳିଲା ଝୁଲନ୍ତା ମୃତଦେହ

**ଯାଜପୁର(ଏନ୍.ଏମ୍.):** ଦୀର୍ଘ ଦିନ ଧରି ଲିଭ୍ ଇନରେ ଥିଲେ ପ୍ରେମି ଯୁଗଳ। ବାହା ହେବା ପାଇଁ ଦେଖୁଥିଲେ କେତେ ସପନ। ହେଲେ ବାହାବେଦୀରେ ବସିବା ପୂର୍ବରୁ କୋକେଇରେ ଶୋଇଗଲେ। ଉଭୟଙ୍କ ଝୁଲନ୍ତା ମୃତଦେହ ଘର ଭିତରୁ ଉଦ୍ଧାର ହୋଇଛି। ଏପରି ହୃଦୟବିଦାରକ ଘଟଣା ଯାଜପୁର ଜିଲ୍ଲା କଳିଙ୍ଗନଗର ଥାନା ଅଞ୍ଚଳରେ ଘଟିଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି। କାରଣ ଜଣାପଡ଼ି ନାହିଁ। ଦୁର୍ଗାପୁର ଗାଁର ବର୍ଷା ଚାମ୍ପିୟାଙ୍କୁ ଗୋପୀ ପିଙ୍ଗୁଆ ପ୍ରେମ କରୁଥିଲେ। ଗୋପୀଙ୍କ ଘର ମଧ୍ୟ ସେହି ଗାଁରେ। ଯେଉଁଥିପାଇଁ ଉଭୟ ଦୀର୍ଘ ଦିନ ଧରି ଲିଭଇନରେ ରହୁଥିଲେ। ବାହା ହୋଇ ଘର ସଂସାର ଗଢ଼ିବା ପାଇଁ ସପନ ଦେଖୁଥିଲେ। କାମଦାମ କରି ବେଶ୍ ହସ ଖୁସିରେ ଚଳୁଥିଲେ। ହେଲେ ଶନିବାର ସକାଳେ ସେମାନଙ୍କ ଘରର କବାଟ ଖୋଲିନଥିଲା। ମଧ୍ୟାହ୍ନ ପର୍ଯ୍ୟନ୍ତ ଘରର କବାଟ ଖୋଲିଲା ନାହିଁ। ଡାକିଲେ ମଧ୍ୟ ଘର ଭିତରୁ କୌଣସି ଉତ୍ତର ଆସିଲା ନାହିଁ। ତେଣୁ ଗାଁ ଲୋକଙ୍କ ମନରେ ସନ୍ଦେହ ହେଲା। ତେଣୁ କବାଟ ଭାଙ୍ଗି ଘର ଭିତରେ ପଶିଥିଲେ। ସେହି ସମୟରେ ବର୍ଷା ଓ ଗୋପୀ ଗୋଟିଏ ଶାଢ଼ୀରେ ଝୁଲି ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ଏନେଇ ଥାନାକୁ ଖବର ଦେଇଥିଲେ। ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି। ଏହା ଆତ୍ମହତ୍ୟା ନା ହତ୍ୟା, ଜଣାପଡ଼ି ନାହିଁ। ପୁଲିସ୍ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।

## ଆକ୍ରମଣ ପୂର୍ବରୁ ନକ୍ସଲ କ୍ୟାମ୍ପରେ ଯବାନଙ୍କ ଚଢ଼ାଉ




**ଭବାନୀପାଟଣା (ଏନ.ଏମ):** ଘଞ୍ଚ ଜଙ୍ଗଲରେ ଚାଲିଥିଲା ନକ୍ସଲ କ୍ୟାମ୍ପ। ଆକ୍ରମଣ ପାଇଁ କରାଯାଉଥିଲା ଯୋଜନା। କୌଣସି ସୂତ୍ରରୁ ଖବର ପାଇ ଯବାନମାନେ ଘଞ୍ଚ ଜଙ୍ଗଲରେ ଚଢ଼ଉ କରିଥିଲେ। ଯବାନଙ୍କୁ ଦେଖି ଛତ୍ରଭଙ୍ଗ ଦେଇଥିଲେ ନକ୍ସଲ। ସର୍ଚ୍ଚ ଅପରେସନ୍ ବେଳେ ଜଙ୍ଗଲରୁ ବହୁ ପରିମାଣର ମାରଣାସ୍ତ୍ର ମିଳିଛି। କଳାହାଣ୍ଡି ଜିଲ୍ଲାରୁ ଆସିଛି ଏପରି ଖବର। ସଦର ଥାନା ମନସ୍କା ଗାଁ ନିକଟରେ ଥିବା ଗୁଣ୍ଡୁରୀ ସଂରକ୍ଷିତ ଜଙ୍ଗଲ ଓ ଯୁଗସାଇପାଟଣାରେ ବିଜିଏନ ନକ୍ସଲ ସଙ୍ଗଠନର ଗତିବିଧି ଥିଲା। ବିଶେଷ ସୂତ୍ରରୁ ଖବର ପାଇ ଏସପି ଅଭିଲାଷ ଜି’ଙ୍କ ନିର୍ଦ୍ଦେଶରେ ଗତ ୧୪ ତାରିଖ ଯବାନମାନେ କମ୍ବିଂ ଅପରେସନରେ ଯାଇଥିଲେ। ଯବାନମାନଙ୍କୁ ଦେଖି ନକ୍ସଲମାନେ ପଳାଇ ଯାଇଥିଲେ। ସର୍ଚ୍ଚ ଅପରେସନ୍ ବେଳେ ଜଙ୍ଗଲରୁ ବହୁ ବିସ୍ଫୋରକ ସାମଗ୍ରୀ ଜବତ କରିଛି। ଜଙ୍ଗଲରୁ ୫୮ରାଉଣ୍ଡ ଗୁଳି, ୨ ହଳ ନକ୍ସଲ ୟୁନିଫର୍ମ, ୧୦ଡେଟୋନେଟର, ହେଣ୍ଡ ଗ୍ରେନେଡ୍, ୫୦୦ ଗ୍ରାମ ଗନ ପାଉଡର, ଜେଲେଟିନ ଷ୍ଟିକ, ଇଲେକ୍ଟ୍ରି ତାର, କୁରାଢ଼ି, ନକ୍ସଲ ବେଲ୍ଟ, ବ୍ୟାଗ, ସୋଲଡିଂ ଆଇରନ୍, ପଲିଥିନ ସିଟ, ଚପଲ, ଜୋତା ଆଦି ମିଳିଥିଲା। ଏଥିସହ ଏକ ମାଓ ପୋଷ୍ଟର ମଧ୍ୟ ମିଳିଛି। ଯେଉଁଥିରେ ଟାପରଙ୍ଗ ଜଙ୍ଗଲରେ ପୁଲିସ ଗୁଳିରେ ମୃତ୍ୟୁ ବରଣ କରିଥିବା ୩ ନକ୍ସଲଙ୍କ ମୃତ୍ୟୁର ବଦଲା ନେବାପାଇଁ ଆହ୍ୱାନ ଦିଆଯାଇଛି। ପୁଲିସ୍ ଇନଫର୍ମରଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ପୋଷ୍ଟରରେ କୁହାଯାଇଛି।

# ଜିଲ୍ଲାପାଳ ଓ ଏସପିଙ୍କ ନାଁରେ ଏତଲା ଦେଲେ ବରିଷ୍ଠ ଡାକ୍ତର



**ବୌଦ୍ଧ(ଏନ୍.ଏମ୍.):** ବୌଦ୍ଧ ଜିଲ୍ଲାପାଳ ଓ ଏସ୍ପିଙ୍କ ନାଁରେ ଏତଲା। ଆଉ ଏହି ଏତଲା ଦେଇଛନ୍ତି ଜଣେ ସରକାରୀ ମେଡ଼ିକାଲରେ କାର୍ଯ୍ୟରତ ବରିଷ୍ଠ ଡାକ୍ତର। ଜିଲ୍ଲାପାଳ ଓ ଏସ୍ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି। ବିଚରା ଥାନା ଅଧିକାରୀ ଏତଲାକୁ ଧରି ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। କ’ଣ କରିବେ ଭାବିପାରୁ ନାହାନ୍ତି। ସେପଟେ ଡାକ୍ତରଙ୍କ ରଣ ହୁଙ୍କାରକୁ ନେଇ ଚିନ୍ତାରେ ଜିଲ୍ଲା ପ୍ରଶାସନ। ଗତ ଶୁକ୍ରବାର ସନ୍ଧ୍ୟା ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ଜିଲ୍ଲାପାଳ ଜେ. ସୋନାଲ, ଏସ୍ପି ରାଜ ପ୍ରସାଦ ସମେତ ସବୁ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ହେଲେ ସିଡିପିଓ ଡାକ୍ତର ଜୟକୃଷ୍ଣ ମିଶ୍ର ଆସିନଥିଲେ। ସିଡିପିଓଙ୍କ ସ୍ଥାନରେ ଡିପିଏଚ୍ଓ ଡାକ୍ତର ମଦନ ମୋହନ ପ୍ରଧାନ ବୈଠକରେ ସାମିଲ୍ ହୋଇଥିଲେ। ବୈଠକରେ ଆଲୋଚନା ଚାଲିଥିବା ବେଳେ ଟ୍ରମା କେୟାର ସମ୍ପର୍କିତ ପ୍ରଶ୍ନରେ ଉତ୍ତର ଦେଉଥିଲେ ଡାକ୍ତର ପ୍ରଧାନ। ହେଲେ ଜିଲ୍ଲାପାଳ ଓ ଏସ୍ପି କିଛି ଶୁଣିବା ପରିବର୍ତ୍ତେ ତାଙ୍କୁ ସମସ୍ତଙ୍କ ସମ୍ମୁଖରେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଖାଲି ଦୁର୍ବ୍ୟବହାର ନୁହେଁ, ବୈଠକରୁ ବାହାରିଯିବା ପାଇଁ ଉଭୟେ କହିଥିବା ଅଭିଯୋଗ ହୋଇଛି। ଅପମାନ ସହି ନପାରି ଡାକ୍ତର ପ୍ରଧାନ ବୈଠକରୁ ଉଠି ଆସିଥିଲେ। ଏଥିରେ ସେ ବ୍ୟଥିତ ହୋଇଥିଲେ। ବୈଠକରେ ହୋଇଥିବା ଦୁର୍ବ୍ୟବହାର ନେଇ ଡାକ୍ତର ପ୍ରଧାନ ଜିଲ୍ଲା ଡାକ୍ତରୀ ସଂଘରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଜିଲ୍ଲାରେ କାର୍ଯ୍ୟରତ ଡାକ୍ତର ଓ ମେଡ଼ିକାଲ୍ କର୍ମଚାରୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଜିଲ୍ଲାପାଳ ଓ ଏସ୍ପିଙ୍କ ଏପରି କାର୍ଯ୍ୟକୁ ନିନ୍ଦା କରିଥିଲେ। ଏହାର ପ୍ରତିବାଦରେ ଆଜି ସକାଳଠାରୁ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ମେଡିକାଲ୍ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଭାବେ କଳା ବ୍ୟାଜ ପରିଧାନ କରି ଆନ୍ଦୋଳନ କରିଛନ୍ତି। ମେଡ଼ିକାଲ୍ କର୍ମଚାରୀଙ୍କ ଏହି ଆନ୍ଦୋଳନରେ ସିଡିପିଓ ଓ ଏଡିଏମ୍ଓ ମଧ୍ୟ ସାମିଲ୍ ହୋଇଛନ୍ତି। ଜିଲ୍ଲାପାଳ ଓ ଏସ୍ପି ଭୁଲ୍ ମାଗନ୍ତୁ ବୋଲି ସଂଘ ଦାବି କରିଛନ୍ତି। ଆଜି ଅପରାହ୍ନରେ ଡାକ୍ତର ପ୍ରଧାନ ଏନେଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଜିଲ୍ଲାପାଳ ଓ ଏସ୍ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ତେବେ ଏନେଇ ଜିଲ୍ଲାପାଳ ଓ ଏସ୍ପିଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।




# ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍ ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା(ଏନ୍.ଏମ୍.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଯୋଗେ କେନ୍ଦ୍ରାପଡ଼ା ଇଛାପୁର ସାମଗୁଡ଼ିଆ ନିକଟସ୍ଥ ନବନିର୍ମିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍‌ର ଶୁଭ ଉଦ୍‌ଘାଟନ କରିଛନ୍ତି। ଭବିଷ୍ୟତ ପାଇଁ ବଡ଼ଶକ୍ତିଭାବେ ଉଭା ହୋଇଥିବା ସଶକ୍ତ ଯୁବଶକ୍ତି ଗଠନ ପାଇଁ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଉପରେ ରାଜ୍ୟ ସରକାର ଅଗ୍ରାଧିକାର ଦେଉଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାର ୨୬ଗୋଟି ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍ ଉଦ୍‌ଘାଟନୀ ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଶା ପୋଷଣ କରିଥିଲେ ଯେ, ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ପିଲାମାନେ କ୍ରୀଡ଼ାକ୍ଷେତ୍ରରେ ନିଜର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ଜାତୀୟ ସ୍ତରରେ ଓଡ଼ିଶାକୁ ଗୌରବାନ୍ୱିତ କରିବେ ଏବଂ ଏହି ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍ ସେମାନଙ୍କୁ ଏ ଦିଗରେ ସୁଯୋଗ ପ୍ରଦାନ କରିବ। ଏହି ଅବସରରେ ୫- ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍ କହିଥିଲେ ଯେ ବହୁମୁଖୀ ଇନ୍‌ଡୋର୍ ଷ୍ଟାଡିୟମ୍ ହେଉଛି ଲୋକମାନଙ୍କର ସମ୍ପତ୍ତି ଓ ତାର ଯତ୍ନ ନେବା ଦାୟିତ୍ୱ ଲୋକମାନଙ୍କର। ଏହି ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ରାପଡ଼ାର ବିଧାୟକ ଶଶୀଭୂଷଣ ବେହେରା, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲା କ୍ରୀଡ଼ା ସମ୍ପାଦକ ସୟଦ ଅକମଲ ଅଲ୍ଲୀ, ବିଭିନ୍ନ ସ୍କୁଲ୍‌ର କ୍ରୀଡ଼ା ଶିକ୍ଷକ, କ୍ରୀଡ଼ାବିତ୍, ଜନପ୍ରତିନିଧି, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଏହି ଉଦ୍‌ଘାଟନୀ ସମାରୋହରେ ଯୋଗ ଦେଇଥିଲେ।

# ନେଟ୍ସ୍‌କୁ ଫେରିଲେ ପନ୍ତ



**ନୂଆଦିଲ୍ଲୀ(ଏନ୍.ଏମ୍.):** ବିସିସିଆଇ ମେଡିକାଲ୍ ଟିମ୍ ଦ୍ୱାରା ଫିଟ୍ ଘୋଷିତ ହେବା ପରେ ଭାରତୀୟ କ୍ରିକେଟର୍ ଋଷଭ ପନ୍ତ ଆଇପିଏଲ୍ ପାଇଁ ଅଭ୍ୟାସ ଆରମ୍ଭ କରିଛନ୍ତି। ୬୬୨ ଦିନ ପରେ ସେ ପ୍ରଥମ ଥର ଦିଲ୍ଲୀ କ୍ୟାପିଟାଲ୍ସର ନେଟ୍ସରେ ଅଭ୍ୟାସ କରିଥିବା ଦେଖାଯାଇଛି। ୨୦୨୨ ଡିସେମ୍ବରରେ ଏକ ଭୟାବହ କାର୍ ଦୁର୍ଘଟଣାର ଶିକାର ହୋଇ ପନ୍ତ ଚିକିତ୍ସାଧୀନ ଥିଲେ। ହସ୍ପିଟାଲ୍ରୁ ଆସିବା ପରଠୁ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ୍ ଏକାଡେମିରେ ଖେଳ ଉପଯୋଗୀ ଫିଟ୍ ହେବା ପର୍ଯ୍ୟନ୍ତ ତାଙ୍କର ଚିକିତ୍ସା ଜାରି ରହିଥିଲା। ଦୁଇ ଦିନ ତଳେ ବିସିସିଆଇ ତାଙ୍କୁ ଫିଟ୍ ଘୋଷିତ କରିବା ସହ ଆଇପିଏଲରେ ଖେଳିବା ପାଇଁ ଯୋଗ୍ୟବୋଲି ଦର୍ଶାଯାଇଥିଲା। ନେଟ୍ସରେ ଅଭ୍ୟାସ କରୁଥିବା ସମୟର ଫଟୋକୁ ଦିଲ୍ଲୀ କ୍ୟାପିଟାଲ୍ସ ନିଜ ସାମାଜିକ ଗଣମାଧ୍ୟମ ପୃଷ୍ଠାରେ ପୋଷ୍ଟ କରିବା ସହ '୬୬୨ ଦିନ ପରେ ଡିସି ରଙ୍ଗରେ ପ୍ରଥମ ଦିନ' ଶୀର୍ଷକ ଦିଆଯାଇଥିଲା।

# ଏଏଫସି ଇଣ୍ଟରଜୋନ୍ ପ୍ଲେ ଅଫ୍ ସେମିଫାଇନାଲ୍: ଓଡ଼ିଶା ଏଫସି ଅଭିଯାନ ଶେଷ



**ଭୁବନେଶ୍ୱର(ଏନ୍.ଏମ୍.):** ଏଏଫସି କପ୍ (୨୦୨୩-୨୪)ରେ ଓଡ଼ିଶା ଏଫସିର ଅଭିଯାନ ଶେଷ ହୋଇଛି। ଇଣ୍ଟରଜୋନ୍ ପ୍ଲେ ଅଫ୍ ସେମିଫାଇନାଲରେ ପହଞ୍ଚିଥିବା ଏହି ଦଳ ଅଷ୍ଟ୍ରେଲିଆର ସେଣ୍ଟ୍ରାଲ୍ କୋଷ୍ଟ ମାରିନର୍ସଠୁ ହାରିଯାଇଛି। ଅଷ୍ଟ୍ରେଲିଆରେ ଖେଳାଯାଇଥିବା ପ୍ରଥମ ଲେଗ୍ରେ ଘରୋଇ ଦଳଠୁ ୦-୪ ଗୋଲ୍ ବ୍ୟବଧାନରେ ହାରିବା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଗତ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ଲେଗ୍ ତଥା ପାଲଟା ମ୍ୟାଚକୁ ଘରୋଇ ଦଳ ଓଡ଼ିଶା ଗୋଲ୍ ଶୂନ୍ୟ ଭାବେ ଅମୀମାଂସିତ ରଖିଥିଲେ ମଧ୍ୟ ଆଗକୁ ଯାଇ ପାରିନି। ପ୍ରଥମ ଲେଗ୍ ଜିତିଥିବା ସେଣ୍ଟ୍ରାଲ୍ କୋଷ୍ଟ ମାରିନର୍ସ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ଗୁରୁବାର ଘରୋଇ ପଡ଼ିଆରେ ଖେଳୁଥିବାରୁ ଓଡ଼ିଶା ଏଫ୍ସି ଭଲ ଆରମ୍ଭ କରିଥିଲା। ହେଲେ ସେଣ୍ଟ୍ରାଲ୍ କୋଷ୍ଟ ମାରିନର୍ସର ରକ୍ଷଣଭାଗକୁ ଭେଦ କରିପାରି ନଥିଲା। ଫଳରେ ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟରେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଗୋଲ୍ ଦେବାକୁ ବହୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ।

# ଯୁବପିଢ଼ିଙ୍କ ଭିତରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ଓମ୍ଫାଡସି ସହାୟତାରେ ବହୁମୁଖୀ ଇନଡୋର ଷ୍ଟାଡିୟମ



**ଭୁବନେଶ୍ୱର(ଏନ୍.ଏମ୍.):** ଓଡ଼ିଶାର ବିଭିନ୍ନ ଗାଁ ଓ ସହରରେ ଥିବା ଯୁବପିଢ଼ିଙ୍କ ଭିତରେ କ୍ରୀଡ଼ା ପ୍ରତିଭା ବିକଶିତ କରିବା ପାଇଁ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଏହି କ୍ରମରେ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ବିଭିନ୍ନ ସ୍ଥାନରେ ବହୁମୁଖୀ ଇନଡୋର ଷ୍ଟାଡିୟମ ନିର୍ମାଣ କରାଯାଉଛି। ରାଜ୍ୟର ୫ଟି ଖଣି ପ୍ରଭାବିତ ଜିଲ୍ଲାର ୧୧ଟି ସହରରେ ଏହି ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ଲାଗି ଆର୍ଥିକ ସହାୟତା ଯୋଗାଇ ଦେଉଛି ଓମ୍ଫାଡସି। ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ଫାଡସି) ସହାୟତାରେ ନିର୍ମାଣ ହୋଇଥିବା ଏହି ବହୁମୁଖୀ ଇନଡୋର ଷ୍ଟାଡିୟମରେ ରହିଛି ଭାରୋତ୍ତଳନ, ବ୍ୟାଡମିଣ୍ଟନ ଏବଂ ଟେବୁଲ୍ ଟେନିସ୍ କୋର୍ଟ। ଏହି କ୍ରୀଡ଼ାରେ ଆଗକୁ ବଢ଼ିବାକୁ ଚାହୁଁଥିବା ଯୁବପିଢ଼ି ଏଠାରେ ଆସି ନିୟମିତ ଅଭ୍ୟାସ କରିବାର ସୁବିଧା ପାଉଛନ୍ତି। ଏହି ଅଭ୍ୟାସ ଫଳରେ ସେମାନଙ୍କ ଭିତରେ ରାଜ୍ୟ ତଥା ଜାତୀୟ ସ୍ତରର ପ୍ରତିଯୋଗିତା ଲାଗି ଆଗ୍ରହ ସୃଷ୍ଟି କରୁଛି। ବର୍ତ୍ତମାନ ସମୟରେ ଶାରୀରିକ ଭାବେ ଫିଟ୍ ରହିବା ପାଇଁ ସମସ୍ତେ ଚାହୁଁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବହୁମୁଖୀ ଇନଡୋର ଷ୍ଟାଡିୟମ ପରିସରରେ ଆଧୁନିକ ବ୍ୟାୟାମ ଓ ଯୋଗାଭ୍ୟାସ କେନ୍ଦ୍ର ସ୍ଥାପନ କରାଯାଇଛି। ଛାତ୍ରଛାତ୍ରୀ, ଯୁବପିଢ଼ି ଏବଂ ସ୍ଥାନୀୟ ଅଞ୍ଚଳର ଖେଳାଳିଙ୍କ ସହିତ ବିଭିନ୍ନ ବର୍ଗର ଲୋକ ଏହି କେନ୍ଦ୍ରକୁ ଆସି ବ୍ୟାୟାମ ଓ ଯୋଗାଭ୍ୟାସ କରୁଛନ୍ତି। ବ୍ୟାୟାମ ପାଇଁ ଆଧୁନିକ ଉପକରଣ ସହିତ ପ୍ରଶିକ୍ଷକ ମଧ୍ୟ ନିୟୋଜିତ ହୋଇଛନ୍ତି। ଓମ୍ଫାଡସି ସହାୟତାରେ ଝାରସୁଗୁଡ଼ା ଜିଲ୍ଲାର ବେଲପାହାଡ଼ ଓ ବ୍ରଜରାଜନଗର, ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା, ବୀରମିତ୍ରପୁର ଓ ରାଜଗାଙ୍ଗପୁର, କେନ୍ଦୁଝର ଜିଲ୍ଲାର ବଡ଼ବିଲ, ଯୋଡା, ଆନନ୍ଦପୁର ଓ ଚମ୍ପୁଆ ସହରରେ ଏହି ଅତ୍ୟାଧୁନିକ କ୍ରୀଡ଼ା ଭିତ୍ତିଭୂମି ରହିଛି। ସେହିପରି ମୟୂରଭଞ୍ଜ ଜିଲ୍ଲାର ଉଦଳା ଏବଂ ଯାଜପୁର ଜିଲ୍ଲାର ବ୍ୟାସନଗରଠାରେ ଏହି ବହୁମୁଖୀ ଇନଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି।

ଆଧୁନିକ ଢାଞ୍ଚାରେ ଏହି ବହୁମୁଖୀ ଇନଡୋର ଷ୍ଟାଡିୟମ ନିର୍ମାଣ କରାଯାଇଛି। ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ଏହି ଭିତ୍ତିଭୂମିକୁ ଅସ୍ଥାୟୀ ଆଶ୍ରୟସ୍ଥଳ ଭାବେ ବ୍ୟବହାର କରାଯିବ। ତା'ଛଡ଼ା କୋଭିଡ୍ ଭଳି ମହାମାରୀ ସମୟରେ ମଧ୍ୟ ଏହାକୁ ଲୋକମାନଙ୍କ ସୁବିଧା ପାଇଁ ବ୍ୟବହାର କରାଯାଇପାରିବ। ବହୁମୁଖୀ ଇନଡୋର ଷ୍ଟାଡିୟମ ସହିତ ଓମ୍ଫାଡସି ସହାୟତାରେ ରାଜ୍ୟର ବିଭିନ୍ନ ଖଣି ପ୍ରଭାବିତ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା, ପାନୀୟ ଜଳ, ରାସ୍ତା ସଂଯୋଗୀକରଣ ଏବଂ ଜୀବିକା ଆଦି କ୍ଷେତ୍ରରେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ଚାଲିଛି।

# ଆଇପିଏଲରୁ ବିଶ୍ୱକପ ଖେଳିବା ପାଇଁ ମିଳିବ ଟିକେଟ




**କୋଲକାତା (ଏଜେନ୍ସି):** ଆଇପିଏଲର ୧୭ତମ ସିଜିନ୍ ମାର୍ଚ୍ଚ ୨୨ରୁ ଆରମ୍ଭ ହେବାକୁ ଯାଉଛି। ଟୁର୍ଣ୍ଣାମେଣ୍ଟର ୧୦ ଦଳ ଏନେଇ ନିଜର ପ୍ରସ୍ତୁତି ଜାରି ରଖିଛନ୍ତି। ପ୍ରାୟ ୨ ମାସ ଧରି ହେବାକୁ ଥିବା ଏହି ସିଜିନ୍ ଟିମ୍ ଇଣ୍ଡିଆର ବହୁ ଖେଳାଳିଙ୍କ ପାଇଁ ଅଗ୍ନିପରୀକ୍ଷା ହେବ। ଆଇପିଏଲରେ ଭଲ ଖେଳ ପ୍ରଦର୍ଶନ କଲେ ଖେଳାଳିଙ୍କୁ ଟିମ୍ ଇଣ୍ଡିଆରେ ଜୁନ୍ ମାସରେ ଆମେରିକା ଏବଂ ୱେଷ୍ଟ ଇଣ୍ଡିଜରେ ହେବାକୁ ଥିବା ଟି-୨୦ ବିଶ୍ୱକପରେ ସାମିଲ କରାଯିବ। ଟି-୨୦ ବିଶ୍ୱ କପରେ ରୋହିତ ଶର୍ମା ଅଧିନାୟକ ହେବେ। କିନ୍ତୁ ତାଙ୍କର ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ ଟିମ୍‌ରେ ଅଧିନାୟକ ଦାୟିତ୍ୱ ହାର୍ଦ୍ଦିକ ପାଣ୍ଡ୍ୟା ତୁଲାଇବେ। ହାର୍ଦ୍ଦିକଙ୍କୁ ଅଧିନାୟକ କରିବା ନେଇ ବିବାଦ ଜାରି ରହିଛି। ଏହାକୁ ନେଇ ରୋହିତ ମଧ୍ୟ ଖୁସି ନାହାନ୍ତି। ଫଳରେ ରୋହିତ ଏବଂ ହାର୍ଦ୍ଦିକଙ୍କ ମଧ୍ୟରେ ସବୁକିଛି ଠିକ୍ ଚାଲି ନ ଥିବା କୁହାଯାଉଛି। ଏହାର ପ୍ରଭାବ ଟି-୨୦ ବିଶ୍ୱକପରେ ଟିମ୍ ଇଣ୍ଡିଆରେ ଦେଖିବାକୁ ମିଳିବ ବୋଲି କୁହାଯାଉଛି। ରୋହିତ ଧର୍ମଶାଳା ଟେଷ୍ଟରେ ଆଘାତ ପାଇଥିଲେ। ଫଳରେ ସେ ତୃତୀୟ ଦିନର ମ୍ୟାଚ୍ ଖେଳି ନ ଥିଲେ। ଏବେ ଆଇପିଏଲରେ ତାଙ୍କୁ ସତର୍କ ରହିବାକୁ ପଡ଼ିବ। ଆଘାତ ଯନ୍ତ୍ରଣା ବଢ଼ିଲେ ତାଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି ହୋଇପାରେ। ବିରାଟ କୋହଲିଙ୍କୁ ଟି-୨୦ ବିଶ୍ୱକପରୁ ଡ୍ରପ୍ କରାଯିବ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ଆଇପିଏଲରେ ବିରାଟ ଭଲ ପ୍ରଦର୍ଶନ କଲେ ଚୟନ କମିଟି ଟି-୨୦ ବିଶ୍ୱକପ ପାଇଁ ତାଙ୍କୁ କେବେ ମଧ୍ୟ ନଜର ଆନ୍ଦାଜ କରିପାରିବେ ନାହିଁ ବୋଲି କୁହାଯାଉଛି।

# ଆଇପିଏଲ ପୂର୍ବରୁ ଫେରିଲେ ବିରାଟ

**କୋଲକାତା(ଏନ୍.ଏମ୍.):** ଭାରତୀୟ କ୍ରିକେଟର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ଭାରତ ଫେରିଛନ୍ତି। ବିରାଟ ପ୍ରାୟ ଦୁଇମାସ ବିରତିରେ ଥିଲେ। ଏହି କାରଣରୁ ସେ ଇଂଲଣ୍ଡ ବିପକ୍ଷ ୫ଟିକିଆ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଭାଗ ନେଇ ନଥିଲେ। ବିରାଟଙ୍କ ପତ୍ନୀ ଅନୁଷ୍କା ଶର୍ମା ଗତ ମାସରେ ମା' ହୋଇଥିଲେ। ପୁଅ ଅକାୟଙ୍କ ଜନ୍ମ ଯୋଗୁ ବିରାଟ କୋହଲି କ୍ରିକେଟରୁ ସାମୟିକ ବିରତି ନେବାକୁ ନିଷ୍ପତ୍ତି ନେଇଥିଲେ। ଏବେ ବିରାଟ କୋହଲି ଆଇପିଏଲରେ ପଡ଼ିଆକୁ ଫେରିବାକୁ ପ୍ରସ୍ତୁତ ଅଛନ୍ତି। ବିମାନବନ୍ଦରରେ ବିରାଟ କୋହଲିଙ୍କୁ ଦେଖିବାକୁ ମିଳିଥିଲା। ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଇଭେଣ୍ଟରେ ମଧ୍ୟ ଭାଗ ନେବେ ବୋଲି କୁହାଯାଉଛି। ଏହାପୂର୍ବରୁ ଜଣାଯାଇଥିଲା ଯେ ଆରସିବିର 'ଅନବକ୍ସ' ଇଭେଣ୍ଟ ପୂର୍ବରୁ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ୍ ବେଙ୍ଗାଲୁରୁରେ ତାଙ୍କ ସାଥୀମାନଙ୍କ ସହ ଯୋଗ ଦେଇପାରନ୍ତି। ମାର୍ଚ୍ଚ ୧୯ରେ ବେଙ୍ଗାଲୁରୁରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଆରସିବିର ପ୍ରି-ସିଜନ୍ କ୍ୟାମ୍ପ ମଧ୍ୟ ଆରମ୍ଭ ହୋଇଛି ଏବଂ ବିରାଟଙ୍କ ବ୍ୟତୀତ ପ୍ରାୟ ସମସ୍ତ ଖେଳାଳି ଏଥିରେ ଯୋଗ ଦେଇଛନ୍ତି। ବିରାଟ କୋହଲିଙ୍କୁ ଟି-୨୦ ବିଶ୍ୱକପ ୨୦୨୪ରୁ ବାହାର କରିବା ନେଇ ଆଲୋଚନା ହେଉଛି। ଫଳରେ ଆଇପିଏଲ୍ ତାଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ଆଇପିଏଲ ଇତିହାସରେ ବିରାଟ ସବୁଠାରୁ ସଫଳ ବ୍ୟାଟ୍ସମ୍ୟାନ୍। ଲିଗ୍ରେ କେବଳ ତାଙ୍କ ନାମରେ ୭୦୦୦ରୁ ଅଧିକ ରନ୍ ଅଛି। ଏପରିକି ଟି -୨୦ ବିଶ୍ୱକପରେ ବିରାଟଙ୍କ ଅପେକ୍ଷା ଅନ୍ୟ କାହା ନାମରେ ଅଧିକ ରନ୍ ସଂଗ୍ରହର ରେକର୍ଡ ନାହିଁ।







# ଅତୁଳନୀୟ ଜେମ୍ସ ଆଣ୍ଡରସନ୍



**ଭୁବନେଶ୍ୱର (ଏନ୍.ଏମ୍.):** ଏବର୍ଷର ଭାରତ ଗସ୍ତରେ ଇଂଲଣ୍ଡ କ୍ରିକେଟ୍ ଦଳ ଆଶାଜନକ ପ୍ରଦର୍ଶନ କରିପାରିନି। ହେଲେ ଏହି ଦଳର ଅଭିଜ୍ଞ ବୋଲର ଜେମ୍ସ ଆଣ୍ଡରସନ୍‌ଙ୍କ ପାଇଁ ଭାରତ ଆସିବା ଚିରଦିନ ଲାଗି ଅବିସ୍ମରଣୀୟ ହୋଇଯାଇଛି। କାରଣ ଏହି ଗସ୍ତରେ ହିଁ କ୍ରିକେଟ୍ ଇତିହାସର ପ୍ରଥମ ଓ ଏକମାତ୍ର ଦ୍ରୁତ ବୋଲର ଭାବେ ୭୦୦ ଟେଷ୍ଟ୍ ୱିକେଟର ମାଇଲଖୁଣ୍ଟ ଛୁଇଁଛନ୍ତି ସେ। ଏଭଳି ଏକ ଅସାଧାରଣ ବିଶ୍ୱ କୀର୍ତ୍ତିମାନ ଛୁଇଁବା ଲାଗି ତାଙ୍କ ଯାତ୍ରା ଥିଲା ବେଶ୍ ଶିକ୍ଷଣୀୟ ଓ ପ୍ରେରଣାଦାୟୀ। ସାଧାରଣତଃ ଟେଷ୍ଟ୍ କ୍ରିକେଟରେ ଜଣେ ଦ୍ରୁତ ବୋଲର ୭୦୦ ୱିକେଟ୍ ପୂର୍ଣ୍ଣ କରିବା ଆଦୌ ସହଜ ନୁହେଁ। ମାତ୍ର କିଛି ବର୍ଷ ପୂର୍ବେ ଏହା ପୂରା ଅସମ୍ଭବ ଲାଗୁଥିଲା, ଅତ୍ୟନ୍ତ କଷ୍ଟକର ବି ଥିଲା। କାରଣ ଦ୍ରୁତ ବୋଲରଙ୍କୁ ଅଧିକାଂଶ ସମୟ ଆହତ ସମସ୍ୟା ପିଛା କରୁଥିବାରୁ ସେମାନେ ଲମ୍ବା ସମୟ ଖେଳିପାରନ୍ତି ନାହିଁ। ଏହି ଲକ୍ଷ୍ୟ ଏଭରେଷ୍ଟ ଭଳି ଉଚ୍ଚ ଥିଲେ ବି ୪୨ ବର୍ଷୀୟ ଆଣ୍ଡରସନ୍ ଏହାକୁ ସମ୍ଭବ କରି ଦେଖାଇଛନ୍ତି। ଧର୍ମଶାଳାରେ ଖେଳାଯାଇଥିବା ଭାରତ-ଇଂଲଣ୍ଡ ଟେଷ୍ଟର ଅନ୍ତିମ ଦିବସରେ ଏହି ମହାନ ବୋଲର ୭୦୦ ୱିକେଟ୍ ମାଇଲଖୁଣ୍ଟ ଛୁଇଁ ବିଦାୟ ନେଇଛନ୍ତି। ୨୧ ବର୍ଷ ଧରି ଟେଷ୍ଟ କ୍ରିକେଟ୍ ଖେଳିବା କିଛି କମ୍ ବଡ଼ ଉପଲବ୍ଧି ନୁହେଁ। ୧୮୭ ଟେଷ୍ଟରୁ ସେ ଏଭଳି ସଫଳତା ସାଉଁଟିଛନ୍ତି। ମୋଟ ଅନ୍ତର୍ଜାତୀୟ ୱିକେଟ୍ ମଧ୍ୟ ୧୦୦୦ ମୁହାଁ ହୋଇଛି। ଦିନିକିଆରୁ ୨୬୯ ଓ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରୁ ୧୮ ୱିକେଟ୍ ନେଇଥିବାରୁ ମାତ୍ର ୧୩ ୱିକେଟ୍ ଦୂରରେ ରହିଛନ୍ତି। ଅର୍ଥାତ୍ ତାଙ୍କ ମୋଟ ଅନ୍ତର୍ଜାତୀୟ ୱିକେଟ୍ ଏବେ ୯୮୭ରେ ପହଞ୍ଚି ସାରିଛି। ଧର୍ମଶାଳାରେ ଖେଳାଯାଇଥିବା ପଞ୍ଚମ ଟେଷ୍ଟରେ କୁଳଦୀପ ଯାଦବଙ୍କୁ ସେ ଆଉଟ୍ କରି ୭୦୦ କ୍ଲବରେ ସାମିଲ ହୋଇଛନ୍ତି। ସର୍ବାଧିକ ୱିକେଟ୍ ହାସଲକାରୀଙ୍କ ତାଲିକାରେ ମୁଥେୟା ମୁରଲୀଧରନ୍ (୮୦୦) ଓ ସେନ୍ ୱର୍ଣ୍ଣ (୭୦୮)ଙ୍କ ପଛକୁ ଆଣ୍ଡରସନ୍ ରହିଛନ୍ତି। କିନ୍ତୁ ଭାରତରେ ଏହି ମାଇଲଖୁଣ୍ଟରେ ପହଞ୍ଚିବାକୁ ତାଙ୍କୁ ଖୁବ୍ ସଂଘର୍ଷ କରିବାକୁ ପଡ଼ିଥିଲା। ଭାରତ ଗସ୍ତରେ ଆସିବା ପୂର୍ବରୁ ତାଙ୍କ ୱିକେଟ୍ ସଂଖ୍ୟା ୬୯୦ ଥିଲା। ହାଇଦ୍ରାବାଦ୍ ଟେଷ୍ଟକୁ ଛାଡ଼ିଦେଲେ ଅନ୍ୟ ୪ ମ୍ୟାଚରେ ସେ ଖେଳିଥିଲେ। ବିଶାଖାପାଟଣା ମ୍ୟାଚରେ ସେ ଉଭୟ ପାଳିରୁ ୫ ୱିକେଟ୍ ନେଇଯିବା ପରେ ଖୁବ୍ ଶୀଘ୍ର ମାଇଲଖୁଣ୍ଟରେ ପହଞ୍ଚିଯିବେ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ପରବର୍ତ୍ତୀ ୩ ମ୍ୟାଚରେ ଯଥାକ୍ରମେ ୧, ୨, ୨ ୱିକେଟ୍ ନେଇ ମାଇଲଖୁଣ୍ଟ ଛୁଇଁଛନ୍ତି। ଭାରତୀୟ ମାଟିରେ ଟେଷ୍ଟ୍ କ୍ରିକେଟ୍ ଖେଳିବା ସବୁବେଳେ ପ୍ରତିପକ୍ଷଙ୍କ ପାଇଁ ଏକ ଆହ୍ୱାନ ହୋଇଥାଏ। ଏଠାକାର ସ୍ପିନ ପିଚରେ ଦ୍ରୁତ ବୋଲରଙ୍କ ପ୍ରଭାବ ପ୍ରାୟତଃ ଦେଖିବାକୁ ମିଳି ନଥାଏ। କିନ୍ତୁ ଯେତେବେଳେ ଭାରତ ଗସ୍ତ ପାଇଁ ଇଂଲଣ୍ଡ ଦଳ ଚୟନ ହୋଇଥିଲା, ସେତେବେଳେ ଅଭିଜ୍ଞତା ଭିତ୍ତିରେ ଆଣ୍ଡରସନ୍‌ଙ୍କୁ ସୁଯୋଗ ମିଳିଥିଲା। ଭାରତୀୟ ପିଚରେ ଦ୍ରୁତ ବୋଲରଙ୍କୁ ସହାୟତା ମିଳୁ ନଥିଲେ ମଧ୍ୟ ସେ ପୂର୍ବରୁ ଏଠାରେ ଖେଳି ପ୍ରଚୁର ୱିକେଟ୍ ପାଇଛନ୍ତି। ତେଣୁ ଆଣ୍ଡରସନ୍ ବହୁ ଆଗରୁ ପ୍ରସ୍ତୁତି ଚଳାଇଥିଲେ। ବିଶେଷ କରି ତାଙ୍କ ରନ୍‌ଅପରେ ପରିବର୍ତ୍ତନ ଆଣିବାକୁ ସେ ଚେଷ୍ଟା କରିଥିଲେ। ଅଧିକ ଜୋର୍ରେ ଦୌଡ଼ିବା ଅପେକ୍ଷା ଗତି ସାମାନ୍ୟ ଧିମା କରିବା ସହ ବଲ୍ ପକାଇବା ବେଳେ ହାତକୁ ଠିକ୍ ଲାଇନ୍ରେ ଛାଡ଼ିବାକୁ ସେ ଅଭ୍ୟାସ କରିଥିଲେ।

ଭାରତରେ ସବୁଠୁ ବୟସ୍କ ଦ୍ରୁତ ବୋଲର ଭାରତ ସହିତ ଦ୍ୱିତୀୟ ଟେଷ୍ଟ୍ ମ୍ୟାଚ୍ ଖେଳିବା ସମୟରେ ଆଣ୍ଡରସନ୍ ସବୁଠୁ ବୟସ୍କ ଦ୍ରୁତ ବୋଲର ହୋଇଥିଲେ। ଫେବ୍ରୁଆରି ୨ ତାରିଖରେ ପଡ଼ିଆରେ ପ୍ରବେଶ କଲା ବେଳକୁ ଆଣ୍ଡରସନ୍‌ଙ୍କ ବୟସ ୪୧ ବର୍ଷ ୧୮୭ ଦିନ ହୋଇଥିଲା। ଏହାଫଳରେ ସେ ୭୨ ବର୍ଷର କୀର୍ତ୍ତିମାନକୁ ଭାଙ୍ଗି ଦେଇଛନ୍ତି। ଭାରତର କିମ୍ବଦନ୍ତି ଦ୍ରୁତ ବୋଲର ଲାଲା ଅମରନାଥ ୧୯୫୨ ମସିହାରେ ବୟସ୍କ ଦ୍ରୁତ ବୋଲର ଭାବେ ଟେଷ୍ଟ୍ ମ୍ୟାଚ୍ ଖେଳିଥିଲେ। ଇଡେନ୍ ଗାର୍ଡନ୍ସରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍ ବେଳକୁ ତାଙ୍କର ବୟସ ୪୧ ବର୍ଷ ୯୨ ଦିନ ହୋଇଥିଲା। ଆଣ୍ଡରସନ୍ ଓ ଅମରନାଥଙ୍କ ବ୍ୟତୀତ ଏହି ତାଲିକାରେ ରୟ ଲିଣ୍ଡୱାଲ୍ (୩୮ବର୍ଷ ୧୧୨ ଦିନ), ସୁଟି ବାନାର୍ଜୀ (୩୭ ବର୍ଷ ୧୨୪ ଦିନ) ଓ ଗୁଲାମ ଗାର୍ଡ (୩୪ ବର୍ଷ ୨୦ଦିନ) ରହିଛନ୍ତି। ସେହିପରି ବୟସ୍କ ଖେଳାଳିଙ୍କ ତାଲିକାରେ ଆଣ୍ଡରସନ୍ ପଞ୍ଚମ ଖେଳାଳି ହୋଇଛନ୍ତି। ଜିମ୍ବାୱେର ଜନ୍ ଟ୍ରାଇକସ୍ ୧୯୯୩ ମସିହାରେ ୪୫ବର୍ଷ ୩୪ ଦିନ ବୟସରେ ଖେଳି ସବୁଠୁ ବୟସ୍କ ଖେଳାଳି ହୋଇଥିଲେ। ୧୯୯୩ରେ ଦିଲ୍ଲୀରେ ସେ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ। ତାଙ୍କ ପଛକୁ ପାକିସ୍ତାନର ଅମିର ଇଲାହି (୪୪), ଭାରତର ବିନୁ ମଙ୍କଡ଼ (୪୧) ବୟସ୍କ ଖେଳାଳି ଭାବେ ଭାରତରେ ଟେଷ୍ଟ୍ ମ୍ୟାଚ୍ ଖେଳିଛନ୍ତି।

Printed and Published by Smt. Manasi Sahoo on behalf of Nishkarsha Media Entertainment & Publication. Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025 (ODISHA).
Printed at Durga Madhav Printers, At- Bajrakbati Road, Po- Buxi Bazar, Dist-Cuttack (Odisha). Mob- 8895134289, 9938725879. Email : nishkarsha.media@gmail.com.
Our Website: nishkarsha.com
Editor : TAPAN KUMAR SAHOO
Email for Admin.: nishkarshamedia.admn@gmail.com, Email for Editor: nishkarsha.editor@gmail.com, Email for Advertisement: nishkarsha.advt@gmail.com
ସମ୍ପାଦକ: ତପନ କୁମାର ସାହୁ